# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୪/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, April 24/2021 | ★★★★★★

୪୭ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରିଅଲ ଲାଇଫ ହିରୋ ସୋନୁ ସୁଦ୍**

ନାଗପୁରର ଜଣେ ଗୁରୁତର କରୋନା ରୋଗୀଙ୍କୁ ଚିକିତ୍ସା ପାଇଁ ବିମାନରେ ହାଇଦ୍ରାବାଦ ନେଇ ରିଅଲ ଲାଇଫରେ ହିରୋ ସାଜିଛନ୍ତି ଅଭିନେତା ସୋନୁ ସୁଦ୍।

୧୦

୦୯

**ୱାର୍ଲ୍ଡ ୟୁଥ୍ ବକ୍ସିଂରେ ସଚିନଙ୍କୁ ସ୍ୱର୍ଣ୍ଣ**

ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ସଚିନ ସିୱାଚ ୫୬କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



# ଆଖି ବୁଜିଲେ ୩୮ ରୋଗୀ

## ଦିଲ୍ଲୀରେ ଅକ୍ସିଜେନ ସଙ୍କଟ: ୨୫ ମୃତ

**ନୂଆଦିଲ୍ଲୀ, ୨୩।୪**

ଜାତୀୟ ରାଜଧାନୀ ଦିଲ୍ଲୀର ଅନେକ କୋଭିଡ୍ ହସ୍ପିଟାଲରେ ୪ ଦିନ ହେଲା ଅକ୍ସିଜେନ ଅଭାବରୁ ଚିକିତ୍ସାଧୀନ ରୋଗୀ ଆଖି ବୁଜିବାରେ ଲାଗିଛନ୍ତି। ଏହିକ୍ରମରେ ସାର୍ ଗଙ୍ଗାରାମ ହସ୍ପିଟାଲ(ଏସ୍‌ଜିଆର୍‌ଏଚ୍)ରେ ଶୁକ୍ରବାର ଅକ୍ସିଜେନ ସଙ୍କଟ ଘାତକ ସାଜିଥିବା କୁହାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଉକ୍ତ ହସ୍ପିଟାଲର ୨୫ ରୋଗୀଙ୍କ ମୃତ୍ୟୁ ଘଟିଛି। ଏହାସହ ଅନ୍ୟ ୬୦ କରୋନା ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ଦିଲ୍ଲୀର ହାଇପ୍ରୋଫାଇଲ ଗଙ୍ଗାରାମ ହସ୍ପିଟାଲରେ ଅମ୍ଳଜାନର ନିମ୍ନ ଚାପ ଯୋଗୁ ୨୫ ରୋଗୀଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି କୁହାଯାଉଛି। ରୋଗୀଙ୍କ ମୃତ୍ୟୁ ସମ୍ପର୍କରେ ହସ୍ପିଟାଲ ପକ୍ଷରୁ ସକାଳ ୮ଟାରେ ସୂଚନା ଦିଆଯାଇଥିଲା। ଅମ୍ଳଜାନର ନିମ୍ନ ଚାପ ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ମେଡିକାଲ ଡାଇରେକ୍ଟର ସତ୍ୟେନ୍ଦ୍ର କାଟୋଚ୍ କହିଥିଲେ। ଏହି ଅଭୂତପୂର୍ବ ସଙ୍କଟ ପରେ ସକାଳ ୯ଟା ୨୦ ମିନିଟରେ ଏକ ଅକ୍ସିଜେନ ଟ୍ୟାଙ୍କର ପହଞ୍ଚିଥିଲା। ସେଥିରେ ଥିବା ଅମ୍ଳଜାନ ୫ ଘଣ୍ଟା ଯିବ ବୋଲି ହସ୍ପିଟାଲର ଜଣେ ଅଧିକାରୀ କହିଛନ୍ତି। ତେବେ ଅକ୍ସିଜେନ ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ବିଷୟକୁ ଏସ୍‌ଜିଆର୍‌ଏଚ୍ ଅଧ୍ୟକ୍ଷ ଡକ୍ଟର ଡି.ଏସ୍. ରାଣା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଆଇସିୟୁରେ ଅକ୍ସିଜେନ ନିମ୍ନ ଚାପ ହେବା ପରେ ରୋଗୀମାନଙ୍କୁ ଆମେ ମାନୁଆଲି ଅମ୍ଳଜାନ ଦେଇଥିଲୁ। ପ୍ରକାଶ ଯେ, ଏସ୍‌ଜିଆର୍‌ଏଚ୍‌ରେ ଚିକିତ୍ସାଧୀନ ୧୪୦ ଗୁରୁତର ରୋଗୀ ଭେଣ୍ଟିଲେଟର ଓ ଅକ୍ସିଜେନ ସପୋର୍ଟରେ ଥିବା ନେଇ ଗୁରୁବାର ସନ୍ଧ୍ୟାରେ କୁହାଯାଇଥିଲା। ଦିଲ୍ଲୀ ସରକାରଙ୍କ ଉଦ୍ୟମରେ ରାତି ଗୋଟାଏରେ ୨ ମେଟ୍ରିକ୍ ଟନ୍ ଅକ୍ସିଜେନ ହସ୍ପିଟାଲକୁ ଯୋଗାଇ ଦିଆଯାଇଥିଲା। ଅନ୍ୟପକ୍ଷେ ନୂଆଦିଲ୍ଲୀସ୍ଥିତ ମାକ୍ସ ହସ୍ପିଟାଲରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଏଠାରେ ୭୦୦ ରୋଗୀ ଚିକିତ୍ସାଧୀନ ଥିବାବେଳେ ମହଜୁଦ ଅକ୍ସିଜେନ କିଛି ଘଣ୍ଟା ମଧ୍ୟରେ ଶେଷ ହୋଇଯିବା ଦର୍ଶାଇ ଶୁକ୍ରବାର ସକାଳେ ହସ୍ପିଟାଲ କର୍ତ୍ତୃପକ୍ଷ ଜରୁରୀ ସହାୟତା ଲୋଡ଼ିଥିଲେ। ୨ ଘଣ୍ଟା ପରେ ହସ୍ପିଟାଲ ପକ୍ଷରୁ ଟୁଇଟ୍ କରାଗଲା, ଜରୁରୀ ଆବଶ୍ୟକତା ପୂରଣ ପାଇଁ ଅକ୍ସିଜେନ ଯୋଗାଇ ଦିଆଯାଇଛି, ଯାହାକି ମାତ୍ର ୨ ଘଣ୍ଟା ଯିବ। ପୂର୍ବାହ୍ନ ୯ଟା ୩୦ରେ ମାକ୍ସ ହେଲ୍‌ଥ କେୟାର ପକ୍ଷରୁ ପୁଣି ସୂଚନା ଦିଆଗଲା ଯେ, ଆଉ କିଛି ସିଲିଣ୍ଡର ପହଞ୍ଚିଛି, ଯାହାକି ପରବର୍ତ୍ତୀ ୨ ଘଣ୍ଟାରେ ଶେଷ ହୋଇଯିବ। ଆମେ ଅଧିକ ସିଲିଣ୍ଡର ଯୋଗାଣକୁ ଅପେକ୍ଷା କରିଛୁ।

## ୧୩ କରୋନା ଆକ୍ରାନ୍ତ ଦଗ୍ଧ

**ପାଲଘର ହସ୍ପିଟାଲରେ ନିଆଁ**

**ପାଲଘର, ୨୩।୪**

ମହାରାଷ୍ଟ୍ରର ନାସିକସ୍ଥିତ ଏକ ହସ୍ପିଟାଲରେ ଅକ୍ସିଜେନ ବିଭ୍ରାଟ ଯୋଗୁ ୨୯ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟଣାକୁ ଦୁଇଦିନ ନ ବିତୁଣୁ ପାଲଘରରୁ ଆଉ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପାଲଘର ଜିଲା ବିରାରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିବାରୁ ଚିକିତ୍ସାଧୀନ ୧୩ ରୋଗୀଙ୍କ ମୃତ୍ୟୁ ଘଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଭଗତ ସିଂ କୋଶିୟାରୀ, ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ତିରୁପତି ନଗରସ୍ଥିତ ବିଜୟ ବଲ୍ଲଭ ହସ୍ପିଟାଲରେ ଭୋର ୩ଟା ୧୫ରେ ହଠାତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିଲା। ୪ ମହଲା ବିଶିଷ୍ଟ ହସ୍ପିଟାଲର ଦ୍ୱିତୀୟ ସେକେଣ୍ଡ ଫ୍ଲୋରରେ



ଥିବା ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିବା ☞ପୃଷ୍ଠା–୪

## ଅବସର ନେଲେ ସିଜେଆଇ ବୋବ୍‌ଡେ

**ଆଜି ଶପଥ ନେବେ ଜଷ୍ଟିସ ରମାନା**



ଜଷ୍ଟିସ ଏସ୍.ଏ. ବୋବ୍‌ଡେ

**ନୂଆଦିଲ୍ଲୀ, ୨୩।୪**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦରୁ ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଶୁକ୍ରବାର ଅବସର ନେଇଛନ୍ତି। ଦେଶର ସର୍ବୋଚ୍ଚ ଅଦାଲତର ନେତୃତ୍ୱ ନେବାରେ ଖୁବ୍ ଭଲ କାର୍ଯ୍ୟ କରିଥିବାରୁ ସେ ବେଶ୍ ସନ୍ତୁଷ୍ଟ ବୋଲି ବିଦାୟ ସମୟରେ କହିଛନ୍ତି। ଶୁକ୍ରବାର ଶେଷ କାର୍ଯ୍ୟଦିବସରେ ତାଙ୍କୁ ବିଦାୟ ଜଣାଇବା ଲାଗି କୋର୍ଟ ରୁମ୍‌ରେ ସଂକ୍ଷିପ୍ତ ଉତ୍ସବର ଆୟୋଜନ କରାଯାଇଥିଲା। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

କଡ଼ା ପଦକ୍ଷେପ

## ୪ ରାଜ୍ୟକୁ ଗଲା ୨୫୦ ଟନ୍ ଅକ୍ସିଜେନ



ବାହାର ରାଜ୍ୟକୁ ଅକ୍ସିଜେନ ପଠାଇବା ପାଇଁ ବାୟୁସେନା ସ୍ୱତନ୍ତ୍ର ବିମାନ ଯୋଗେ ଓଡ଼ିଶାକୁ ଅଣାଯାଇଥିବା ଖାଲି ଟ୍ୟାଙ୍କର।

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ୨୪ ଘଣ୍ଟାରେ ରାଜ୍ୟ ବାହାରକୁ ୨୫୦ ଟନ୍ ଅକ୍ସିଜେନ ପଠାଯାଇଛି। ପ୍ରାୟ ୧୫ ଟ୍ୟାଙ୍କରରେ ୪ ରାଜ୍ୟକୁ ଏହି ଅକ୍ସିଜେନ ଯାଇଛି। ଯାଜପୁର, ଅନୁଗୋଳ ଓ ରାଉରକେଲାରୁ ଏହି ମେଡିକାଲ ଅକ୍ସିଜେନ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ତେଲଙ୍ଗାନାର ହାଇଦ୍ରାବାଦ, ମଧ୍ୟପ୍ରଦେଶର ଇନ୍ଦୋର ଏବଂ ମହାରାଷ୍ଟ୍ରର ମୁମ୍ବାଇ, ପୁଣେ ଓ ନାଗପୁରକୁ ସୁରକ୍ଷା ବଳୟ ମଧ୍ୟରେ ପଠାଯାଇଛି। ଟ୍ୟାଙ୍କରଗୁଡ଼ିକ ବିନା ପ୍ରତିବନ୍ଧକରେ ଯାତାୟାତ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଗ୍ରୀନ କରିଡ଼ର କରାଯାଇଥିଲା। ଫଳରେ ରୋଗୀଙ୍କ ନିକଟରେ ମେଡିକାଲ ଅକ୍ସିଜେନ ପହଞ୍ଚିବାରେ କୌଣସି ବିଳମ୍ବ ହେବନାହିଁ ବୋଲି ରାଜ୍ୟ ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଯୋଗ୍ୟ, କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ବିଭିନ୍ନ ରାଜ୍ୟରେ ଅକ୍ସିଜେନ ଅଭାବ ପରିଲକ୍ଷିତ ହେଉଛି। ଅକ୍ସିଜେନ ସମସ୍ୟା ଦୂର ପାଇଁ ଓଡ଼ିଶା ସହାୟତାର ହାତ ବଢ଼ାଇଛି। ଅକ୍ସିଜେନ ଯୋଗାଣ ସ୍ଥିତି ଅନୁଧ୍ୟାନ ☞ପୃଷ୍ଠା–୪

## ଆଜିଠୁ ସପ୍ତାହାନ୍ତ ଶଟ୍‌ଡାଉନ

**କୋଭିଡ୍-୧୯ କଟକଣା**

- ପ୍ରାତଃଭ୍ରମଣ ପାଇଁ ଘଣ୍ଟାଏ କୋହଳ
- ଜରୁରୀ କାର୍ଯ୍ୟ, ଶିଳ୍ପସଂସ୍ଥା କର୍ମଚାରୀ ପରିଚୟପତ୍ର ଦେଖାଇ ଯାଇପାରିବେ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟରେ କୋଭିଡ୍–୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଦୈନିକ ସଂକ୍ରମଣ ସଂଖ୍ୟା ୬ ହଜାର ଟପିଲାଣି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ରାଜ୍ୟ ସରକାର ରାଜ୍ୟର ସମସ୍ତ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। ଛତିଶଗଡ଼କୁ ଲାଗିଥିବା ☞ପୃଷ୍ଠା–୪

## ଓଡ଼ିଶା କେତେ ପ୍ରସ୍ତୁତ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ମେ ପ୍ରଥମ ସପ୍ତାହରେ ଓଡ଼ିଶାରେ କରୋନା ସଂକ୍ରମଣ ଶୀର୍ଷରେ ପହଞ୍ଚିପାରେ ବୋଲି ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି) ସିବିକେ ମହାନ୍ତି ଆଶଙ୍କା ପ୍ରକାଶ କରିଛନ୍ତି। ଗତ ୩/୪ଦିନର ଦୈନିକ ସଂକ୍ରମଣ ସ୍ଥିତି ଦେଖିଲେ ଡିଏମ୍‌ଇଟିଙ୍କ କଥା ସତ



ହେବା ଭଳି ଲାଗୁଛି। ମହାରାଷ୍ଟ୍ର, ଦିଲ୍ଲୀ, ଉତ୍ତରପ୍ରଦେଶ, ଛତିଶଗଡ଼ ଆଦି କେତେକ ରାଜ୍ୟରେ କରୋନା ଯେପରି ଘାତକ ରୂପ ନେଇଛି ସେହି ସ୍ଥିତି ଓଡ଼ିଶାରେ ନ ଥିଲେ ମଧ୍ୟ ଦୈନିକ ସଂକ୍ରମଣ ରେକର୍ଡ ଭାଙ୍ଗି ଚାଲିଛି। ଏହିସ୍ଥଳେ ଓଡ଼ିଶା ସରକାର ଅନ୍ୟ ରାଜ୍ୟକୁ ଯେଭଳି ଅକ୍ସିଜେନ ଯୋଗାଇବାରେ ଲାଗିଛନ୍ତି, ତାହାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କଲେଣି। କରୋନା ଦ୍ୱାରା ସାଧାରଣତଃ ସଂକ୍ରମିତଙ୍କ ଅକ୍ସିଜେନ ସ୍ତର କମିଯାଉଥିବାବେଳେ ଏବେ ଅମ୍ଳଜାନ ଅଭାବରୁ ଦେଶର ହସ୍ପିଟାଲଗୁଡ଼ିକରେ ପ୍ରତିମୁହୂର୍ତ୍ତରେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଅକ୍ସିଜେନ ସଙ୍କଟର ସଦ୍ୟ ଦୃଷ୍ଟାନ୍ତ। ଏହି କଥାରୁ ଓଡ଼ିଶା ସରକାର ହେଜିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତଦେଇଛନ୍ତି। ରାଜ୍ୟରେ ବିପଦ କେତେ ଘନେଇବ ତାହାକୁ ଆକଳନ ☞ପୃଷ୍ଠା–୪




**୫୧ତମ ରାଜ୍ୟ ହେବ ୱାଶିଂଟନ ଡିସି**

ଆମେରିକା ରାଜଧାନୀ ୱାଶିଂଟନ ଡିସିକୁ ଦେଶର ୫୧ତମ ରାଜ୍ୟ ମାନ୍ୟତା ଦେବା ଲାଗି ପ୍ରତିନିଧି ସଭାରେ ବିଲ୍ ଗୃହୀତ ହୋଇଛି। ତେବେ ରିପବ୍ଲିକାନ ପାର୍ଟି ନିୟନ୍ତ୍ରଣରେ ଥିବା ସିନେଟରେ ବିଲକୁ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇପାରେ। ଗୁରୁବାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଏଚ୍.ଆର୍.୫୧, ୱାଶିଂଟନ ଡିସି ଆଡମିଶନ ଆକ୍ଟ ୨୧୬-୨୦୮ ଭୋଟରେ ଗୃହୀତ ହୋଇଛି। ତେବେ ସିନେଟରେ ରିପବ୍ଲିକାନ ସଦସ୍ୟମାନେ ଉକ୍ତ ବିଲକୁ ବିରୋଧ କରିବା ସମ୍ଭାବନା ରହିଛି।



## ସଂକ୍ଷେପରେ

### ଭାରତରୁ ବିମାନ ବାତିଲ କଲା କାନାଡା

**ନୂଆଦିଲ୍ଲୀ, ୨୩।୪:** କୋଭିଡ୍ ସଂକ୍ରମଣ ବର୍ତ୍ତମାନ ଚିନ୍ତା ବଢ଼ାଇଛି। ଏହାକୁ ଧ୍ୟାନରେ ରଖି ଭାରତରୁ ଯାଉଥିବା ସବୁ ଫ୍ଲାଇଟକୁ କାନାଡା ବାତିଲ କରିଦେଇଛି। କାନାଡା ଭାରତ ଉପରେ ୩୦ ଦିନର ବ୍ୟାନ୍ ଲଗାଇଥିବା ଜଣାପଡ଼ିଛି। ପାକିସ୍ତାନରୁ ଯାଉଥିବା ବିମାନ ଉପରେ ମଧ କାନାଡା କଟକଣା ଲଗାଇଛି। ବର୍ତ୍ତମାନ ୟୁନାଇଟେଡ୍ ଆରବ ଏମିରେଟ୍ସ, ବ୍ରିଟେନ ଏବଂ ହଂକଂ ଭଳି ଦେଶ ଭାରତରୁ ବିମାନ ସେବାକୁ ବାତିଲ କରିଛନ୍ତି। କୋଭିଡ୍ ବଢୁଥିବାରୁ ବିମାନ କଟକଣା କଡ଼ାକଡ଼ି କରିବାକୁ ସିଙ୍ଗାପୁର ଏବଂ ଇଣ୍ଡୋନେସିଆ ମଧ ନିଷ୍ପତ୍ତି ନେଇଥିବା ଜଣାପଡିଛି।

### ଭାରତ ନ ଯିବା ଲାଗି ଆମେରିକୀୟଙ୍କୁ ପରାମର୍ଶ

**ୱାଶିଂଟନ, ୨୩।୪ (ପି.ଟି.):** କରୋନା ସଂକ୍ରମଣ ବଢ଼ିଚାଲିଥିବା ଭାରତ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଏବଂ ମାଲଦ୍ୱୀପକୁ ନ ଯିବା ଲାଗି ଆମେରିକା ଏହାର ନାଗରିକମାନଙ୍କୁ ପରାମର୍ଶ ଦେଇଛି। ଗୁରୁବାର ଜାରି ହୋଇଥିବା ଟ୍ରାଭେଲ ଆଡଭାଇଜରିରେ ଚାଇନା ଓ ନେପାଳ ଗସ୍ତର ପୁନର୍ବିଚାର କରିବାକୁ କୁହାଯିବା ସହ ଶ୍ରୀଲଙ୍କା ଭ୍ରମଣ ବେଳେ ଅଧିକ ସତର୍କ ରହିବାକୁ କୁହାଯାଇଛି। ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ ଓ ମାଲଦ୍ୱୀପ ପାଇଁ ଲେଭଲ୍-୪ ଆଡଭାଇଜରି ଜାରି ହୋଇଛି।

### ଅଭିନେତା ଅମିତ୍ ମିସ୍ତ୍ରିଙ୍କ ପରଲୋକ



**ମୁମ୍ବାଇ, ୨୩।୪:** ଗୁଜରାଟୀ ଓ ହିନ୍ଦୀ ଚଳଚ୍ଚିତ୍ରର ଲୋକପ୍ରିୟ ଅଭିନେତା ଅମିତ୍ ମିସ୍ତ୍ରିଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୪୭ ବର୍ଷ ହୋଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ସକାଳ ସାଢ଼େ ୯ଟା ବେଳେ ପ୍ରାତଃଭୋଜନ ଏବଂ ବ୍ୟାୟାମ କରିଥିଲେ। ଏହା ପରେ ହଠାତ୍ ହୃଦ୍‌ଘାତ ହୋଇଥିଲା ବୋଲି ତାଙ୍କ ମ୍ୟାନେଜର ମହର୍ଷି ଦେଶାଇ କହିଛନ୍ତି। ଅମିତ୍ ଆମାଜନ ପ୍ରାଇମ୍ ଭିଡିଓ ସିରିଜ ବଣ୍ଡିସ୍ ବଣ୍ଡିଟ୍ସ ସମେତ ସୋର୍ ଇନ୍ ଦି ସିଟି, ବେ ୟାରରେ ଅଭିନୟ କରିଥିଲେ। ତାଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ମଧ୍ୟରେ ରହିଛି କ୍ୟା କେହନା, ଏକ୍ ଚାଲିସ କି ଲାଷ୍ଟ ଲୋକାଲ।

### ଗଙ୍ଗାରେ ଜିପ୍ ଖସି ୯ ମୃତ

**ପାଟନା, ୨୩।୪(ଆଇଏଏନ୍ଏସ୍):** ବିହାର ରାଜଧାନୀ ପାଟନା ନିକଟବର୍ତ୍ତୀ ଦାନାପୁର ଥାନା ଅଞ୍ଚଳରେ ଶୁକ୍ରବାର ଏକ ଜିପ୍ ପୋଲ ଉପରୁ ଗଙ୍ଗା ନଦୀକୁ ଖସିପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ କେତେଜଣ ନିଖୋଜ ଥିବା ଜଣାପଡ଼ିଛି। ଏହି ଲୋକମାନେ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ଜିପ୍ ଯୋଗେ ଦାନାପୁର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଜିପ୍ ପିପା ବ୍ରିଜ୍‌ରୁ ନଦୀଗର୍ଭକୁ ଖସିପଡ଼ିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଜିପ୍‌ରେ ୧୫ ଜଣ ଥିଲେ।

### ଟୋକିଓ, ଓସାକାରେ ତୃତୀୟ ଜରୁରୀ ପରିସ୍ଥିତି ଜାରି

**ଟୋକିଓ, ୨୩।୪:** କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ରାଜଧାନୀ ଟୋକିଓ ସମେତ ଓସାକା, କ୍ୟୋଟୋ ଏବଂ ହ୍ୟୋଗ୍ ପାଇଁ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଜୁଲାଇରେ ଅଲିମ୍ପିକ୍ସ ଆୟୋଜନ ହେବାକୁ ଥିବାବେଳେ ଦ୍ରୁତ ସଂକ୍ରମଣ ରୋକିବାରେ ଏହା ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ଏପ୍ରିଲ ୨୫ରୁ ମେ' ୧୧ ଯାଏ ଉପରୋକ୍ତ ପ୍ରାନ୍ତଗୁଡ଼ିକ ନିମନ୍ତେ ତୃତୀୟ ଜରୁରୀ ପରିସ୍ଥିତି ଜାରି ହୋଇଛି। ମହାମାରୀ ଆରମ୍ଭ ହେବାଠାରୁ ଟୋକିଓରେ ଜରୁରୀ ପରିସ୍ଥିତି ଲାଗୁ ହୋଇଥିଲା। ଗତ ଜାନୁୟାରୀରେ ଏହାକୁ କୋହଳ କରିଦିଆଯାଇଥିଲା। ଫେବୃୟାରୀରେ ସରକାର କରୋନା କଟକଣାକୁ ପୁଣିଥରେ କଡ଼ାକଡ଼ି କରିଥିଲେ।

# ବ୍ୟବସ୍ଥା ଭୁଶୁଡ଼ିଛି



ୟୁପିର ଗାଜିଆବାଦସ୍ଥିତ ଏକ ଶ୍ମଶାନରେ ସାମୂହିକ ଶବ ସତ୍କାର ବେଳର ଦୃଶ୍ୟ (ଫଟୋ: ଚମନ ଗୌତମ)।

**ନୂଆଦିଲ୍ଲୀ, ୨୩।୪**

ମହାମାରୀ କରୋନା ନାହିଁ ନ ଥିବା ସଙ୍କଟ ସୃଷ୍ଟି କରିଛି। ଦେଶର ହସ୍ପିଟାଲଗୁଡ଼ିକରେ ବେଡ୍, ଅକ୍ସିଜେନ, ଇଞ୍ଜେକ୍ସନ ଓ ଅନ୍ୟ ଜରୁରୀ ଔଷଧର ଘୋର ଅଭାବ ଦେଖାଦେଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେ ଉଦ୍ୟମ କଲେ ମଧ କିଛି ସୁଫଳ ମିଳିପାରୁ ନାହିଁ। ଏଭଳି ସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଖାଲି ଅକ୍ସିଜେନ ଟ୍ୟାଙ୍କରଗୁଡ଼ିକୁ ଫିଲିଂ କରିବା ଲାଗି ଭାରତୀୟ ବାୟୁସେନା (ଆଇଏଏଫ୍)ର ସହାୟତା ନେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅକ୍ସିଜେନ ଏକ୍ସପ୍ରେସ୍‌ରେ ଅମ୍ଳଜାନ ଟ୍ୟାଙ୍କରଗୁଡ଼ିକୁ ବିଭିନ୍ନ ରାଜ୍ୟକୁ ପଠାଯାଉଥିବାବେଳେ ବାୟୁସେନା ହେଲିକପ୍ଟର ଓ ବିମାନରେ ମଧ କେତେକ ସହରକୁ ପରିବହନ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ଦିଲ୍ଲୀ, ମୁମ୍ବାଇ, ନାସିକ, ଲକ୍ଷ୍ନୌ, ଭୋପାଳ, ସୁରଟ। ବିଭିନ୍ନ ରାଜ୍ୟର ଅନେକ ସହରକୁ ନେଇ ଲମ୍ବା ତାଲିକା। କେବଳ ସହରର ନାମ ବଦଳୁଛି, କିନ୍ତୁ ସ୍ଥିତି ସବୁଠି ପ୍ରାୟ ସମାନ। କେଉଁଠି ଚିକିତ୍ସା ପାଇଁ ହସ୍ପିଟାଲରେ ବେଡ୍ ନାହିଁ ତ ପୁଣି କେଉଁଠି ଶଯ୍ୟା ଥିଲେ ଅକ୍ସିଜେନ ନାହିଁ। ଅମ୍ଳଜାନ ଥିଲେ ଅଗ୍ନିକାଣ୍ଡରେ ଜୀବନ ହାନିର ଆତଙ୍କ। କଳାବଜାରରେ ମିଳୁଛି ଜୀବନ ରକ୍ଷାକାରୀ ଔଷଧ ଓ ରେମ୍‌ଡେସିଭିର ଭଳି ଜରୁରୀ ଇଞ୍ଜେକ୍ସନ। ହସ୍ପିଟାଲରେ ନର୍କ ଯନ୍ତ୍ରଣା। ମରିଗଲେ ଶବ ସତ୍କାର ପାଇଁ ସ୍ଥାନାଭାବ। ନାହିଁ ନାହିଁର ନାଗଫାଶରେ ଛନ୍ଦିହୋଇ ଭୁଶୁଡ଼ିପଡ଼ିଛି ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା। ବେଳ ଥାଉ ଥାଉ ବନ୍ଧ ନ ବାନ୍ଧିବାରୁ ଆଜି ଦେଶରେ ଅନ୍ତହୀନ ସଂକ୍ରମଣ ଓ ଅସରନ୍ତି ଦୁଃଖ।**

- **ଅମ୍ଳଜାନ ଅଭାବରୁ କୋଭିଡ୍ ରୋଗୀ ଅଣନିଃଶ୍ୱାସୀ**
- **ଜର୍ମାନୀରୁ ଆସିବ ୨୩ ମୋବାଇଲ ଅକ୍ସିଜେନ ପ୍ଲାଣ୍ଟ**
- **ଭାରତକୁ ସହାୟତା ପାଇଁ ଆଗ୍ରହ ଦେଖାଇଲା ଚାଇନା**

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଦେଶରେ କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେ ରଖି ଜର୍ମାନୀରୁ ୨୩ଟି ମୋବାଇଲ୍ ଅକ୍ସିଜେନ ଉତ୍ପାଦନକାରୀ ପ୍ଲାଣ୍ଟ ବିମାନରେ ଅଣାଯିବ। ପ୍ରତି ପ୍ଲାଣ୍ଟ ମିନିଟ ପିଛା ୪୦ ଲିଟର ଅକ୍ସିଜେନ ଉତ୍ପାଦନ କରିବ। ସେହିପରି ଏହାର ଘଣ୍ଟାପ୍ରତି ଉତ୍ପାଦନ କ୍ଷମତା ହେଉଛି ୨,୪୦୦ ଲିଟର। ଏହି ପ୍ଲାଣ୍ଟଗୁଡ଼ିକୁ ସଶସ୍ତ୍ର ବଳ ମେଡିକାଲ ସର୍ଭିସେସ୍ (ଏଏଫ୍ଏମ୍ଏସ୍) ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଉପଯୋଗ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ମୁଖପାତ୍ର ଏ. ଭାରତ ଭୂଷଣ ସୂଚନା ଦେଇଛନ୍ତି। ଭାରତରେ କରୋନା ରୋଗୀ ଅଣନିଃଶ୍ୱାସୀ ହୋଇ ମରୁଥିବାବେଳେ ଏଠାକାର ସାମଗ୍ରିକ ସ୍ଥିତିକୁ ଦେଖି ସହାୟତା ପାଇଁ ପଡ଼ୋଶୀ ଚାଇନା ଆଗ୍ରହ ପ୍ରକାଶ କରିଛି। ଭାରତକୁ ଯାହା ସାହାଯ୍ୟ ସହଯୋଗ ଦରକାର ଆମେ ଯୋଗାଇବାକୁ ପ୍ରସ୍ତୁତ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି।


ନୂଆଦିଲ୍ଲୀସ୍ଥିତ ଏଲ୍ଏନ୍‌ଜେପି ହସ୍ପିଟାଲ ବାହାରେ ଚିକିତ୍ସା ପାଇଁ ଅଟୋରେ ଅପେକ୍ଷାରତ ଜଣେ କୋଭିଡ୍ ରୋଗୀ।

## ୩.୩ ଲକ୍ଷ ସଂକ୍ରମିତ, ୨୨୬୩ ମୃତ

**ନୂଆଦିଲ୍ଲୀ/ମୁମ୍ବାଇ, ୨୩।୪**

ଭାରତରେ ଗୋଟିଏ ଦିନରେ ୩.୩ ଲକ୍ଷ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ୨,୨୬୩ ଜଣଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟା ମଧ୍ୟରେ ୬୬,୮୩୬ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ୭୭୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଗୋଟିଏ ଦିନରେ ଉତ୍ତରପ୍ରଦେଶରେ ୩୪,୨୫୦, କେରଳରେ ୨୭,୦୦୦ ଏବଂ ଦିଲ୍ଲୀରେ ୨୬,୧୭୦ ଜଣ ସଂକ୍ରମିତ ହୋଇଛନ୍ତି।

୨୪ ଘଣ୍ଟାରେ ୩,୩୨,୭୩୦ ସଂକ୍ରମିତଙ୍କ ମିଶାଇ ଦେଶରେ ମୋଟ ମାମଲା ସଂଖ୍ୟା ୧,୬୨,୬୩,୬୯୫ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୨୪ ଲକ୍ଷ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶୁକ୍ରବାର ସକାଳ ସୁଦ୍ଧା କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୧,୮୬,୯୨୦ ହୋଇଛି।

**ମହାରାଷ୍ଟ୍ରରେ ୨୪ ଘଣ୍ଟାରେ ୭୭୩ ଜୀବନ ନେଲା କରୋନା**

### ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ଆତ୍ମହତ୍ୟା କଲେ ମହିଳା



**ଭୋପାଳ, ୨୩।୪**

ମଧ୍ୟପ୍ରଦେଶର ଦେୱାସରେ ଘଟିଛି ଏହି ଦୁଃଖଦ ଘଟଣା। ସ୍ୱାମୀ ସ୍ୱପ୍ନୀଶ ଗର୍ଗ, ଦିଅର ସଞ୍ଜୟ ଓ ଶାଶୁ ଚନ୍ଦ୍ରକଳାଙ୍କୁ ଦେୱାସରୁ ଇନ୍ଦୋରରେ ଥିବା ଏକ କୋଭିଡ୍-୧୯ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସପ୍ତାହେ ମଧ୍ୟରେ ତିନି ଜଣଙ୍କ ମୃତ୍ୟୁ ଘଟିବାରୁ ମହିଳା ଜଣକ ବ୍ୟଥିତ ହୋଇଯାଇଥିଲେ। ସେ ବୁଧବାର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଗତ ୧୪ରେ ଚନ୍ଦ୍ରକଳା, ୧୭ରେ ସଞ୍ଜୟ ଓ ୧୯ରେ ସ୍ୱପ୍ନୀଶଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ୨ ପିଲା ଅଛନ୍ତି। ଶ୍ୱଶୁର ବାଲକିଷନ ଭେଣ୍ଟିଲେଟରରେ ଥିବାବେଳେ ସଞ୍ଜୟଙ୍କ ୧୨ ବର୍ଷୀୟା ଝିଅ ମଧ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## ଗୋଟିଏ ରାଷ୍ଟ୍ର ଭାବେ କାର୍ଯ୍ୟକଲେ ସମ୍ବଳ ଅଭାବ ରହିବନି: ମୋଦି

**ଅକ୍ସିଜେନ୍‌ର ତ୍ୱରିତ ଯୋଗାଣ ପାଇଁ ରେଲୱେ, ବାୟୁସେନାକୁ ନିୟୋଜିତ କରାଯାଇଛି**

**ନୂଆଦିଲ୍ଲୀ, ୨୩।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୧୧ ସର୍ବାଧିକ କରୋନା ପ୍ରଭାବିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିଛନ୍ତି। ମହାମାରୀ ବିରୋଧରେ ସାମୂହିକ ସାମର୍ଥ୍ୟ ସହ ଏକାଠି କାମ କରିବା ପାଇଁ ମୋଦି ଆହ୍ୱାନ ଦେଇଛନ୍ତି। ଗୋଟିଏ ରାଷ୍ଟ୍ର ଭାବେ କାର୍ଯ୍ୟ କଲେ ସମ୍ବଳର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି।

ଅକ୍ସିଜେନ ଯୋଗାଣ ବଢ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ସରକାରଙ୍କର ସମସ୍ତ ସମ୍ପୃକ୍ତ ବିଭାଗ ଓ ମନ୍ତ୍ରଣାଳୟ ଏକାଠି କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ଚାହିଦା ମେଣ୍ଟାଇବା ପାଇଁ ଶିଳ୍ପ ଲାଗି ଉଦ୍ଦିଷ୍ଟ ଅକ୍ସିଜେନ୍‌କୁ ରୋଗୀଙ୍କ ବ୍ୟବହାର ନିମନ୍ତେ ପଠାଯାଉଛି। ଔଷଧ ଓ ଅକ୍ସିଜେନ୍ ଆବଶ୍ୟକତା ପୂରଣ ପାଇଁ ସବୁ ରାଜ୍ୟ ସମନ୍ୱୟ ରକ୍ଷା କରି ଏକାଠି କାର୍ଯ୍ୟ କରିବା ଆବଶ୍ୟକ। ବେଆଇନ ମହଜୁଦ୍ ଓ କଳାବଜାର ରୋକିବା ଲାଗି ସେ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଅକ୍ସିଜେନ୍ ଟ୍ୟାଙ୍କର ଯେଉଁ ରାଜ୍ୟକୁ ଯାଉଥାଉ ନା କାହିଁକି ଏହାକୁ ଯେପରି ଅଟକା ନ ଯାଏ ପ୍ରତ୍ୟେକ ରାଜ୍ୟ ତାହା ନିଶ୍ଚିତ କରିବା ଲାଗି ମୋଦି ପରାମର୍ଶ ଦେଇଛନ୍ତି। ସେହିପରି ବିଭିନ୍ନ ହସ୍ପିଟାଲକୁ ଅକ୍ସିଜେନ ଯୋଗାଣ ନେଇ ରାଜ୍ୟଗୁଡ଼ିକ ଉଚ୍ଚସ୍ତରୀୟ ସମନ୍ୱୟ କମିଟି ଗଠନ କରିବା ଲାଗି ସେ ଅନୁରୋଧ କରିଥିଲେ।



### କ୍ଷମା ମାଗିଲେ କେଜ୍‌ରିୱାଲ

ସମୀକ୍ଷା ବୈଠକକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ କାର୍ଯ୍ୟାଳୟ ସିଧାପ୍ରସାରଣ କରିବା ଘଟଣାକୁ ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି। ପରେ କେଜରିୱାଲ ଏଥିପାଇଁ କ୍ଷମା ମାଗିଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଉଦ୍‌ବୋଧନ ଦେଇ ଦିଲ୍ଲୀର ହସ୍ପିଟାଲଗୁଡ଼ିକରେ ୪ ଦିନ ହେଲା ଅକ୍ସିଜେନ୍ ଅଭାବ ଦେଖାଦେଇଥିବା ସମ୍ପର୍କରେ ଜଣାଇବା ସହ ତୁରନ୍ତ ଯୋଗାଇବା ପାଇଁ ଅନୁରୋଧ କରିଥିଲେ। ଏହାକୁ କେଜ୍‌ରିୱାଲଙ୍କ କାର୍ଯ୍ୟାଳୟ ସିଧା ପ୍ରସାରଣ କରିବାରୁ ପ୍ରଧାନମନ୍ତ୍ରୀ ଏହାର ପ୍ରତିବାଦ କରିଥିଲେ। ବୈଠକର ଗୋପନୀୟତା ରହିବା ଆବଶ୍ୟକ। ସିଧା ପ୍ରସାରଣ କରିବା ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶୋଭନୀୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପରେ କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ମାଗିଥିଲେ।

## ଯୋଗାଣରେ ସମନ୍ୱୟ ପାଇଁ କଣ୍ଟ୍ରୋଲ ରୁମ୍

**ନୂଆଦିଲ୍ଲୀ, ୨୩।୪**

ଅକ୍ସିଜେନ ଯୋଗାଣ ପରିଚାଳନାରେ ବିଭିନ୍ନ ରାଜ୍ୟ ସରକାରଙ୍କ ନୋଡାଲ ଅଫିସରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା କେନ୍ଦ୍ର ସରକାର ଶୁକ୍ରବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ବିଭିନ୍ନ ରାଜ୍ୟକୁ ଅକ୍ସିଜେନ ଯୋଗାଣରେ ସମସ୍ୟାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୀକ୍ଷା ବୈଠକ ସମ୍ପର୍କରେ ସିଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଅବଗତ କରାଇଥିଲେ। ଅକ୍ସିଜେନ୍‌ର ଅବାଧ ପରିବହନରେ ହସ୍ତକ୍ଷେପ ନ କରିବା ପାଇଁ ପ୍ରଧାନମନ୍ତ୍ରୀ ବୈଠକରେ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅକ୍ସିଜେନ ଯୋଗାଣ ପାଇଁ ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇପାରିବ ନାହିଁ। ଏହା ଦ୍ୱାରା ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ବଳ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ ବୋଲି ମେହେଟ୍ଟା କହିଥିଲେ। ମେଡିକାଲ ଅକ୍ସିଜେନ ଯୋଗାଣ ନିଅଣ୍ଟକୁ ନେଇ ଦିଲ୍ଲୀର ଦୁଇଟି ହସ୍ପିଟାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅମ୍ଳଜାନର ସୁବିଧାଜନକ ଯୋଗାଣ ସୁନିଶ୍ଚିତ କରିବାରେ ହାଇକୋର୍ଟ ହସ୍ତକ୍ଷେପ କରିବାକୁ ବିଭିନ୍ନ ହସ୍ପିଟାଲ ଓ ରାଜ୍ୟ ସରକାର ଅନୁରୋଧ କରିଥିଲେ। ଦିଲ୍ଲୀକୁ ମିଳିବାକୁ ଥିବା ଅକ୍ସିଜେନ୍ କୋଟା ଅନ୍ୟ ରାଜ୍ୟକୁ ପଠାଇ ଦିଆଯାଉଥିବା ଅରବିନ୍ଦ କେଜ୍‌ରିୱାଲ ସରକାର ଅଭିଯୋଗ କରିଥିଲେ।


ଜୟପୁରସ୍ଥିତ ରାଧାସ୍ୱାମୀ ସତ୍‌ସଙ୍ଗ ଭବନ ନିକଟ କୋଭିଡ୍ କେୟାର ସେଣ୍ଟରକୁ ଅକ୍ସିଜେନ ସିଲିଣ୍ଡର ନିଆଯାଉଛି।

## ଗରିବଙ୍କୁ ଦୁଇମାସ ମାଗଣା ରାଶନ

**ନୂଆଦିଲ୍ଲୀ, ୨୩।୪(ପି.ଟି.)**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ଭାବେ ବଢ଼ିବା ସହ ଗରିବ ଜନସାଧାରଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମେ' ଏବଂ ଜୁନ୍ ମାସରେ ଗରିବ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବା ନିମନ୍ତେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ପିଡିଏସ୍ ହିତାଧିକାରୀମାନଙ୍କୁ ଦୁଇମାସ ପାଇଁ ଅତିରିକ୍ତ ୫ କିଲୋଗ୍ରାମ ଲେଖାଏଁ ଖାଦ୍ୟଶସ୍ୟ ମାଗଣା ଯୋଗାଇ ଦିଆଯିବ। ଏହାଦ୍ୱାରା ପ୍ରାୟ ୮୦ କୋଟି ଜନସାଧାରଣ ଉପକୃତ ହେବେ। ତେବେ ଏହି ସମୟରେ ମାଗଣା ଡାଲି ମିଳିବ ନାହିଁ ବୋଲି ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି।

ଗତବର୍ଷ ଲକ୍‌ଡାଉନ ଯୋଗୁ ଗରିବ, ଦିନ ମଜୁରିଆ, ପ୍ରବାସୀ ଶ୍ରମିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ସହାୟତା ପାଇଁ ପିଏମ୍‌ଜିକେଏୱାଇରେ ମେ'ରୁ ଜୁଲାଇ ପର୍ଯ୍ୟନ୍ତ ମାଗଣା ରାଶନ ଯୋଗାଇ ଦିଆଯାଇଥିଲା। ପରେ ଏହାକୁ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଏଥିରେ ହିତାଧିକାରୀ ପରିବାରକୁ ମାସିକ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ କିମ୍ବା ଗହମ ଏବଂ ପରିବାର ପିଛା ୧ କିଲୋଗ୍ରାମ ଡାଲି ମିଳୁଥିଲା। କିନ୍ତୁ ଚଳିତ ବର୍ଷ କେବଳ ଖାଦ୍ୟଶସ୍ୟ ମିଳିବ। ଏଥିପାଇଁ କେନ୍ଦ୍ର ସରକାରଙ୍କୁ ୨୬,୦୦୦ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ।



## ତାମିଲନାଡୁ ଅକ୍ସିଜେନ ଉତ୍ପାଦନ କଲେ ଆପତ୍ତି ନାହିଁ

**ନୂଆଦିଲ୍ଲୀ, ୨୩।୪**

ଅକ୍ସିଜେନ ଅଭାବରୁ ଲୋକେ ମରୁଛନ୍ତି। ତାମିଲନାଡୁ ସରକାର ଅକ୍ସିଜେନ ଉତ୍ପାଦନ ପାଇଁ ବେଦାନ୍ତର ଟୁଟିକୋରିନ ପ୍ଲାଣ୍ଟକୁ କାହିଁକି ହାତକୁ ନେଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

ଟୁଟିକୋରିନ୍‌ସ୍ଥିତ ବେଦାନ୍ତର ଷ୍ଟେରଲାଇଟ୍ କପର୍ ୟୁନିଟ ପରିବେଶଗତ କାରଣରୁ ୨୦୧୮ ମେ'ରୁ ବନ୍ଦ ପଡ଼ିଛି। କମ୍ପାନୀ ଏହାକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଅନୁମତି ମାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛି। ହସ୍ପିଟାଲଗୁଡ଼ିକରେ ଚିକିତ୍ସାଧୀନ କୋଭିଡ୍-୧୯ ରୋଗୀଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇଦେବ ବୋଲି ବେଦାନ୍ତ ଯୁକ୍ତି ବାଢ଼ିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ବେଦାନ୍ତ ହେଉ କି ଅନ୍ୟ କେହି ଏହାକୁ ପରିଚାଳିତ କରିବେ ତାକୁ ନେଇ ଆମେ ଚିନ୍ତିତ ନୋହୁଁ। ବଡ଼କଥା ହେଉଛି ଅମ୍ଳଜାନ ଉତ୍ପାଦନ ହେଉ। ତାମିଲନାଡୁ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ୍ ସେଠାକାର ଆଇନଶୃଙ୍ଖଳା ପରିସ୍ଥିତିର ଅବତାରଣା କରିବା ସହ ଜିଲାପାଳ ଶୁକ୍ରବାର ଟୁଟିକୋରିନକୁ ଲୋକଙ୍କ ସହ ଆଲୋଚନା ପାଇଁ ଯାଇଥିବା କହିଥିଲେ। ଖଣ୍ଡପୀଠ କହିଥିଲେ, ତାମିଲନାଡୁ ସରକାର ଉକ୍ତ ପ୍ଲାଣ୍ଟରେ ଅକ୍ସିଜେନ ଉତ୍ପାଦନ କଲେ ଆମର କିଛି ଆପତ୍ତି ନାହିଁ। ତାମିଲନାଡୁ ପାଖରେ ବଳକା ଅକ୍ସିଜେନ ଥାଇପାରେ। କିନ୍ତୁ ଏହି ପ୍ରସଙ୍ଗ ସାରା ଦେଶ ସହ ଜଡ଼ିତ। ଦେଶର ଜାତୀୟ ସମ୍ପତ୍ତିକୁ ସମସ୍ତ ନାଗରିକଙ୍କ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯିବା ଉଚିତ। ଲୋକେ ମରୁଥିବାବେଳେ ଆଇନଶୃଙ୍ଖଳାର ଆଳ ଦେଖାଇ ଅକ୍ସିଜେନ ଉତ୍ପାଦନ କରାଯାଇପାରିବ ନାହିଁ ବୋଲି ରାଜ୍ୟ ସରକାର କହିପାରିବେ ନାହିଁ। ଏହି ପ୍ରସଙ୍ଗରେ ବୈଦ୍ୟନାଥନ୍ ଏକ ସତ୍ୟପାଠ ଦାଖଲ କରିବେ ବୋଲି ଶୀର୍ଷ ଅଦାଲତଙ୍କୁ ଅବଗତ କରାଇଥିଲେ। ଖଣ୍ଡପୀଠ ଆସନ୍ତା ୨୬ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ବେଦାନ୍ତ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଗୁରୁବାର ଏହାର ତ୍ୱରିତ ଶୁଣାଣି ପାଇଁ ଆବେଦନ କରିଥିବାବେଳେ ଦେଶରେ ଏକପ୍ରକାର ଜାତୀୟ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଖଣ୍ଡପୀଠ କହିଥିଲେ। ଏହାସହ ଅକ୍ସିଜେନ ଓ ଭାକ୍ସିନକୁ ନେଇ ଏକ ନୀତି ପ୍ରଣୟନ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଶୁକ୍ରବାର ସାଲ୍‌ଭେ ଏହି ମାମଲାରୁ ଓହରିଯାଇଛନ୍ତି। ଏହା ଏକ ଅତି ସମ୍ବେଦନଶୀଳ ପ୍ରସଙ୍ଗ। ସିଜେଆଇ ବୋବ୍‌ଡେଙ୍କୁ ସେ ପିଲାବେଳୁ ଜାଣନ୍ତି। ତେଣୁ ଏଥିରୁ ସେ ଓହରିଯିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଖଣ୍ଡପୀଠ ସାଲ୍‌ଭେଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରିଥିବାରୁ ଦୁଷ୍ୟନ୍ତ ଡାଭେଙ୍କ ସମେତ କେତେଜଣ ବରିଷ୍ଠ ଆଇନଜୀବୀ ଏହାକୁ ବିରୋଧ କରିଥିଲେ।



**ସୁପ୍ରିମକୋର୍ଟରେ ବେଦାନ୍ତର ପିଟିଶନ**

- **ମାମଲାରୁ ଓହରିଲେ ହରିଶ ସାଲ୍‌ଭେ**
- **୨୬ରେ ପରବର୍ତ୍ତୀ ଶୁଣାଣି**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୫୮,୬୬,୯୮୨ | ୩୦,୯୧,୭୯୫ | ୧୨,୩୭,୪୯,୯୭୬ |
| ଭାରତ | ୧,୬୫,୫୫,୮୪୯ | ୧,୮୮,୯୮୪ | ୧,୩୮,୨୯,୨୨୫ |
| ଓଡ଼ିଶା | ୩,୯୪,୬୯୪ | ୧୯୭୩(+୫୩) | ୩,୫୬,୦୦୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ୬,୨୧୫ ପଜିଟିଭ୍ ଚିହ୍ନଟ, ୮ ମୃତ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟରେ କରୋନା କୋପ ଦିନକୁ ଦିନ ଭୟଙ୍କର ହେଉଛି। ଗତ ୨୪ ଘଣ୍ଟାରେ ୬,୨୧୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଖୋର୍ଦ୍ଧା ଜିଲାରେ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି। ଏହି ଜିଲାରେ ସର୍ବାଧିକ ୯୫୦ ନୂଆ ପଜିଟିଭ୍ କେସ୍ ବାହାରିଥିବାବେଳେ ସୁନ୍ଦରଗଡ଼ରୁ ୬୮୪, କଳାହାଣ୍ଡି ୬୮୨, ନୂଆପଡ଼ା ୪୪୬, କଟକ ୩୮୩, ପୁରୀ ୩୦୬, ବରଗଡ଼ ୨୬୮, ସମ୍ବଲପୁର ୨୬୩, ଝାରସୁଗୁଡ଼ା ୨୬୧, ନବରଙ୍ଗପୁର ୨୫୭, ବଲାଙ୍ଗୀର ୨୧୧, ଅନୁଗୋଳ ୧୭୩, କେନ୍ଦୁଝର ୧୫୭ ଓ ମୟୂରଭଞ୍ଜରୁ ଆଉ ୧୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୯୪,୬୯୪ରେ ପହଞ୍ଚିଛି। ସେହିପରି ୮ ମୃତକଙ୍କ ମଧ୍ୟରେ ଗଞ୍ଜାମ ଓ କଳାହାଣ୍ଡିରୁ ୨ଜଣ ଲେଖାଏଁ ଥିବାବେଳେ ବାଲେଶ୍ୱର, ବଲାଙ୍ଗୀର, ଖୋର୍ଦ୍ଧା (ଭୁବନେଶ୍ୱର) ଓ କନ୍ଧମାଳରୁ ଜଣେ ଲେଖାଏ ରହିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୭୩ ଛୁଇଁଛି।

## ଓଡ଼ିଶାରେ ଟ୍ରିପଲ୍-ମ୍ୟୁଟାଣ୍ଟ ଚିହ୍ନଟ ହୋଇନି

- ସୋମବାର ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ
- ୧୧ ହଜାରରୁ ଅଧିକ କୋଭିଡ୍ ବେଡ୍ ରହିଛି
- ଦୈନିକ ୫୦ ହଜାର ଟେଷ୍ଟ ପାଇଁ ପ୍ରସ୍ତୁତି



ସେପଟେ ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କରୋନା ଭୂତାଣୁର ଟ୍ରିପଲ ମ୍ୟୁଟାଣ୍ଟ ଷ୍ଟ୍ରେନ୍ ଚିହ୍ନଟ ହୋଇଥିବା ଜଣାପଡ଼ି ନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗ, ଦିଲ୍ଲୀ, ଛତିଶଗଡ଼ରେ ଚିହ୍ନଟ ଏହି ନୂଆ ଭୂତାଣୁ ଶୀଘ୍ର ବ୍ୟାପୁଛି। ଏହାକୁ କୋଭିଡ୍ ଟିକା ରୋକିପାରିବ କି ନାହିଁ ତାହା ଅନୁଧ୍ୟାନ ଚାଲିଛି। ଦ୍ୱିତୀୟ ଡୋଜ୍ ନେବା ପରେ ସଂକ୍ରମଣ କମ୍ ହେବା ଆଶଙ୍କା ରହିଛି। ତେଣୁ ୨ୟ ଡୋଜ୍ ନିଅନ୍ତୁ। ଟିକା ନେଲେ ମୃତ୍ୟୁ ହାର କମ୍ ରହିବ ଓ ଅଧିକ ସଂକ୍ରମଣ ହେବ ନାହିଁ। ଓଡ଼ିଶାରେ ଟିକାର ପ୍ରଥମ ଡୋଜ୍ ନେଇ ପାଖାପାଖି ୫୦ଜଣ ସଂକ୍ରମିତ ହୋଇଛନ୍ତି। ଦ୍ୱିତୀୟ ଡୋଜ୍ ନେଲେ ସଂକ୍ରମଣ ହେବ ନାହିଁ। ୧ ତାରିଖରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ ଲୋକଙ୍କୁ ଟିକା ଦିଆଯିବ ବୋଲି ବିଜୟ ପାଣିଗ୍ରାହୀ କହିଛନ୍ତି। ତେବେ ରାଜ୍ୟରେ ଟ୍ରିପଲ ମ୍ୟୁଟାଣ୍ଟ ଅଛି କି ନାହିଁ ଆସନ୍ତା ସୋମବାର ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବେ କୋଭିଡ୍ ପାଇଁ ରାଜ୍ୟରେ ୧୧ହଜାରରୁ ଅଧିକ ବେଡ୍ ପ୍ରସ୍ତୁତ ରହିଛି। ଏବେସୁଦ୍ଧା ୨,୭୦୦ ରୋଗୀ ବେଡ୍‌ରେ ଅଛନ୍ତି। ଆବଶ୍ୟକତା ଅନୁସାରେ ବେଡ୍ ବୃଦ୍ଧି କରାଯିବ। ଅଧିକ କୋଭିଡ୍ ହସ୍ପିଟାଲ କରିବା ପାଇଁ ଘର ଚିହ୍ନଟ ହୋଇରହିଛି। ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛନ୍ତି। ରୋଗୀ ସଂଖ୍ୟା ଅନୁସାରେ ଅଧିକ ଆଇସିୟୁ ବେଡ୍ ରହିଛି। ଆଗକୁ ଦୈନିକ ୫୦ହଜାର ଟେଷ୍ଟ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ନିରଞ୍ଜନ ମିଶ୍ର କହିଛନ୍ତି।

# ସୀମାନ୍ତରୁ ଫେରିଗଲେ ୫ ବର

**ଜଳେଶ୍ୱର, ୨୩।୪(ଡି.ଏନ.ଏ.)**



ରାଜ୍ୟରେ କରୋନା ସ୍ଥିତି ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି। ପଶ୍ଚିମବଙ୍ଗ ପଟୁ ହଜାର ହଜାର ସଂଖ୍ୟାରେ ପ୍ରବାସୀ ଓଡ଼ିଶାକୁ ଫେରି ଆସୁଥିବାରୁ ୬୦ନଂ. ଜାତୀୟ ରାଜପଥ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଲକ୍ଷ୍ମଣନାଥଠାରେ ବାଲେଶ୍ୱର ଆର୍‌ଟିଓ ଓ ଜଳେଶ୍ୱର ପୋଲିସ ପକ୍ଷରୁ ବ୍ୟାରିକେଡ୍ କରାଯାଇଛି। ସେଠାରେ ପ୍ରବାସୀମାନଙ୍କୁ ଥର୍ମାଲ ଟେଷ୍ଟ ପରେ ରେଜିଷ୍ଟ୍ରେଶନ କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଉଛି। ତେବେ ସୀମାନ୍ତରେ କଡ଼ାକଡ଼ି ଚେକିଂ କରାଯାଉଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ବିବାହ କରିବାକୁ ଆସୁଥିବା ପଶ୍ଚିମବଙ୍ଗର ୫ ବରପାତ୍ରଙ୍କୁ ହଟହଟା ହୋଇ ଫେରିବାକୁ ପଡ଼ିଛି। କୋଭିଡ୍ ସମ୍ପର୍କିତ କାଗଜପତ୍ର ନ ଥିବାରୁ ଅଧିକାରୀମାନେ ସେମାନଙ୍କୁ ଓଡ଼ିଶା ମଧ୍ୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଶୁକ୍ରବାର ବିବାହ ତିଥି ଥିବାରୁ ପଶ୍ଚିମବଙ୍ଗ ପଟୁ ୫ଜଣ ବରପାତ୍ର ବରଯାତ୍ରୀ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଆସୁଥିଲେ। ବ୍ୟାରିକେଡ୍ ନିକଟରେ ସେମାନଙ୍କୁ ଅଟକା ଯାଇ ପଚରାଉଚୁରା କରାଯାଇଥିଲା। ପଶ୍ଚିମବଙ୍ଗର ଦାନ୍ତୁନ, କଣ୍ଟାଇରୋଡ ଆଦି ସ୍ଥାନରୁ ଆସିଥିବା ବରପାତ୍ରମାନେ ଓଡ଼ିଶାର ଧାମରା, ପାରାଦୀପ, ରାଜଘାଟ ଆଦି ସ୍ଥାନକୁ ବିବାହ କରିବାକୁ ଆସୁଥିବା ଜଣାପଡ଼ିଥିଲା। ବ୍ୟାରିକେଡ୍ ନିକଟରେ ବରଯାତ୍ରୀ ଦଳ ଘଣ୍ଟା ଘଣ୍ଟା ଅଟକି ରହିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା। କୋଭିଡ୍ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ନ ଥିବାରୁ ସେମାନଙ୍କୁ ନିଜ ଘର ପଶ୍ଚିମବଙ୍ଗକୁ ଫେରାଇ ଦିଆଯାଇଥିଲା। ଶତାଧିକ ବସ୍ ଓ ୪ଚକିଆ ଯାନ ଅଟକି ରହିଥିଲା। ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ମାଓବାଦୀ-ସୁରକ୍ଷା କର୍ମୀ ଗୁଳି ବିନିମୟ

## ଜଣେ ମାଓବାଦୀ ମୃତ ସୂଚନା

**ଭବାନୀପାଟଣା, ୨୩।୪ (ସ୍ୱ.ପ୍ର.)**

କଳାହାଣ୍ଡି-କନ୍ଧମାଳ ଜିଲା ବୋର୍ଡର ଅଞ୍ଚଳ ଲୁବେନଗଡ ପଙ୍ଗାବାଲୁ ଜଙ୍ଗଲରେ ଶୁକ୍ରବାର ମାଓବାଦୀ ଓ ସୁରକ୍ଷା କର୍ମୀ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏସଓଜି, ଡିଭିଏଫ ଓ ମାଓବାଦୀ ମଧ୍ୟରେ ଏହି ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମାଓବାଦୀ ନିହତ ହୋଇଥିବା ବେଳେ ଅନ୍ୟ ସବୁ ଛତ୍ର ଭଙ୍ଗ ଦେଇଥିବା ସୂଚନା ମିଳିଛି। ଜଙ୍ଗଲରେ ସୁରକ୍ଷା କର୍ମୀ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବା କଳାହାଣ୍ଡି ଏସ୍‌ପି ଶ୍ରବଣ ବିବେକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ସେପ୍ଟେମ୍ବର ୯ ଓ ୧୭ରେ ୨ ଥର ପୋଲିସ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସିର୍କି ଜଙ୍ଗଲ ଅଞ୍ଚଳରେ ପୋଲିସ ଗୁଳିରେ ୫ ମାଓବାଦୀ ନିହତ ହୋଇଥିଲେ। ଦୁଇ ସୁରକ୍ଷା କର୍ମୀ ମଧ୍ୟ ଶହୀଦ ହୋଇଥିଲେ।

# ହସ୍ପିଟାଲରେ ହେଲ୍ପ ଡେସ୍କ ଖୋଲିବାକୁ ନିର୍ଦ୍ଦେଶ

## ସମ୍ପର୍କୀୟ ପାଇବେ ରୋଗୀଙ୍କ ସ୍ୱାସ୍ଥ୍ୟ ସୂଚନା

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସେବା ଯୋଗାଉଥିବା ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ହେଲ୍ପ ଡେସ୍କ ଖୋଲାଯିବ। ଗତବର୍ଷର ଆଡଭାଇଜରିଅନୁସାରେ ଯଥାଶୀଘ୍ର ୨୪ ଘଣ୍ଟିଆ ହେଲ୍ପ ଡେସ୍କ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ମେଡିକାଲ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇବା ପାଇଁ ଏହି ହେଲ୍ପ ଡେସ୍କ କାର୍ଯ୍ୟ କରିବ। ହେଲ୍ପ ଡେସ୍କର ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର ରହିବ। ଉକ୍ତ ନମ୍ବରକୁ ହସ୍ପିଟାଲ କର୍ତ୍ତୃପକ୍ଷ ଆଡିଶନାଲ ଡିଏମ୍‌ଇଟି ଡା. ଉମାକାନ୍ତ ଶତପଥୀଙ୍କୁ ଜଣାଇବା ସହ ଏହାକୁ ସାଧାରଣରେ ବହୁଳ ଭାବେ ପ୍ରସାର କରିବା ପାଇଁ କୁହାଯାଇଛି। ସବୁ କଲ୍‌କୁ ଉଠାଇବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ସିଫ୍ଟ କରି କର୍ମଚାରୀ ନିୟୋଜିତ କରିବେ। ସେହି ନମ୍ବରରେ ମଧ୍ୟ ସୋସିଆଲ ମିଡିଆ ସଂଯୋଗ ରହିବ। ହ୍ୱାଟ୍‌ସ ଆପ୍‌ରେ ରୋଗୀର ସ୍ୱର ଓ ଫଟୋ ତାଙ୍କ ଘର ଲୋକଙ୍କୁ ପଠାଯିବ। ସେହିପରି ଏକ କନଫରେନ୍ସିଂ ରୁମ୍ ଉତ୍ସର୍ଗୀକୃତ କରିବାକୁ କୁହାଯାଇଛି। ସେଠାରେ ଟିଭି ଓ କ୍ୟାମେରା ଲଗାଯିବ। ରୋଗୀଙ୍କୁ ଦେଖିବା ସହ କଥା ହେବାର ବ୍ୟବସ୍ଥା ରହିବ। କରୋନା ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି ହେବାବେଳେ ପରିବାର ଲୋକଙ୍କ ଫୋନ୍ ନମ୍ବର ରଖାଯିବ। ସେହି ନମ୍ବରରେ ଦିନକୁ ଅତି କମ୍‌ରେ ଥରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍‌ସ୍ଆପ୍ ଜରିଆରେ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେବେ। ହସ୍ପିଟାଲ କର୍ତ୍ତୃପକ୍ଷ ସପ୍ତାହକ ମଧ୍ୟରେ ହେଲ୍ପ ଡେସ୍କ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇବେ। ଯଦି ହେଲ୍ପ ଡେସ୍କରେ ସହଯୋଗ ମିଳୁ ନ ଥିବା ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସର୍ବେଶ୍ୱରଙ୍କ ଉପରେ ବୋମାମାଡ଼

## ମୁଖ୍ୟ ଅଭିଯୁକ୍ତ ଗିରଫ

**ଯାଜପୁର ଅଫିସ,୨୩।୪:** ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ଉପରେ ବୋମାମାଡ ଘଟଣାରେ ଧର୍ମଶାଳା ଥାନା ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ରନାଥ ଦାସ(୪୦) ଓ ଅନ୍ୟ ଜଣେ ଅଭିଯୁକ୍ତ ସୌମ୍ୟରଞ୍ଜନ ପୃଷ୍ଟି(୨୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବୀନ୍ଦ୍ର ବୋମାମାଡ଼ ଘଟଣାର ସମସ୍ତ ପ୍ରକାର ଯୋଜନା କରିଥିଲେ ବୋଲି ଧର୍ମଶାଳା ଥାନା ପୋଲିସ ରିପୋର୍ଟରେ ଦର୍ଶାଇଛି। ପୂର୍ବରୁ ଏହି ଘଟଣାରେ କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର ଶିବାନୀ ବେହେରା(୧୯), ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ କୁଆଁରପୁର ଗ୍ରାମର ଶମ୍ଭୁନାଥ ନାୟକ(୩୨), ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଅନ୍ତର୍ଗତ ଷଣ୍ଢପକ୍ଷିପାଟଣା ଗ୍ରାମର କାଳିଆ ଦାସ(୨୮) ଓ ଦେବେନ୍ଦ୍ର ରାଉତ ଗିରଫ ହୋଇଛନ୍ତି।

# ସହରାଞ୍ଚଳ ଆବାସ ଯୋଜନାରେ ୩୬,୦୬୨ ନୂଆ ଘର

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ସହରାଞ୍ଚଳ ବାସହୀନ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ଘୋଷଣା ହୋଇଥିବା 'ଜାଗା ମିଶନ' ସହିତ ସମସ୍ତଙ୍କ ପାଇଁ ଘର ଯୋଜନାର ସଫଳ ରୂପାୟନ ଲାଗି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ଶୁକ୍ରବାର ୩୬,୦୬୨ ପରିବାରଙ୍କ ଲାଗି ନୂତନ ପକ୍କାଘର ମଞ୍ଜୁର କରିଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ସହରାଞ୍ଚଳ ହାଉସିଂ ମିଶନର ରାଜ୍ୟସ୍ତରୀୟ ମଞ୍ଜୁରୀ କମିଟରେ ଏହି ଅନୁମୋଦନ ଦିଆଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥାନାନ ଆବାସ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ଆର୍ଥିକ ଓ ପ୍ରଶାସନିକ ବିଷୟ ଆଲୋଚନା ଲାଗି ତଥ୍ୟ ଉପସ୍ଥାପିତ କରିଛନ୍ତି। ବର୍ତ୍ତମାନ ରାଜ୍ୟର ୧୧୪ ସହରାଞ୍ଚଳରେ ୧,୫୫,୦୬୮ ପରିବାରକୁ ଘର ଦିଆଯାଇସାରିଛି। ଏଥି ମଧ୍ୟରୁ ୬୪,୦୦୫ ଘର ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି। ଅବଶିଷ୍ଟ ଘରର ନିର୍ମାଣ ତ୍ୱରାନ୍ୱିତ ଗତିରେ ଚାଲୁ ରହିଛି। ୭୬ଟି ସହରାଞ୍ଚଳ ପାଇଁ ଏହି ନୂତନ ପ୍ରକଳ୍ପ ମଞ୍ଜୁର କରିବା ସହିତ ସର୍ଭେ ମାଧ୍ୟମରେ ଚିହ୍ନଟ ସମସ୍ତ ପରିବାରକୁ ଶୀଘ୍ର ଘର ଯୋଗାଇବା ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଜାଗା ମିଶନରେ ଲକ୍ଷେ ୫ ହଜାର ଲୋକଙ୍କୁ 'ଲ୍ୟାଣ୍ଡ ଏଣ୍ଟାଇଟିଲ୍‌ମେଣ୍ଟ ସାର୍ଟିଫିକେଟ' ଏବଂ ୬୫ ହଜାର ପରିବାରଙ୍କୁ 'ଲ୍ୟାଣ୍ଡ ରାଇଟସ୍ ସାର୍ଟିଫିକେଟ' ଦିଆଯାଇଛି। ଏବେ ପର୍ଯ୍ୟନ୍ତ ୨୦ ହଜାର ପରିବାରଙ୍କୁ ଘର ଯୋଗାଇ ଦିଆଯାଇଥିବା ସେ ସୂଚୀତ କରିଥିଲେ। ଏହି ଅବସରରେ ମାଥିଭାଥାନନ୍ କହିଛନ୍ତି, ଏହି ଯୋଜନାରେ ସାଧାରଣତଃ ୩ଟି ମୋଡ୍‌ରେ ଘର ଯୋଗାଇ ଦିଆଯାଏ। ନୂଆ ନୁମୋଦିତ ଘର ମଧ୍ୟରୁ ୭୨ଟି ସହରାଞ୍ଚଳରେ ୧୬,୪୬୩ଟି ଘର ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ ହେବ।

## ଶଟ୍‌ଡାଉନ୍ ଭୟରେ ସଂକ୍ରମଣ ଭୟକୁ ଭୁଲିଗଲେ...



ସପ୍ତାହାନ୍ତ ଶଟ୍‌ଡାଉନ୍ ପୂର୍ବରୁ ଶୁକ୍ରବାର ଭୁବନେଶ୍ୱର ରସୁଲଗଡ଼ ହାଟରେ ଲୋକଙ୍କ ଅସମ୍ଭାଳ ଭିଡ଼।

# ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଡାକରା

- ୨୫ରୁ ଡିଜିଟାଲ ସେବା ବର୍ଜନ
- ମେ ୨୫ରୁ ସମୂହ ଇସ୍ତଫା ଚେତାବନୀ

**ଭୁବନେଶ୍ୱର,୨୩।୪(ବ୍ୟୁରୋ):** ସାଧାରଣ ଡାକ୍ତରଙ୍କ ପରି କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ନିଯୁକ୍ତି ପାଇଁ ପ୍ରାଣୀଚିକିତ୍ସକମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଏଭଳି ଅଭିଯୋଗ ଆଣି ଆନ୍ଦୋଳନ ଡାକରା ଦେଇଛି ଓଡ଼ିଶା ପ୍ରାଣୀଚିକିତ୍ସକ ସେବା ସଂଘ। ଶୁକ୍ରବାର ଭେଟେରିନାରି କାଉନସିଲ ହଲ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଏନେଇ ସୂଚନା ଦେଇଛି। ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଜ୍ ପରିଧାନ କରି ଆସନ୍ତା ୨୫ ତାରିଖରୁ ଡିଜିଟାଲ ସେବା ବର୍ଜନ କରିବେ। ମେ' ୧ରୁ କଲମ ଛାଡ଼, ଚିକିତ୍ସାଳୟ ପରିସର, କାର୍ଯ୍ୟ ନିର୍ଘଣ୍ଟ ଓ କାର୍ଯ୍ୟ ଦିବସ ବାହାରେ ସେବା ବିରତ, ମେ' ୧୫ରୁ ସମୂହ ଛୁଟି ଏବଂ ମେ' ୨୫ରୁ ସମୂହ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛି ସଂଘ। ଏଥିପାଇଁ ଆଗାମୀ ଦିନରେ ଜନସାଧାରଣଙ୍କ ପାଇଁ ଉପୁଜିବାକୁ ଥିବା ଅସୁବିଧା ପାଇଁ ଓଡ଼ିଶା ପ୍ରାଣୀଚିକିତ୍ସକ ସେବା ସଂଘ ଦୁଃଖ ପ୍ରକାଶ କରିବା ସହିତ ଓଡ଼ିଶା ସରକାରଙ୍କୁ ଦାୟୀ କରିଛି। ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନ ପୂର୍ବରୁ ସେମାନଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ନିଯୁକ୍ତି ପାଇଁ ହୋଇଆସୁଥିବା ଦାବିକୁ ସରକାର ମାନିନେବା ଉଚିତ୍ ବୋଲି ସଂଘ ସଭାପତି ଯଦୁନାଥ ପରିଡ଼ା, ସମ୍ପାଦକ ମଦନ ମୋହନ ମହାପାତ୍ର ପ୍ରମୁଖ କହିଛନ୍ତି।

# ବିଶ୍ୱକେଶନ ପିପିଲିରୁ କଂଗ୍ରେସ ପ୍ରାର୍ଥୀ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**



ବିଶ୍ୱକେଶନ ହରିଚନ୍ଦନ

ପିପିଲି ଉପନିର୍ବାଚନ ଲାଗି କଂଗ୍ରେସ ଶୁକ୍ରବାର ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ନାମ ଘୋଷଣା କରିଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ତାଙ୍କ ନାମକୁ ମୋହର ମାରିଛି। ବିଶ୍ୱକେଶନ ପୁରୀ ଜିଲା ସେବାଦଳ ମୁଖ୍ୟ ଥିବାବେଳେ ତାଙ୍କ ଘର ଡେଲାଙ୍ଗ ଅଞ୍ଚଳରେ। ତାଙ୍କ ବାପା ଏବଂ ମା' ମଧ୍ୟ ସରପଞ୍ଚ ହୋଇଥିଲେ। ତେଣୁ ଦଳ ଅଞ୍ଚଳରେ ଜଣେ ପୁରୁଣା କଂଗ୍ରେସ ପରିବାର ଓ ଯୁବ ନେତୃତ୍ୱ ଉପରେ ଭରସା କରି ତାଙ୍କୁ ଟିକେଟ ଦେଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ଦଳ ମୁଖ୍ୟତଃ ଅଜିତ ମଙ୍ଗରାଜଙ୍କ ପରିବାରରୁ ଜଣଙ୍କୁ ଟିକେଟ ଦେବାକୁ ସ୍ଥିର କରିଥିଲା। ତାଙ୍କ ପରିବାରରୁ କେହି ରାଜି ନ ହେବାରୁ କଂଗ୍ରେସ ବିଶ୍ୱକେଶନଙ୍କ ନାମ ଉପରେ ମୋହର ମାରିଛି। ପ୍ରାର୍ଥୀ ଚୟନ ଲାଗି କଂଗ୍ରେସ ଏକ କମିଟି ଗଠନ କରିଥିଲା। ଉକ୍ତ କମିଟି ଦୁଇ ଥର ଅଜିତଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବା ଲାଗି ତାଙ୍କୁ ବୁଝାଇଥିଲା। ହେଲେ ତାହା ସଫଳ ହେଲା ନାହିଁ।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୬ ତାରିଖରେ ପିପିଲି ଉପନିର୍ବାଚନ ହେବାକୁ ଥିବାବେଳେ ୧୯ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଏପ୍ରିଲ ୧୭ ତାରିଖରେ ଉପନିର୍ବାଚନ ହେବାର ଥିଲା। ହେଲେ ଏପ୍ରିଲ ୧୪ ତାରିଖରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଜିତଙ୍କ ଦେହାନ୍ତ ପରେ ସେଠାରେ ସାନି ତାରିଖ ଘୋଷଣା କରାଯାଇଥିଲା। ମେ ୧୩ ତାରିଖରେ ଭୋଟ ହେବା ଲାଗି ତାରିଖ ସ୍ଥିର ହୋଇଥିଲା। ମାତ୍ର ପୁଣି ଥରେ ନିର୍ବାଚନ କମିଶନ ମେ ୧୬ରେ ନିର୍ବାଚନ କରିବାକୁ ସ୍ଥିର କରିଛନ୍ତି।

## ଜେଲରେ ଉପଯୁକ୍ତ ଚିକିତ୍ସା ମିଳୁନି

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ହାଇଦର

**କଟକ ଅଫିସ, ୨୩।୪**

କରୋନାରେ ଆକ୍ରାନ୍ତ ହୋଇଥିବା ଗ୍ୟାଙ୍ଗଷ୍ଟର ସେଖ୍ ହାଇଦରଙ୍କୁ ଚୌଦ୍ୱାର ଜେଲରେ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ଅଧିକ ଚିକିତ୍ସା ଲାଗି ସେ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ରେକର୍ଡପତ୍ର ଜେଲ କର୍ତ୍ତୃପକ୍ଷଙ୍କଠାରୁ ମଗାଇବାକୁ ସେ ପ୍ରାର୍ଥନା କରିଛନ୍ତି। ଏହି ରେକର୍ଡପତ୍ର ଆଧାରରେ ଅଦାଲତ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ହାଇଦର ତାଙ୍କ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ସର୍ଜରି ବିଭାଗ ୫ନଂ. କ୍ୟାବିନ୍‌ରେ ରହି ଚିକିତ୍ସିତ ହେଉଥିବା ହାଇଦର ଗତ ୧୦ ତାରିଖ ଅପରାହ୍ଣରେ ଫେରାର ହୋଇଯାଇଥିଲେ। ପରେ ତାଙ୍କୁ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲା ଜାହିରାବାଦ ଅଞ୍ଚଳରୁ ଗିରଫ କରାଯାଇ କଟକ ଅଣାଯାଇଥିଲା। ସେଠାରେ ତାଙ୍କର କରୋନା ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। କରୋନା ସମେତ ଅନ୍ୟାନ୍ୟ ରୋଗ ଥିଲାବେଳେ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଉନାହାନ୍ତି ବୋଲି ହାଇଦର ଅଭିଯୋଗ କରିଛନ୍ତି। ହାଇଦରଙ୍କ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ମୁଳିଆ ଏକ ମାମଲା ଦାୟର କରିଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଳଦ କରିଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭବାନୀପାଟଣା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ କଳାହାଣ୍ଡି ସବ୍‌ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଥିବା ବେଳେ ଲକ୍ଷ୍ମୀପୁର ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ଭବାନୀପାଟଣା ତହସିଲଦାର, ବନବିହାରୀ ଦିଣ୍ଡାଙ୍କୁ ଲକ୍ଷ୍ମୀପୁର ତହସିଲଦାର, ଗୌରୀ ନାୟକଙ୍କୁ କେନ୍ଦୁଝର ସବ୍‌କଲେକ୍ଟର, ଅବିନାଶ ପନ୍ଦିଆଙ୍କୁ ତାଳଚେର ତହସିଲଦାର, ବିମଳ ଲେଙ୍କାଙ୍କୁ ଅନୁଗୋଳ ତହସିଲଦାର, ଲକ୍ଷ୍ମୀପ୍ରସାଦ ସାହୁଙ୍କୁ କାଶୀନଗର ତହସିଲଦାର, ଶାନ୍ତିସ୍ୱରୂପ ମିଶ୍ରଙ୍କୁ କିଶୋରନଗର ଏବଂ ଚାର୍ଲସ ନାୟକଙ୍କୁ କନ୍ଧମାଳ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ଶଙ୍କର ପଟ୍ଟନାୟକଙ୍କୁ ଜଳେଶ୍ୱର ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ପ୍ରଦୀପ ସାହୁଙ୍କୁ ବାଲେଶ୍ୱର ଡେପୁଟି କଲେକ୍ଟର, ମହେନ୍ଦ୍ର ବେହେରାଙ୍କୁ ଖଇରା ତହସିଲଦାର, ଶିବପ୍ରସାଦ ମୁର୍ମୁଙ୍କୁ କୁସୁମୀ ତହସିଲଦାର, ତାପସ ଦେହୁରିଙ୍କୁ ପାଟଣା ତହସିଲଦାର, ଅଶ୍ୱିନୀ ଦାସଙ୍କୁ ବିଜେପୁର ତହସିଲଦାର, ଆରତୀ ଭୋଇଙ୍କୁ ବରଗଡ଼ ସବ୍‌କଲେକ୍ଟର, ସଞ୍ଜୀବ ମେହେରଙ୍କୁ ବରଗଡ଼ ତହସିଲଦାର, ଆଦିତ୍ୟ ମିଶ୍ରଙ୍କୁ ଖଇରାଖୋଲ ତହସିଲଦାର, ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ବାଲେଶ୍ୱର ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଛି। ସେହିପରି ଲକ୍ଷ୍ମୀଧର ରାଉତଙ୍କୁ ଭଣ୍ଡାରିପୋଖରୀ ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ସୁରେଶ ପଣ୍ଡାଙ୍କୁ ଢେଙ୍କାନାଳ ତହସିଲଦାର, ଅସ୍ମିତା ଦାଶଙ୍କୁ ଯାଜପୁର ଡେପୁଟି କଲେକ୍ଟର, ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ପୁରୀ ଡେପୁଟି କଲେକ୍ଟର, ପ୍ରତିପ୍ରାଣ ମିଶ୍ରଙ୍କୁ କୁଜଙ୍ଗ ତହସିଲଦାର, ସାଧବୀ ଦେହୁରିଆଙ୍କୁ ଗୁରୁଣ୍ଡିଆ ତହସିଲଦାର, ମାନସ ରଞ୍ଜନ ଭୋଇଙ୍କୁ ବରୀ ତହସିଲଦାର, ସସ୍ମିତ ଶତପଥୀଙ୍କୁ ଜଗତ୍‌ସିଂହପୁର ତହସିଲଦାର, ସରୋଜକାନ୍ତ ନାୟକଙ୍କୁ ଡେରାବିଶ ତହସିଲଦାର, ରାଜେଶ କୁମାର ସାହୁଙ୍କୁ ପାନପୋଷ ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି ଯୁଗଳ କିଶୋର ମିଶ୍ରଙ୍କୁ ନୟାଗଡ଼ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ କିଶୋର ପଣ୍ଡାଙ୍କୁ ଟାଙ୍ଗୀ ତହସିଲଦାର, ଅଳକ କୁମାର ଅନୁଗୁଳିଆଙ୍କୁ କୋରାପୁଟ ଡେପୁଟି କଲେକ୍ଟର, ରବୀନ୍ଦ୍ର ରାଉତଙ୍କୁ କାଲିମେଳା ତହସିଲଦାର, ହରପ୍ରସାଦ ଭୋଇଙ୍କୁ ନବରଙ୍ଗପୁର ତହସିଲଦାର, ବିଶ୍ୱରଞ୍ଜନ କୁଅଁରଙ୍କୁ ଚିକିଟି ତହସିଲଦାର, ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ରାମପୁର ତହସିଲଦାର, ଯୁଗଳ କିଶୋର ବିଶ୍ୱାଳଙ୍କୁ ମାଥିଲି ତହସିଲଦାର ଏବଂ ଶରତ ନାୟକଙ୍କୁ ଗୁଣୁପୁର ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ଏପ୍ରିଲ, ୨୦୨୧

**ଆଜିର ମନ୍ତବ୍ୟ**

"କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଅକ୍ସିଜେନ, ଆଇସିୟୁ ବେଡ୍ ପରିବର୍ତ୍ତେ ସରକାର ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ପ୍ରାଥମିକତା ଦେଉଛନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ପୁପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କୋଭିଡ୍ ଔଷଧ ଭିରାଫିନ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୩।୪(ପି.ଟି.)**

କରୋନାର ଦ୍ୱିତୀୟ ଲହରରେ ଦୈନିକ ଲକ୍ଷ ଲକ୍ଷ ସଂକ୍ରମିତ ହେଉଥିବାବେଳେ ଆଉ ଏକ ଔଷଧର ଜରୁରୀ ବ୍ୟବହାରକୁ ମଞ୍ଜୁରୀ ମିଳିଛି। ଗୁରୁତର ନ ଥିବା କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଜାଇଡସ୍ କାଡିଲା କମ୍ପାନୀର ଔଷଧ 'ଭିରାଫିନ', ପେଜିଲେଟେଡ ଇଣ୍ଟରଫେରନ ଆଲ୍‌ଫା-୨ବି (ପେଗ୍‌ଆଇଏଫ୍‌ଏନ୍)କୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିଜିସିଆଇ) ମଞ୍ଜୁରୀ ପ୍ରଦାନ କରିଛି। ସିଙ୍ଗଲ୍ ଡୋଜ୍ ଆଣ୍ଟିଭାଇରାଲ ଔଷଧ ଭିରାଫିନ କରୋନା ରୋଗୀଙ୍କ ଚିକିତ୍ସାକୁ ସହଜ କରିବା ସହ ଦ୍ରୁତ ଆରୋଗ୍ୟ କରାଇବ। ଏହା ସଂକ୍ରମଣକୁ ଅଧିକ ଜଟିଳ ହେବାକୁ ଦେବନାହିଁ ଏବଂ ଅକ୍ସିଜେନ୍ ବ୍ୟବହାର ହ୍ରାସ କରାଇବ। ଅନ୍ୟାନ୍ୟ ଭୂତାଣୁ ସଂକ୍ରମଣ କ୍ଷେତ୍ରରେ ମଧ୍ୟ ଏହି ଔଷଧ ଫଳପ୍ରଦ ସାବ୍ୟସ୍ତ ହୋଇଥିବା କାଡିଲା ହେଲ୍‌ଥ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି।କ ଏହି ଔଷଧ ରୋଗୀକୁ ଶୀଘ୍ର ଦିଆଗଲେ ରୋଗର ଉନ୍ନତ ପରିଚାଳନାରେ ସହାୟକ ହେବ ବୋଲି କାଡିଲା ହେଲ୍‌ଥକେୟାର ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶାର୍ଭିଲ୍ ପଟେଲ କହିଛନ୍ତି। କରୋନା ସଂକ୍ରମଣ ବଢ଼ିବା ସହ ଔଷଧର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଏଭଳି ସମୟରେ ଜାଇଡସ୍ କାଡିଲା କମ୍ପାନୀର କୋଭିଡ୍ ଔଷଧକୁ ବ୍ୟବହାରିକ ମଞ୍ଜୁରୀ ମିଳିଛି। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଔଷଧ ଯୋଗାଇବା ଉଦ୍ୟମ ଜାରି ରହିବ ବୋଲି ପଟେଲ କହିଛନ୍ତି। ତୃତୀୟ ପର୍ଯ୍ୟାୟ ପରୀକ୍ଷା ସମୟରେ ଔଷଧ ଦିଆଯିବାର ୭ ଦିନ ମଧ୍ୟରେ ନେଗେଟିଭ୍ ରିପୋର୍ଟ ଆସିଥିଲା। ଅନ୍ୟ ଆଣ୍ଟିଭାଇରାଲ ଔଷଧ ତୁଳନାରେ ଏହା ଦ୍ରୁତ ଆରୋଗ୍ୟ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ହେମାନନ୍ଦ ବିଶ୍ୱାଳଙ୍କ ଝିଅଙ୍କ ପରଲୋକ

**ସୁନ୍ଦରଗଡ଼, ୨୩।୪ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ସଦର ମହକୁମା ଗୋବିନ୍ଦପୁର ପଞ୍ଚାୟତର ସମିତି ସଭ୍ୟା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ମଞ୍ଜୁଲତା ନାୟକ(୪୪)ଙ୍କ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମଞ୍ଜୁଲତା ଦୀର୍ଘ ଦିନରୁ ଯକୃତ କର୍କଟ (ଲିଭର କ୍ୟାନ୍‌ସର)ରେ ପୀଡ଼ିତ ଥିଲେ। ଗତ ୩ ମାସରୁ ଊର୍ଦ୍ଧ୍ୱ ହେବ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାମୀ ବାମରା ନିବାସୀ ସୁଧାଂଶୁ ଶେଖର ନାୟକ (ଖୁକୁନା), ଏକମାତ୍ର ପୁଅ ସୁଜଳ ନାୟକ(୨୧)ଙ୍କ ସମେତ ପରିବାରବର୍ଗ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଶନିବାର ଭୁବନେଶ୍ୱରରୁ ମୃତଦେହ ଆସିବା ପରେ ବାମରାର ସ୍ଥାନୀୟ ଶ୍ମଶାନ ଘାଟରେ ଅନ୍ତିମ ସତ୍କାର ହେବ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବ୍ଲକ କଂଗ୍ରେସ ସଭାପତି କ୍ଷୀରୋଦ କୁମାର ସା, ମହିଳା ସଭାନେତ୍ରୀ ଶାନ୍ତି କଂସଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



ମଞ୍ଜୁଲତା ନାୟକ

# ଟ୍ରକ୍-ବାଇକ୍ ଧକ୍କା: ୩ ମୃତ

**ବାରିପଦା ଅଫିସ,୨୩।୪**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ମୁର୍ଗାବାଡ଼ି ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ବାଲି ବୋଝେଇ ମିନି ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ କୁଳିଅଣା ଥାନା ଅଞ୍ଚଳର କୁନୁରାମ ହେମ୍ବ୍ରମ(୪୨) ଓ ତାଙ୍କ ସ୍ତ୍ରୀ ମାଳତୀ(୩୨) ଏବଂ କୁନୁରାମଙ୍କ ସମ୍ପର୍କୀୟା ଭଉଣୀ ଶୁଳିଆପଦା ଥାନା ଅଞ୍ଚଳର କାପୁରା ହାଁସଦା (୨୫)। ୩ ଜଣ ବାଇକ୍‌ରେ ଯାଉଥିବା ବେଳେ ପଛପଟୁ ମିନି ଟ୍ରକ୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମାଳତୀ ଓ କାପୁରାଙ୍କର ମୃତ୍ୟୁ ଘଟିଥିଲା । ଗୁରୁତର ଅବସ୍ଥାରେ ବାଇକ୍‌ଚାଳକ କୁନୁରାମଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ ଜବତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ସପ୍ତାହାନ୍ତ ...

୧୦ଟି ଜିଲାର ସମସ୍ତ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଥିବା ବେଳେ ଶନିବାରଠାରୁ ଅନ୍ୟ ୨୦ଟି ଜିଲାର ସମସ୍ତ ସହରରେ ଦୁଇଦିନିଆ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଶୁକ୍ରବାର ରାତି ୯ଟାରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ତେବେ ସକାଳ ୫ଟାରୁ ୬ ଟା ଘଣ୍ଟାଏ ପାଇଁ କଟକଣା କୋହଳ କରାଯିବ। ସେହି ସମୟରେ ଲୋକମାନେ ମର୍ନିଂୱାକ୍(ପ୍ରାତଃଭ୍ରମଣ), ସାଇକ୍ଲିଂ ଆଦି ଶାରୀରିକ ବ୍ୟାୟାମ କରିପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସଆରସି) ପ୍ରଦୀପ କୁମାର ଜେନା କହିଛନ୍ତି। ଶୁକ୍ରବାର ଏ ନେଇ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାତ୍ରିକାଳୀନ କର୍ଫ୍ୟୁ ସକାଳ ୫ଟାରେ ଶେଷ ହେଉଥିବାରୁ ୧ ଘଣ୍ଟା ପାଇଁ କୋହଳ କରାଯିବ। ଏହାଛଡ଼ା ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର, ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶନିବାର ଓ ରବିବାର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଏହି ସମୟରେ ହସ୍ପିଟାଲ, କ୍ଲିନିକ୍, ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା ଜାରିରହିବ। ସେହିପରି ଜିଲା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ପୋଲିସ, ଅଗ୍ନିଶମ ବିଭାଗ, ଜରୁରିକାଳୀନ ସେବାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଖୋଲାରହିବ। ଟେଲିକମ୍ ସେବା, ପେଟ୍ରୋଲ ପମ୍ପ, ଏଲ୍‌ପିଜି ବଣ୍ଟନ, ସମସ୍ତ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ କାର୍ଯ୍ୟାଳୟ, ପାନୀୟ ଜଳ ଯୋଗାଣ, ପରିମଳ ଓ ସ୍ୱେରେଜ କର୍ମଚାରୀ, ବିଦ୍ୟୁତ୍ ଯୋଗାଣ ଓ ବଣ୍ଟନ କାର୍ଯ୍ୟରେ ନିୟୋଜିତ କାର୍ଯ୍ୟାଳୟ କର୍ମଚାରୀଙ୍କୁ କଟକଣାରୁ ବାଦ୍ ଦିଆଯାଇଛି। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ସମସ୍ତ ମାଲବାହୀ ଯାନ ଚଳାଚଳ, ଶିଳ୍ପ, କାରଖାନା ଓ ନିର୍ମାଣ କାର୍ଯ୍ୟ ଚାଲୁରହିବ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ମଣ୍ଡିରେ ଶସ୍ୟ ସଂଗ୍ରହ, ଆନୁଷଙ୍ଗିକ କାର୍ଯ୍ୟକ୍ରମ ଚାଲୁରହିବ। ସେବା କ୍ଷେତ୍ର ଯଥା ଆଇଟି, ହୋଟେଲ, ସେମାନଙ୍କର ସହବନ୍ଧିତ କାର୍ଯ୍ୟାଳୟ, ରେଳ ଓ ବିମାନ ସେବା ଜାରି ରହିବ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ବିବାହ ଓ ଶୁଦ୍ଧିକାର୍ଯ୍ୟ କରାଯିବ। ଏଟିଏମ୍, ବ୍ୟାଙ୍କ, ଫୁଡ୍ ହୋମ୍ ଡେଲିଭରି, ତେଜରାତି, ପନିପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀକୁ ଅନୁମତି ଦିଆଯାଇଛି। ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଥିବା ଢାବା, ଖାଦ୍ୟ ସାମଗ୍ରୀ ଥିବା ଷ୍ଟୋର ରିଲାଏନ୍ସ ଫ୍ରେସ୍, ବିଗ୍‌ବଜାର, ଚିଲିକା ଫ୍ରେଶ୍ ଇତ୍ୟାଦି ଖୋଲାରହିବ। ଖବରକାଗଜ ହକରମାନଙ୍କୁ ସକାଳ ୫ଟାରୁ ୮ଟା ମଧ୍ୟରେ ଯାତାୟାତ ପାଇଁ ଅନୁମତି ମିଳିବ। ଜରୁରୀ ସେବା କିମ୍ବା ଶିଳ୍ପ ଆଦିରେ କାର୍ଯ୍ୟରତ କର୍ମଚାରୀମାନେ ଯାତାୟାତ ପାଇଁ ସଂସ୍ଥାର ପରିଚୟପତ୍ର ଦେଖାଇ ଯାଇପାରିବେ। କଟକଣାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଆରସି କହିଛନ୍ତି।

### ଓଡ଼ିଶା କେତେ ପ୍ରସ୍ତୁତ...

କରିବା ପାଇଁ କୌଣସି ମାପକାଠି ନାହିଁ ବୋଲି ସେମାନେ ଚେତେଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଦୈନିକ ୨୩.୬୫ ମେଟ୍ରିକ୍ ଟନ୍ ଅକ୍ସିଜେନ ଆବଶ୍ୟକ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି। ମହାପାତ୍ର ଆହୁରି କହିଛନ୍ତି ଯେ, ୫ ଇସ୍ପାତ ଶିଳ୍ପ ଦୈନିକ ୩୭୫ ମେଟ୍ରିକ୍ ଟନ୍ ଅକ୍ସିଜେନ ଉତ୍ପାଦନ କରୁଛନ୍ତି। ଓଡ଼ିଶାରେ ଅକ୍ସିଜେନ ଯଥେଷ୍ଟ ବଳକା ରହୁଥିବାରୁ ଅନ୍ୟ ରାଜ୍ୟକୁ ଦିଆଯାଉଥିବା ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚାଲୁ ରହିଥିବା ଇସ୍ପାତ କାରଖାନାରେ ଅକ୍ସିଜେନର ଯଥେଷ୍ଟ ଚାହିଦା ରହିଥାଏ। ସରକାର ଦେଉଥିବା ତଥ୍ୟ ସେହି କାରଖାନାଗୁଡ଼ିକର ସମୁଦାୟ ଅକ୍ସିଜେନ ଉତ୍ପାଦନ। ତାହାର ଅର୍ଥ ନୁହେଁ ଯେ, ସମସ୍ତ ଉତ୍ପାଦିତ ଅକ୍ସିଜେନ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱାଧୀନ। କାରଖାନାର ଚାହିଦା ମେଣ୍ଟିବା ପରେ କେତେ ବଳକା ଅକ୍ସିଜେନ ରହିବ ସେହି ପରିସଂଖ୍ୟାନ ଧରିତ୍ରୀକୁ ମିଳିପାରିନାହିଁ।

ଓଡ଼ିଶା ସରକାରଙ୍କ ଦ୍ୱାରା ବାହାରକୁ ଅକ୍ସିଜେନ ପଠାଇବାର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠୁଛି। ବର୍ତ୍ତମାନ ରାଜ୍ୟରେ ଦୈନିକ ସଂକ୍ରମଣ ୬ ହଜାର ଟପିଥିବାବେଳେ ଯଦି ତାହା ହଠାତ୍ ଦୁଇରୁ ତିନିଗୁଣା ବଢ଼ିଯାଏ ତା'ହେଲେ ଅକ୍ସିଜେନ କେତେ ଆବଶ୍ୟକ ହେବ ତାହାର ଆକଳନ ଏବେଠୁ କରିବା ସରକାରଙ୍କ ପାଇଁ ସମ୍ଭବପର ନୁହେଁ। ଏହାଛଡ଼ା ରାଜ୍ୟରେ ଅକ୍ସିଜେନ ପରିବହନ ପାଇଁ ଆବଶ୍ୟକ ଟ୍ୟାଙ୍କର ନାହିଁ। ଏଥିପାଇଁ ଶୁକ୍ରବାର ଅନ୍ୟ ରାଜ୍ୟରୁ ବାୟୁସେନା ସ୍ୱତନ୍ତ୍ର ବିମାନ ଯୋଗେ ଖାଲି ଟ୍ୟାଙ୍କର ଅଣାଯାଇଛି, ଯାହାକି ଏକ ଚିନ୍ତାଜନକ ବିଷୟ। ଯଦି ଅଳ୍ପ କିଛିଦିନ ମଧ୍ୟରେ ଓଡ଼ିଶାରେ ମହାରାଷ୍ଟ୍ର, ଦିଲ୍ଲୀ ଭଳି ସ୍ଥିତି ସୃଷ୍ଟି ହୁଏ ତା'ହେଲେ ମାଲକାନଗିରି, କୋରାପୁଟ୍, ନୂଆପଡ଼ା, ମୟୂରଭଞ୍ଜ ଭଳି ଜିଲାର କୋଣ ଅନୁକୋଣରେ କୋଭିଡ୍ ରୋଗୀ ଚିକିତ୍ସିତ ହେଉଥିବା ସରକାରୀ ଓ ଘରୋଇ ହସ୍ପିଟାଲକୁ ଅକ୍ସିଜେନ ଯୋଗାଣ ନିମନ୍ତେ ସରକାର କେତେ ପ୍ରସ୍ତୁତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଉଛି। ରାଜ୍ୟର କେତେଜଣ ସିଡିଏମ୍‌ଓଙ୍କ କହିବାନୁଯାୟୀ ସେମାନଙ୍କ ଜିଲାରେ ଅକ୍ସିଜେନ ଅଭାବ ନାହିଁ। ବର୍ତ୍ତମାନ ଉକ୍ତ ଜିଲାଗୁଡ଼ିକରେ ଅକ୍ସିଜେନ୍ ଟ୍ୟାଙ୍କ ଭରି ରହିଥିବାରୁ ସେମାନେ ଏଭଳି କହୁଛନ୍ତି। କିନ୍ତୁ ଅକ୍ସିଜେନ ଟ୍ୟାଙ୍କ କ୍ଷମତା ଏବଂ ପୁନଃ ଭରଣ ସମୟକୁ ଦୃଷ୍ଟିରେ ରଖି ଦିଲ୍ଲୀ, ମହାରାଷ୍ଟ୍ର ଭଳି ସମ୍ଭାବ୍ୟ ସଙ୍କଟକୁ ଚିନ୍ତା କଲେ ବୁଝାପଡୁଛି ଯେ, ସିଡିଏମ୍‌ଓମାନେ ଏକ ବିରାଟ ଜରୁରିକାଳୀନ ସ୍ଥିତିକୁ ଆକଳନ କରିପାରୁନାହାନ୍ତି। ସେହିପରି ଘରୋଇ ହସ୍ପିଟାଲରେ କେତେ ଅକ୍ସିଜେନ ମହଜୁଦ୍ ଅଛି ସେ ବିଷୟରେ ମଧ୍ୟ ସେମାନଙ୍କ ଧାରଣା ନାହିଁ ବୋଲି ଅବସରପ୍ରାପ୍ତ ଡାକ୍ତର ହରିବନ୍ଧୁ ଷଡ଼ଙ୍ଗୀ କହିଛନ୍ତି।

### ଅବସର ନେଲେ ସିଜେଆଇ...

ସେ ଜଷ୍ଟିସ୍ ଏନ୍.ଭି. ରମାନାଙ୍କୁ କାର୍ଯ୍ୟଭାର ଅର୍ପଣ କରିଛନ୍ତି। ଜଷ୍ଟିସ ରମାନା ଶନିବାର ନୂଆ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ସେ ନ୍ୟାୟପାଳିକାର ଉପଯୁକ୍ତ ନେତୃତ୍ୱ ନେଇପାରିବା ନେଇ ଜଷ୍ଟିସ୍ ବୋବ୍‌ଡେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଦାୟୀ ଉତ୍ସବରେ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ। ୧୯୫୬ରେ ଜନ୍ମିତ ଜଷ୍ଟିସ୍ ବୋବ୍‌ଡେ ୧୯୭୮ରେ ଜଣେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ବମ୍ବେ ହାଇକୋର୍ଟ ନାଗପୁର ବେଞ୍ଚରେ ୨୧ ବର୍ଷ ଓକିଲାତି କରିବା ପରେ ୨୦୦୦ ମାର୍ଚ୍ଚରେ ଉକ୍ତ ହାଇକୋର୍ଟର ବିଚାରପତି ହୋଇଥିଲେ। ୨୦୧୨ରେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି, ୨୦୧୩ ଏପ୍ରିଲରେ ସୁପ୍ରିମକୋର୍ଟ ବିଚାରପତି ଏବଂ ୨୦୧୯ ନଭେମ୍ବର ୧୮ରେ ପ୍ରଧାନ ବିଚାରପତି ହୋଇଥିଲେ। ୨୦୨୦ ମାର୍ଚ୍ଚରେ କରୋନା ପାଇଁ ଦେଶ ଲକ୍‌ଡାଉନ ହେବା ପରେ ସିଜେଆଇ ଭର୍ଚୁଆଲ ଶୁଣାଣି ଆରମ୍ଭ କରିଥିଲେ, ଯେଉଁଥିରେ ପ୍ରାୟ ୫୦ ହଜାର ମାମଲାର ବିଚାର ହୋଇଥିଲା।

### ୧୩ କରୋନା ଆକ୍ରାନ୍ତ ...

ପରେ ଭସାଇ-ବିରାର ମହାନଗର ନିଗମ ପକ୍ଷରୁ ତତ୍କାଳ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳଙ୍କୁ ସେଠାକୁ ପଠାଯାଇଥିଲା। ଦୁଇ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ପ୍ରାୟ ୫ଟା ୫୦ରେ ନିଆଁକୁ ଆୟତ୍ତ କରାଯାଇଥିଲା। ୪ କୋଭିଡ୍ ରୋଗୀଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେତେବେଳକୁ ୧୩ ରୋଗୀ ଦଗ୍ଧହୋଇ ପ୍ରାଣ ହରାଇ ସାରିଥିଲେ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଗମ୍ଭୀର ଅବସ୍ଥାରେ ଥିବା ରୋଗୀଙ୍କୁ ୧ ଲକ୍ଷ ଟଙ୍କା ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଲେଖାଏ ଦେବାକୁ ଘୋଷଣା କରିଛନ୍ତି। ୪୮ ଘଣ୍ଟା ମଧ୍ୟରେ ଏହା ହେଉଛି ମହାରାଷ୍ଟ୍ରର ଦ୍ୱିତୀୟ ବଡ଼ ହସ୍ପିଟାଲ ଟ୍ରାଜେଡି। ଏପ୍ରିଲ ୨୧ରେ ନାସିକ ମହାନଗର ନିଗମ ପରିଚାଳିତ ଡକ୍ଟର ଜାକିର ହୁସେନ ହସ୍ପିଟାଲରେ ଅକ୍ସିଜେନ ଗ୍ୟାସ୍ ଲିକ୍ ହୋଇଥିଲା। ହସ୍ପିଟାଲ କର୍ମଚାରୀମାନେ ଏହାକୁ ରୋକିବାକୁ ଯାଇ ଅକ୍ସିଜେନ ପାଇପ୍ ବନ୍ଦ କରିଦେବାରୁ ୨୪ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଦ୍ୟାବଧି ୨୯ ରୋଗୀଙ୍କ ଜୀବନ ଯାଇସାରିଲାଣି।

### ୪ ରାଜ୍ୟକୁ ଗଲା ...

ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ସ୍ୱତନ୍ତ୍ର ସେଲ୍ ଖୋଲାଯାଇଛି। ତେବେ ଅକ୍ସିଜେନ ନେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉପରେ ଯେପରି କୌଣସି ପ୍ରତିବନ୍ଧକ ନ ରୁହେ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ଆଇନ ଶୃଙ୍ଖଳା ଏଡିଜି ୱାଇ.କେ. ଜେଠୱାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଅକ୍ସିଜେନ ପରିବହନ ସମୟରେ ପ୍ରତ୍ୟେକ ଜିଲାରେ ଏସ୍‌ପି ତଥା କମିଶନରେଟ୍ ପୋଲିସରେ ଡିସିପିଙ୍କ ସମେତ ରେଞ୍ଜ ଡିଆଇଜି, ଆଇଜି, ସିପି ନିଜ ସୀମାନ୍ତରେ ଏହାର ସୁପରଭାଇଜ କରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧ୍ରୁବଯୋଗ ସକାଶରୁ କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ଆକସ୍ମିକ ଭାବରେ ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ସଙ୍ଗକୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସହକର୍ମୀଙ୍କ ପରାମର୍ଶ କ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଆଇନ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିବେ।

**ମିଥୁନ** ପ୍ରତ୍ୟେକ ପରିସ୍ଥିତିରେ ନିଜଲୋକଙ୍କ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା କେତେକ କାମକୁ ସାମୟିକ ଅଟକାଇ ଦେଇପାରେ। ଛୋଟ କଥାକୁ କେନ୍ଦ୍ରକରି ଭୁଲ୍ ବୁଝାମଣା ହେତୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିବେ।

**କର୍କଟ** ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ ହେବେ। ପାରିବାରିକ ଆବଶ୍ୟକତାକୁ ନେଇ ଖର୍ଚ୍ଚାନ୍ତ ହେବାକୁ ବାଧ ହେବେ। କର୍ମକ୍ଷେତ୍ରରେ ପୁନର୍ବସୁ ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** ଆଜି ନିଜର କଥା ଓ ବ୍ୟବହାରରେ ସଂଯମତା ଅବଲମ୍ବନ କଲେ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ଜୀବନଯାତ୍ରାକୁ ବିଶୃଙ୍ଖଳିତ କରିପାରେ। ସବୁ ପ୍ରକାରର ସୁବିଧା ଥିଲେ ମଧ୍ୟ ପାରିବାରିକ ଜୀବନରେ କିଛିଟା ଅଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ସାମାଜିକ ସ୍ତରରେ ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**ତୁଳା** ଶାନ୍ତ ମନରେ ସବୁ କାମକୁ କରିବାର ଧୈର୍ଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ତଥାପି ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ରପ୍ତାନି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଉନ୍ନତ ଚିନ୍ତା ଓ କାର୍ଯ୍ୟଧାରାର ଶୃଙ୍ଖଳତା ଦିନଟିକୁ ଖୁସିରେ କଟାଇବାରେ ସାହାଯ୍ୟ କରିବ। ଅନୁରାଧା ନକ୍ଷତ୍ରର ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ଚିନ୍ତିତ ରହିବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ। ନିଚ ସମ୍ପର୍କକୁ କେନ୍ଦ୍ର କରି ସମାଲୋଚିତ ହୋଇପାରନ୍ତି।

**ଧନୁ** ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରାଜନୀତିରେ କିମ୍ବା ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ ତାହାକୁ ବିନି ଯୋଗ ପାଇଁ ଚେଷ୍ଟା କରିବେ। ଗଣତନ୍ତ୍ରର ପ୍ରତୀକ ଶନି ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ କରାଇବ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି।

**କୁମ୍ଭ** ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** କେତେକ କ୍ଷେତ୍ରରେ କଥାରେ ଓ କାର୍ଯ୍ୟରେ ଜିଦ୍‌ଖୋର ଯୋଗୁଁ ହଇରାଣ ହୋଇପାରନ୍ତି। ସଭାସମିତି, ଆଲୋଚନା, ଲେଖାପଢା, ସମ୍ପର୍କ ସ୍ଥାପନ ତଥା ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ଚୈତ୍ର ଶୁକ୍ଳ ଦ୍ୱାଦଶୀ ଶନିବାର, ଶ୍ରୀମନ୍ଦିରରେ ବନବାସ ଓ କନ୍ଦର୍ପାଧିବାସ। ଏପ୍ରିଲ ୨୪ ତାରିଖ, ବିଶ୍ୱ ପଶୁ ଚିକିତ୍ସା ଦିବସ, ମାନବ ଏକତା ଦିବସ, ଶ୍ରୀରାମାନୁଜାଚାର୍ଯ୍ୟ ଜୟନ୍ତୀ, ଶ୍ରୀମା'ଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଉତ୍ତରାଫାଲଗୁନୀ/ସିଂହ। ଦିବା ଘ.୧୧.୫୪ମି. ଗତେ କନ୍ୟାଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯.୩୮ମି. ଗତେ ଘ.୦୧.୦୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୫ମି. ଗତେ ଘ.୧୦.୧୦ମି. ମଧ୍ୟେ ରାହୁକାଳ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ଯାର, ପାଗ ତାର ।**

ଚଳ ଚଞ୍ଚଳ ନ ହେଲେ ବ୍ୟକ୍ତି ପଛରେ ରହିଯାଏ। ପଛୁଆ ରହୁଥିବା ବ୍ୟକ୍ତି ସକଳ ସୁବିଧା ସୁଯୋଗ ହରେଇବା ସହ ଉପେକ୍ଷିତ ହୋଇଥାଏ। ପରନ୍ତୁ ଯିଏ କର୍ମଠ ସବୁ କ୍ଷେତ୍ରରେ ଆଗୁଆ ରୁହେ, ସେ ଭଲ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା ପୁଅକୁ ଫାଲୁଆ ଗୁଣ୍ଡା ପର ପୁଅକୁ ଗୋବର ଲଣ୍ଡା ।**

ନିଜେ ପୂରା ଆତ୍ମସାତ କରିବାକୁ ତିଆର, ଅଥଚ ପର ଖାଇଲେ କେତେକଙ୍କ ଆଖିରେ ଯାଇ ନ ଥାଏ। ଆଜିର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ତତ୍ପର। ନିଜ କଥା ହେଲେ ସବୁ ଆବୋରି ବସନ୍ତି, ପରନ୍ତୁ ପର କଥା ହେଲେ ମୁହଁ ବୁଲେଇ ଦେଇଥାନ୍ତି। ପରର ସୁଖ ସୁବିଧାକୁ ଦୃଷ୍ଟି ଦେଇ ନ ଥାନ୍ତି କି ଦେଖି ସହି ପରି ନ ଥାନ୍ତି। ସବୁ କିଛି ନିଜେ ହାତେଇ ନେବାକୁ ଚାହୁଁଥିବା ଧୂର୍ତ୍ତ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ


# classifieds Everyday

0674-2580101, 2549302

## real estate

### SALE

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali- 9938016295. D-70845

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891. D-20409

5BHK Duplex@99lakh and Core House Ready 4BHK Duplex@85Lakh at Balianta. Residential Land at Gohala@1200/ 4Acre land at Rangabazar/ 6Acre at khordha/ 7Acre at Pitapalli. 9861022055/ 9938219397. D-20587

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648. D-20490

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254. D-70825

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-20464

Limited Plots available !! 50acres Plotting Township Nearby Sum Hospital, 30ft. Concrete road, Park, Temple, Swimming Pool, Plantation, Electricity and Water Connection. Contact-: 8337900880, 8337900881. D-70919

Plot for sale near Pipili Toll Gate, just 16km from Bhubaneswar, Kalpana Square. Contact: 9937446498. D-70592

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## healthcare

Refreshing your mind your body with the best therapy at Lotus Spa. 9801811949. D-70448

Newly open Spa offer @599/-, positively health benefits, Jaydevbihar. 7846814019. D-59988

New opening Saikrupa Panchakarma and Spa jointpain, fullbody massage, 8984068077. D-65915

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

By virtue of an affidavit Sworn in before the Notary Public, Bhubaneswar on 23.04.2021, I, Shri Satyanarayan Prasad Nayak, S/o- Late Kuber Kumar Nayak, permanent resident of Village- Saralsingh, Post- Baradi Harikund, Police Station- Balugaon, Dist- Khordha at present residing at Plot No.- 2068/5063, Rath road, Old town, Bhubaneswar, Dist- Khordha, do hereby declare that as I am residing out side my native village, taking advantage of my absence, other co-sharers, brothers are trying to grab my entire property situated in different mouza in the District of Khordha, under Tahasil Chilika and Sub-Registrar, Banpur and sell to others without my knowledge.

I further declare that I have never authorised them or given power to sell my property to anybody. Hence, if anybody being biased by my co-sharers, brothers, have purchased the above mentioned property, I will not be responsible for the same and the prospective purchaser will face the legal consequence and cost. D-20581

**'ଭୁବନେଶ୍ୱର-ଲର୍ଡ ଶିବଜ୍ ଇଷ୍ଟର୍ନ ଆବୋଡ୍' ପୁସ୍ତକ ଉନ୍ମୋଚିତ**

ଭୁବନେଶ୍ୱର,(ବ୍ୟୁରୋ): ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ମହାଦେବଙ୍କ ମହିମାକୁ ଆଧାର କରି ଇଂଲିଶ୍ ଭାଷାରେ ଲିଖିତ ପୁସ୍ତକ 'ଭୁବନେଶ୍ୱର-ଲର୍ଡ ଶିବଜ୍ ଇଷ୍ଟର୍ନ ଆବୋଡ୍' ଅନ୍‌ଲାଇନ୍ ଯୋଗେ ଉନ୍ମୋଚିତ ହୋଇଯାଇଛି। ସରନ୍ନା ଏଜୁକେଶନାଲ ଆଣ୍ଡ କଲଚରାଲ୍ ସର୍ଭିସେସ୍ ଦ୍ୱାରା ଲିଖିତ ଓ ପ୍ରସ୍ତୁତ ଏହି ପର୍ଯ୍ୟଟନ କେନ୍ଦ୍ରିକ ପୁସ୍ତକ ଟରୋଣ୍ଟୋସ୍ଥିତ ବିଦ୍ୟା ପବ୍ଲିସିଂ ଇଙ୍କ୍ ମୁଦ୍ରଣ ଓ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର ବସା ସମ୍ମାନିତ ଅତିଥି, ପ୍ରାଧ୍ୟାପକ ଆଦ୍ୟାଶା ଦାସ, କିଶୋର ଦ୍ୱିବେଦୀ, ଜିତୁ ମିଶ୍ର, ବିଦ୍ୟା ପବ୍ଲିସିଂ ଇଙ୍କ୍‌ର ପ୍ରତିଷ୍ଠାତା ଅଧକ୍ଷ ଡ. ତନ୍ମୟ ପଣ୍ଡା, ଥାଇଲାଣ୍ଡରୁ ଆଦ୍ରିଶ ବ୍ରହ୍ମଦତ୍ତ, କୁଏତ୍‌ରୁ ତୁଷାରକାନ୍ତି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଶଟ୍‌ଡାଉନରେ 'ମୋ ବସ୍'ର ନିୟମିତ ସେବା ବନ୍ଦ

■ଭୁବନେଶ୍ୱର ରେଳ ଷ୍ଟେଶନ, ବିମାନ ବନ୍ଦରରୁ ଯାତ୍ରୀ ପରିବହନ କରିବ

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ):** ସପ୍ତାହାନ୍ତ ଶଟ୍‌ଡାଉନ ସମୟରେ ସମସ୍ତ ଗାଡି, ମୋଟର ବନ୍ଦ ରହିଥିବାବେଳେ ସାଧାରଣ ଯାତ୍ରୀଙ୍କ ପାଇଁ 'ମୋ ବସ୍'ର ନିୟମିତ ସେବା ମଧ୍ୟ ବନ୍ଦ ରହିବ। ତେବେ କେବଳ ଭୁବନେଶ୍ୱର ରେଳଷ୍ଟେଶନରୁ କଟକ ଓ ଖୋର୍ଦ୍ଧା ପାଇଁ 'ମୋ ବସ୍ ସେବା' ଜାରି ରହିବ ବୋଲି ଏହାକୁ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଟୁଇଟ୍ କରି ସୂଚନା ଦେଇଛି। ସେହିପରି ବିମାନ ବନ୍ଦରରୁ ରେଳଷ୍ଟେଶନ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ମୋ ବସ୍ ସେବା ମିଳିବ। ତେବେ ମୋ ବସ୍‌ରେ କୌଣସି ଯାତ୍ରୀ ଠିଆ ହୋଇ ଯାତ୍ରା କରିପାରିବେ ନାହିଁ। ସେହିପରି ସମସ୍ତ ଯାତ୍ରୀ ମୁହଁରେ ମାସ୍କ ଲଗାଇବା ବାଧ୍ୟତାମୂଳକ ବୋଲି କ୍ରୁଟ କହିଛି।

### ହୋମ୍‌ଡେଲିଭରିକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ):** ଶଟ୍‌ଡାଉନ୍‌ରେ ସମସ୍ତ ଦୋକାନ ବଜାର ବନ୍ଦ ରହୁଥିବାରୁ ସାଧାରଣ ଲୋକମାନେ ଯେପରି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବିଶେଷକରି ଖାଦ୍ୟ, ପାନୀୟ ପାଇଁ ହୋମ୍ ଡେଲିଭରିର ସୁବିଧା କରାଯାଇଛି। ମାଛ, ମାଂସ, ଅଣ୍ଡା ଏବଂ ଅନ୍ୟ ଡାଏରୀ ପ୍ରଡକ୍ଟଗୁଡିକୁ ଲୋକମାନେ ହୋମ୍‌ଡେଲିଭରୀ ଜରିଆରେ ମଗାଇ ପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ମାଛ ପାଇଁ ଚିଲିକା ଫ୍ରେସ୍, ଚିକେନ୍ ଓ ଅଣ୍ଡା ପାଇଁ ଓପୋଲ୍‌ଫେଡ୍ ଓ କ୍ଷୀର ଓ ଅନ୍ୟାନ୍ୟା ଡେରୀ ପ୍ରଡକ୍ଟସ ପାଇଁ ଓମ୍‌ଫେଡ୍‌ର ୱେବ୍‌ସାଇଟ୍‌କୁ ଯାଇ ଦିଆଯାଇଥିବା ନମ୍ବରରେ ଫୋନ୍ କିମ୍ବା ହ୍ୱାଟ୍‌ସଆପ୍ ଜରିଆରେ ଅର୍ଡର କରିପାରିବେ।

### ସଂକ୍ରମିତ ପ୍ରବାସୀଙ୍କୁ ସହଯୋଗ କଲେ ସବ୍ୟସାଚୀ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ):** ସଂକ୍ରମିତ ପ୍ରବାସୀ ଓଡ଼ିଆଙ୍କୁ ସହାୟତା ପାଇଁ ପୁଣିଥରେ ହାତ ବଢ଼ାଇଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ସୋସିଆଲ୍ ମିଡିଆ ଓ ଅନଲାଇନ୍ ପ୍ଲାଟଫର୍ମର ଉପଯୋଗ କରି ସବ୍ୟସାଚୀ ପ୍ରବାସୀ ଓଡ଼ିଆଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। https://bit.ly/patient_details_urgent ଅନଲାଇନ ଫର୍ମ ମାଧ୍ୟମରେ ଆବେଦନକାରୀମାନେ ସେମାନଙ୍କ ରୋଗୀଙ୍କ ବିବରଣୀ ଓ ଜରୁରିକାଳୀନ ଆବଶ୍ୟକତାକୁ ଲେଖି ଜଣାଇପାରିବେ। ଏହାଦ୍ୱାରା ବ୍ୟକ୍ତିଗତ ଭାବେ ସେ ରୋଗୀଙ୍କର ତଦାରଖ କରିପାରିବେ ବୋଲି ସବ୍ୟସାଚୀ କହିଛନ୍ତି। ସବ୍ୟସାଚୀ ଏବେ କୋଭିଡ୍ ସହ ଲଢୁଥିବା ପ୍ରବାସୀ ଓଡ଼ିଆଙ୍କୁ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ପୂର୍ବକ ଜରୁରୀ ଔଷଧ ଓ ଅକ୍ସିଜେନ୍ ପହଞ୍ଚାଇବା ସହ ଆଇସିୟୁ ବେଡ୍‌ର ବ୍ୟବସ୍ଥା କରାଉଛନ୍ତି। କେବଳ ରାଜ୍ୟ ବାହାର ନୁହେଁ, ବରଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅସହାୟଙ୍କୁ ସାହାଯ୍ୟ କରିବା ଜାରି ରଖିଛନ୍ତି। ଗୋଟିଏ ଦିନରେ ସବ୍ୟସାଚୀଙ୍କ ଟିମ୍ ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଓଡ଼ିଶାରେ ୫୫ଟି ଆଇସିୟୁ ବେଡ୍ ବ୍ୟବସ୍ଥା କରିଥିବା ସୂଚନା ମିଳିଛି।




ଶଟ୍‌ଡାଉନର ପୂର୍ବଦିନ ଶୁକ୍ରବାର ଭୁବନେଶ୍ୱର ବଡଗଡ଼ ଓ ୟୁନିଟ୍-୧ ହାଟରେ ଜିନିଷପତ୍ର କିଣିବା ସମୟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ନାହିଁ।

# ଶଟ୍‌ଡାଉନ ପୂର୍ବରୁ ସଂକ୍ରମଣ ବାଣ୍ଟିଦେଲେ

**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୨୩।୪**

**ସହରବାସୀ କଟକଣା ଭୁଲିଗଲେ**
■ଆମିଷ, ପରିବା ବଜାରରେ କିଛି ମାନିଲେନି
■ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପ୍ରବଳ ଭିଡ଼

ସଂକ୍ରମଣ ରୋକିବାକୁ ସାରା ରାଜ୍ୟର ସହରାଞ୍ଚଳରେ ଲାଗୁ ହୋଇଛି ସପ୍ତାହାନ୍ତ ଶଟ୍‌ଡାଉନ୍। ହେଲେ ଏହା ପୂର୍ବରୁ ସଂକ୍ରମଣ ବାଣ୍ଟି ଦେଇଛନ୍ତି ସହରବାସୀ। ଶନିବାର ଓ ରବିବାର ଶଟ୍‌ଡାଉନ୍ ଲାଗୁ ପୂର୍ବରୁ ଭୁବନେଶ୍ୱର-କଟକର ବିଭିନ୍ନ ହାଟ, ବଜାରରେ ଶୁକ୍ରବାର ଦେଖିବାକୁ ମିଳିଥିଲା ଅସମ୍ଭାଳ ଭିଡ଼। ସବୁଠୁ ଶିକ୍ଷିତ ତଥା ସଚେତନ କୁହାଯାଉଥିଲେ ମଧ୍ୟ ସବୁ କଟକଣା ଭୁଲି ଯାଇଥିଲେ। ସକାଳେ ଆମିଷ ବଜାର ସ୍ଥିତି ବିଗାଡ଼ି ଦେଇଥିବାବେଳେ ସନ୍ଧ୍ୟାରେ ପରିବା ପାଇଁ ହାଟରେ ଭିଡ଼ ଜମାଇଥିଲେ। ରାତି ୯ଟାରୁ କର୍ଫ୍ୟୁ, ପୁଣି ସକାଳୁ ସୋମବାର ସକାଳ ଯାଏ କଟକଣା ଲାଗୁଥିବାରୁ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ଲୋକେ ସବୁକିଛି ଭୁଲି ବଜାର ଧାଇଁଥିଲେ। ବେଳ ନ ବୁଡୁଣୁ ହାଟ ବଜାରକୁ ଲୋକଙ୍କ ସୁଅ ଛୁଟିଥିଲା। ଫଳରେ ବିଭିନ୍ନ ହାଟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସାମାଜିକ ଦୂରତ୍ୱକୁ ପୂରା ଭୁଲିଯାଇଥିଲେ। ଭୁବନେଶ୍ୱରର ବଡଗଡ ମାଛ ମାର୍କେଟ, ୟୁନିଟ-୧, ଡମଣା, ରସୁଲଗଡ ହାଟରେ ସର୍ବାଧିକ ଗହଳି ହୋଇଥିବାବେଳେ ବିଭିନ୍ନ ବଜାରରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ରସୁଲଗଡ଼ ସମେତ କେତେକ ହାଟ କମିଟି ପକ୍ଷରୁ ମାଇକ୍‌ରେ ବାରମ୍ବାର ସଚେତନ କରାଯାଉଥିବାବେଳେ ଆଉ କେତେକ ହାଟରେ ପୋଲିସ ଉପସ୍ଥିତି ସତ୍ତ୍ୱେ ଲୋକେ କୋଭିଡ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ସେହିଭଳି କଟକ ମାଲଗୋଦାମ ସମେତ ଛତ୍ରବଜାର, ବକ୍ସିବଜାର, ଚୌଧୁରୀ ବଜାର, କଲେଜ ଛକ ଆଦି ସ୍ଥାନରେ ଜିନିଷପତ୍ର କିଣିବା ପାଇଁ ଗ୍ରାହକଙ୍କ ଗହଳି ଲାଗିଥିଲେ। ଅନ୍ୟପକ୍ଷରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ଘରକୁ ଫେରିବା ପାଇଁ ବାଦାମବାଡି ବସଷ୍ଟାଣ୍ଡରେ ଯାତ୍ରୀଙ୍କ ଭିଡ ଲାଗିଥିଲା।

**ମଦ ଦୋକାନରୁ ବୋହିନେଲେ**

ଦୁଇଦିନ ଶଟ୍‌ଡାଉନ୍ ହେଉଥିବାରୁ ନିଶା ସେବନକାରୀଙ୍କ ଚିନ୍ତା ବଢ଼ିଛି। ତେଣୁ ଶୁକ୍ରବାର ମଦ ଦୋକାନ ଆଗରେ ଦିନ ତମାମ ଭିଡ଼ ହୋଇଥିବାବେଳେ ସନ୍ଧ୍ୟାରେ ଅଧିକ ରହିଥିଲା। ଲୋକେ ଆବଶ୍ୟକତାଠାରୁ ଅଧିକ ମଦ ବୋହି ନେଇଥିଲେ। ଶଟ୍ ଡାଉନ୍‌କୁ ନେଇ ସମସ୍ତେ ଯେପରି ଛାନିଆ ହୋଇପଡୁଥିବାବେଳେ କାହା ମଧ୍ୟରେ ସଂକ୍ରମଣ ଭୟ ନ ଥିଲା।




ଭୁବନେଶ୍ୱରର ଏକ ମଦ ଦୋକାନ ଆଗରେ ଲୋକଙ୍କ ଭିଡ଼।




ଶୁକ୍ରବାର କଟକ ସିଡିଏ ବେଲ୍‌ଭ୍ୟୁ ଛକସ୍ଥିତ ସ୍ମାରକୀ ପାର୍କ ପରିସରରେ ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ କରୋନା ସଚେତନତା ସମ୍ପର୍କିତ ବାଲୁକାକଳା।

# ରାଜଧାନୀରେ ୭ଶହ ମୁହାଁ ସଂକ୍ରମଣ

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

■୨୪ଘଣ୍ଟାରେ ୬୯୮ ନୂଆ ପଜିଟିଭ, ଜଣେ ମୃତ
■ନୟାପଲ୍ଲୀରେ ଏକାଥରକେ ୪୩ ଚିହ୍ନଟ

ରାଜଧାନୀରେ କରୋନା ବେକାବୁ ହେବାକୁ ବସିଲାଣି। ସଂକ୍ରମଣରେ ବ୍ରେକ୍ ଲଗାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ବି କିଛି ସୁଫଳ ମିଳୁନି। ଏବେ ୭ଶହ ମୁହାଁ ହୋଇଛି ଦୈନିକ ସଂକ୍ରମଣ। ଗତ ୨୪ ଘଣ୍ଟାରେ ସହରରୁ ୬୯୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୧୫୦ ଓ ସ୍ଥାନୀୟ ଆକ୍ରାନ୍ତ ୫୪୮ଜଣ ରହିଛନ୍ତି। ଏଥିସହ ସହରରୁ ଜଣଙ୍କର ମୃତ୍ୟୁ ଘଟିଛି।

ନୟାପଲ୍ଲୀ ଏବେ ସଂକ୍ରମଣର ହଟ୍‌ସ୍ପଟ ପାଲଟିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୪୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୨ଜଣ ପଜିଟିଭ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି ପୁରୁଣା ଭୁବନେଶ୍ୱର। ସେହିପରି ପଟିଆରୁ ୨୯ଜଣ, ରସୁଲଗଡରୁ ୧୫ଜଣ, ସୁନ୍ଦରପଦାରୁ ୧୨ଜଣ, ଚନ୍ଦ୍ରଶେଖରପୁରରୁ ୨୮ଜଣ, ବରମୁଣ୍ଡାରୁ ୨୪ଜଣ, ଖଣ୍ଡଗିରିରୁ ୧୭ଜଣ, ଜଗନ୍ନାଥନଗରରୁ ୮ଜଣ, ଲକ୍ଷ୍ମୀସାଗରରୁ ୧୬ଜଣ, ଆଚାର୍ଯ୍ୟ ବିହାରରୁ ୬ଜଣ, ଆଇଆର୍‌ସି ଭିଲେଜରୁ ୬ଜଣ, ଜାଗମରାରୁ ୮ଜଣ, ଡୁମୁଡୁମାରୁ ୯ଜଣ, ବମିଖାଲରୁ ୬ଜଣ, କଳିଙ୍ଗବିହାରରୁ ୫ଜଣ, ବାପୁଜୀ ନଗରରୁ ୧୧ଜଣ, ବ୍ରହ୍ମେଶ୍ୱର ପାଟଣାରୁ ୨ଜଣ, ବିଜେବିନଗରରୁ ୬ଜଣ, ପାତ୍ରପଡାରୁ ୯ଜଣ, ଟଙ୍କପାଣିରୋଡ୍‌ରୁ ୧୦ଜଣ ପଲାଶୁଣୀରୁ ୮ଜଣ, ଶୈଳଶ୍ରୀ ବିହାରରୁ ୧୦ଜଣ, ୟୁନିଟ-୯ରୁ ୮ଜଣ, ଶହୀଦ ନଗରରୁ ୭ଜଣ, ୟୁନିଟ-୬ରୁ ୧୪ଜଣ, ୟୁନିଟ-୮ରୁ ୧୧ଜଣ, ୟୁନିଟ-୪ରୁ ୭ଜଣ, ପୋଖରୀପୁଟରୁ ୮ଜଣ, ସତ୍ୟ ନଗରରୁ ୧୦ଜଣ, ୟୁନିଟ-୩ରୁ ୫ଜଣ ଚିହ୍ନଟ ହୋଇଛନ୍ତି। ତେବେ ଗତ ୨୪ଘଣ୍ଟାରେ ୩୧୬ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି।

## ସିଲ୍ ହେଲା ଉତ୍କଳ ରୟାଲ ରେସିଡେନ୍ସି

**ଏକାଧିକ କରୋନା ସଂକ୍ରମିତ ଚିହ୍ନଟ**

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

କଳ୍ପନା ଛକସ୍ଥିତ ଉତ୍କଳ ରୟାଲ ରେସିଡେନ୍ସିକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଶୁକ୍ରବାରଠାରୁ ଆସନ୍ତା ମେ ୫ ପର୍ଯ୍ୟନ୍ତ ୧୦ଦିନ ପାଇଁ ସିଲ୍ କରାଯାଇଛି। ଏହି ଆପାର୍ଟମେଣ୍ଟରେ ଏକାଧିକ ସଂକ୍ରମିତ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ରେସିଡେନ୍ସି ସୋସାଇଟି ପକ୍ଷରୁ ଆପାର୍ଟମେଣ୍ଟ ପରିସରକୁ ତୁରନ୍ତ ସାନିଟାଇଜ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟ ମଧ୍ୟରେ କୌଣସି ବ୍ୟକ୍ତିଙ୍କୁ ଆପାର୍ଟମେଣ୍ଟରୁ ବାହାରକୁ ଆସିବା କିମ୍ବା ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ସଂକ୍ରମିତିଙ୍କୁ ୭ଦିନିଆ ହୋମ୍ କ୍ୱାରାଣ୍ଟାଇନ ସହ ୧୦ଦିନ ପର୍ଯ୍ୟନ୍ତ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ତୁରନ୍ତ ଟେଷ୍ଟ କରି ଆଇସୋଲେଶନରେ ରହିବେ। ଅତ୍ୟାବଶ୍ୟକୀୟ ସେବା ପାଇଁ ୱାର୍ଡ ନଂ-୫୫ର ୱାର୍ଡ ଅଫିସର ବ୍ରହ୍ମାନନ୍ଦ ମହାପାତ୍ରଙ୍କୁ ୯୩୪୮୮୦୧୩୮୭ ନମ୍ବରରେ ଯୋଗାଯୋଗ କରିପାରିବେ। କୋଭିଡ୍ ସମ୍ପର୍କିତ ସେବା ପାଇଁ ବିଏମ୍‌ସିର କଣ୍ଟ୍ରୋଲ ରୁମ୍ ନଂ. ୭୮୪୭୮୭୩୦୪୦ କିମ୍ବା ୧୯୨୯କୁ କଲ କରି ପାରିବେ। ଏଥିସହିତ ଏଠାରେ ଶନିବାର ଓ ରବିବାର ଦୁଇଦିନ ଧରି ଟେଷ୍ଟ କ୍ୟାମ୍ପର ଆୟୋଜନ କରାଯିବ ବୋଲି ବିଏମ୍‌ସି ସୂଚନା ଦେଇଛି।

## ଶଟ୍‌ଡାଉନରୁ ଅତ୍ୟାବଶ୍ୟକ ସେବା ବାଦ୍

**ଭୁବନେଶ୍ୱର, ୨୩।୪ (ବ୍ୟୁରୋ)**

**୧୯୨୯କୁ କଲ୍ କରି କୋଭିଡ୍ ସମ୍ପର୍କିତ ସେବା ପାଇପାରିବେ**

ଶଟ୍‌ଡାଉନ କଟକଣାରୁ ଜରୁରି କାଳୀନ ସେବାଗୁଡିକୁ ବାଦ୍ ଦିଆଯାଇଛି। ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ କହିଛନ୍ତି, କ୍ଷୀର, ହୋମ୍ ଡେଲିଭରି ଚାଲିପାରିବ। ମେଡିକାଲ ଷ୍ଟୋରଗୁଡିକ ଖୋଲା ରହିବ। ରେଳ ଷ୍ଟେଶନ ଓ ବିମାନ ବନ୍ଦରଗୁଡିକ ବାହାରେ ଥିବା ଟାକ୍ସିଗୁଡିକ ପୂର୍ବପରି ସେବା ଯୋଗାଇବେ। ଏହି ମଧ୍ୟରେ କୋଭିଡ ସମ୍ପର୍କିତ କୌଣସି ସମସ୍ୟା ଯଥା- ଟେଷ୍ଟିଂ, କରୋନା ସଂକ୍ରମିତଙ୍କ ସିଫ୍ଟିଂ ଓ ଅନ୍ୟାନ୍ୟ ସୂଚନା ପାଇଁ ୧୯୨୯କୁ କଲ କରି ଲୋକେ ସେବା ପାଇ ପାରିବେ। ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ସମସ୍ତ ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ରେଳଷ୍ଟେଶନରେ ରେଜିଷ୍ଟ୍ରେଶନ କାଉଣ୍ଟର କରାଯାଇଛି। ସେହିପରି ବିମାନବନ୍ଦରରେ ମଧ୍ୟ ପଶ୍ଚିମବଙ୍ଗ ଫେରନ୍ତାଙ୍କର ଚେକିଂ କରାଯିବ। ଭୁବନେଶ୍ୱରରେ ପହଞ୍ଚିବାର ୪୮ଘଣ୍ଟା ଭିତରେ ଯାତ୍ରୀଙ୍କୁ ଆର୍‌ଟି-ପିସିଆର ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ ଡୋଜ୍ ଭାକ୍ସିନେଶନ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ଯାତ୍ରୀଙ୍କର ଏହି ଦୁଇଟି ଯାକ ରିପୋର୍ଟ ନ ଥିବ, ସେମାନଙ୍କୁ ସରକାରୀ କିମ୍ବା ଅଧିସୂଚିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ପଡିବ। ଏହା ବ୍ୟତୀତ ସହରରେ ୩୦ରୁ ଅଧିକ ବେଡ୍ ଥିବା ସମସ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇଛି। ସରକାରୀ ଗାଇଡ୍ ଲାଇନ୍ ଅନୁଯାୟୀ ସମ୍ପୃକ୍ତ ଘରୋଇ ହସ୍ପିଟାଲ ଗୁଡିକରେ ୫୦% ବେଡ୍ କୋଭିଡ୍ ସଂକ୍ରମିତଙ୍କ ପାଇଁ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଗାଇଡ୍‌ଲାଇନ୍‌କୁ ଯେପରି ଭୁବନେଶ୍ୱରରେ କଡାକଡି ଭାବେ କାର୍ଯ୍ୟକାରୀ କରାଯିବ ସେ ନେଇ ସମସ୍ତ ପଦକ୍ଷେପ ନିଆଯାଉଥିବା କମିଶନର କହିଛନ୍ତି।

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**

(ପୁପୁନ)
**ପ୍ରଭୁ ପ୍ରସାଦ ଦାସ**
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ତିନି ଜେଜେ, ତିନି ମା', ଅଜା, ଆଈ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ।
ଧ-୬୯୪୯୯

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
8895029591

# ଦ୍ୱୈତନଗରୀ ଜଗିବେ ୩୨ ପ୍ଲାଟୁନ୍ ଫୋର୍ସ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

**କମିଶନରେଟ ପୋଲିସର ଶଟ୍‌ଡାଉନ କଟକଣା**
■ଜରୁରୀସେବା କର୍ମଚାରୀ ପରିଚୟପତ୍ର ଦେଖାଇ ଯାଇପାରିବେ
■ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ହେବ
■ସହଯୋଗ ପାଇଁ ନିବେଦନ କଲେ କମିଶନର

କରୋନା ସଂକ୍ରମଣ ରୋକିବାକୁ ସହରାଞ୍ଚଳରେ ନାଇଟ୍ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍ ଡାଉନ ଆରମ୍ଭ ହୋଇଛି। ନାଇଟ୍ କର୍ଫ୍ୟୁକୁ ମିଶାଇ ଶୁକ୍ରବାର ରାତି ୯ରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୋଟ ୩୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବାବେଳେ ୩୫୦ଜଣ ପୋଲିସ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। କଟକରେ ୧୨ ପ୍ଲାଟୁନ ଫୋର୍ସ ଓ ୧୦୦ ଅଧିକାରୀ ଏବଂ ଭୁବନେଶ୍ୱରରେ ୨୦ ପ୍ଲାଟୁନ୍ ଫୋର୍ସ ସହ ୧୫୦ ଅଧିକାରୀ ନିୟୋଜିତ ଅଛନ୍ତି। ସେହିଭଳି କଟକରେ ୨୫ ଓ ଭୁବନେଶ୍ୱରରେ ୪୩ ସ୍ଥାନରେ ନାକାବନ୍ଦୀ କରାଯାଇ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା ହୋଇଛି। ସମସ୍ତ ସୁରକ୍ଷା ଦାୟିତ୍ୱ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ତଦାରଖ କରିବେ। ସମସ୍ତ ଡିସିପି, ଏସିପି ଓ ଥାନାଅଧିକାରୀ ଗ୍ରାଉଣ୍ଡକୁ ଯାଇ କର୍ଫ୍ୟୁ କଟକଣାର ସମୀକ୍ଷା କରିବେ।

ପୋଲିସ କମିଶନର ପ୍ରିୟଦର୍ଶୀ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କମିଶନର କହିଛନ୍ତି, କଟକଣା ନ ମାନିଲେ ଅମାନିଆଙ୍କଠାରୁ ଜରିମାନା ଆଦାୟ ହେବ। ତେବେ ସହରବାସୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଶଟ୍‌ଡାଉନ୍ ସମୟରେ ସକାଳ ୫ଟାରୁ ୬ଟା ଘଣ୍ଟାଏ ମର୍ନିଂ ୱାକ୍ ପାଇଁ କଟକଣା କୋହଳ କରାଯିବ। କଟକଣା ସମୟରେ ଯାତାୟାତ ପାଇଁ କୌଣସି ପ୍ରକାର ପାସ୍ ବ୍ୟବସ୍ଥା କରାଯାଇନାହିଁ। ଜରୁରୀକାଳୀନ ସେବାରେ ଥିବା କର୍ମଚାରୀ ନିଜ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ଜରୁରୀ କାର୍ଯ୍ୟ ଥିଲେ ଲୋକେ ଯାଇପାରିବେ। କିନ୍ତୁ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଯାଞ୍ଚ ସମୟରେ ବାସ୍ତବତା ଅନୁଭବ କରି ଛାଡ଼ିବା ନେଇ ନିଷ୍ପତ୍ତି ନେବେ। ତେବେ ସହରବାସୀ କରୋନା କଟକଣା ମାନି ପୋଲିସକୁ ସହାୟତା କରିବା ପାଇଁ କମିଶନର ଜନ ସାଧାରଣଙ୍କୁ ନିବେଦନ କରିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଚନ୍ଦ୍ରମଣି ସୁବୁଦ୍ଧି**
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧
ବୋଉ... ପ୍ରତି ମୁହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି। ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମେ କେବେହେଲେ ଭୁଲିପାରିବୁ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୫୯୧

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**

**୰ସ୍ନେହଲତା ଷଡ଼ଙ୍ଗୀ**
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା)
ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି। ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ। ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ। ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ। ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ।
ଧ-୨୦୫୮୬

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**Indus Digilat Tower**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
R-102, Cyber Building, Bangalore, Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ- ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ବର ଭିତରେ ନିମଗ୍ନ ହୋଇଥାଅ- ସେଥିରେ ଦୁଃଖ କରନାହିଁ। କାରଣ- ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। -ଶ୍ରୀମା



# କଡ଼ା ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାଖାପାଖିରେ ଅବସର ନେବାକୁ ଥିବା ଅଧିକାରୀମାନଙ୍କୁ ପଦୋନ୍ନତି, ବଦଳି ଏବଂ ଟେଣ୍ଡର ଆଦି ସମ୍ବନ୍ଧିତ କୌଣସି ନୂଆ ଅର୍ଡର ନ ଦେବା ପାଇଁ ହରିୟାଣା ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଅର୍ଡର ଦେବା ପୂର୍ବରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ ବର୍ଦ୍ଧନଙ୍କ ଠାରୁ ଅନୁମୋଦନ ବା ସ୍ୱୀକୃତି ନେବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି କିମ୍ବା ଏହା ପାଳନ ନ କଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ସୂତ୍ରରୁ ପ୍ରକାଶ ଯେ,ଅବସର ନେବା ପୂର୍ବରୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ସରକାରୀ ପଦବୀର ଅପବ୍ୟବହାର କରୁଥିବାର ଅଭିଯୋଗ ପାଇଲା ପରେ ମନୋହର ଲାଲ ଖଟ୍ଟାର ସରକାର ଏଭଳି କଡ଼ା ପଦକ୍ଷେପ ନେଇଛନ୍ତି। ଅଭିଯୋଗ ଆସିବା ପରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ, ଅତୀତରେ ଏଭଳି ପଦକ୍ଷେପ ଆର୍ଥିକ ଅନିୟମିତତା ଏବଂ ରାଜ୍ୟ ରାଜକୋଷର କ୍ଷତି ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆମନ୍ତ୍ରିତ କରିଛି ବା ସମ୍ନାକୁ ଆଣିଛି। ଏହା ପୁନଶ୍ଚ ଦର୍ଶାଇଛି ଯେ,ଯେଉଁ କେସ୍ ପାଇଁ ପୂର୍ବରୁ ଅନୁମୋଦନ ନେବାକୁ ସରକାର ଚାହିଁଛନ୍ତି ସେଗୁଡ଼ିକ ମଧ୍ୟରେ ରହିଛି କାମ ଦେବା ଲାଗି ଟେଣ୍ଡର ପ୍ରକ୍ରିୟା କିମ୍ବା ପେମେଣ୍ଟ ରିଲିଜ କରିବା, ନିଯୁକ୍ତି, ନୂଆ ରିକ୍ରୁଟମେଣ୍ଟ, ସବୁ ବର୍ଗର ଅଧିକାରୀମାନଙ୍କର ପଦୋନ୍ନତି ଓ ବଦଳି। ଏଥିରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନିଶ୍ଚିତ କରାଯାଇଛି। ଅବସର ପାଖାପାଖି ସମୟରେ 'ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ'ର ଭୟ ଏହି ବାବୁମାନଙ୍କୁ ଠିକ୍ ବାଟରେ ରଖିବାରେ ସାହାଯ୍ୟ କରିପାରେ ବୋଲି ରାଜ୍ୟ ସରକାର ଆଶା କରୁଛନ୍ତି ।

### ରାଜନୈତିକ ବିବାଦ ଓ କେନ୍ଦ୍ରୀୟ ପ୍ରତିନିଯୁକ୍ତି

ମହାରାଷ୍ଟ୍ରରେ ଶାସକ ମହାରାଷ୍ଟ୍ର ବିକାଶ ଅଘାଡି(ଏମ୍‌ଭିଏ) ସରକାର ଏବଂ ବିରୋଧୀ ଭାଜପା ମଧ୍ୟରେ ଭୀଷଣ ଲଢେଇ ଲାଗିରହିଛି। ଏହା ଯୋଗୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ନିକଟତର ତଥା ପ୍ରିୟ ଅଧିକାରୀମାନେ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତିର ଶାନ୍ତ ପରିବେଶରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି। ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଯେଉଁମାନେ ଫଡ଼ନବିସଙ୍କ ଶାସନ କାଳରେ ସେମାନଙ୍କ କ୍ଷମତାର ପ୍ରଭାବ ବିସ୍ତାର କରିଥିଲେ ସେମାନେ ଏବେ କେନ୍ଦ୍ର ଡେପୁଟେଶନରେ ରହିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କମିଶନର ତଥା ୧୯୯୩ ବ୍ୟାଚ ଆଇଏଏସ୍ ଅଧିକାରୀ ସଞ୍ଜୀବ କୁମାର ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରିହନମୁମ୍ବାଇ ଇଲେକ୍ଟ୍ରିକ ସପ୍ଲାଏ ଆଣ୍ଡ ଟ୍ରାନ୍ସପୋର୍ଟ(ବିଇଏସ୍‌ଟି)ର ମହାପ୍ରବନ୍ଧକ ଏସ୍. କେ.ବାଗଡେଙ୍କୁ ଗୃହ ଏବଂ ସହରି ବିକାଶ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ବାଗଡେ ତାଙ୍କ କାର୍ଯ୍ୟକାଳ ପୂରଣ କରିଥିବାବେଳେ ସଞ୍ଜୀବ କୁମାର କେବଳ ୧ ବର୍ଷ ୪ମାସ ପାଇଁ ଜିଏସ୍‌ଟି କମିଶନର ରହିଥିଲେ। ସେହିପରି ପୂର୍ବତନ ପୋଲିସ ମହା ନିର୍ଦ୍ଦେଶକ (ଡିଜିପି) ଏସ୍. କେ.ଜୈସ୍ୱାଲ ସିଆଇଏସଏଫ୍‌ର ମହାନିର୍ଦ୍ଦେଶକ ଦାୟିତ୍ୱ ନେଇଥିବାବେଳେ ପୂର୍ବତନ ରାଜ୍ୟ ଗୋଇନ୍ଦା କମିଶନର ରଶ୍ମି ଶୁକ୍ଲା ଏବେ ସିଆରପିଏଫ୍‌କୁ ଯାଇଛନ୍ତି। ଆଉ ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ମନୋଜ କୁମାର ଶର୍ମା ମହାରାଷ୍ଟ୍ର ଷ୍ଟେଟ୍ ସିକ୍ୟୁରିଟି କର୍ପୋରେଶନରେ ଥିଲେ ଓ ଏବେ ସେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଅଛନ୍ତି। ଏଭଳି ପ୍ରତିନିଯୁକ୍ତିକୁ ଏକ ନିୟମିତ କାର୍ଯ୍ୟ ରୂପେ ଦେଖାଯିବା ଉଚିତ। ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖିଲେ ଭୁଲ୍ ହେବ। ହେଲେ ଅଳ୍ପ କେତେ ଜଣ ପର୍ଯ୍ୟବେକ୍ଷକ ଏଭଳି ବିଚାର ସହ ଏକମତ ହେବା ଲକ୍ଷ୍ୟ କରାଯାଉଛି।

### ଜନ୍ମଦିନରେ ଗୀତା ବାର୍ତ୍ତା

ଡ. କରଣ ସିଂଙ୍କ ୯୦ ତମ ଜନ୍ମଦିନ ପାଳନ ବାବୁମାନଙ୍କ କାର୍ଯ୍ୟକ୍ରମ ନ ହେଲେ ମଧ୍ୟ ଅନ୍ୟଦୃଷ୍ଟିରୁ ଏହା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବତ ଗୀତାର ଏକ ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚନ କରିଥିଲେ। ୧୧ଟି ଭାଗରେ ପ୍ରକାଶିତ ଏହି ଗୀତାର ପ୍ରତିଲିପିରେ ପ୍ରତ୍ୟେକ ପଦ ବା ଛନ୍ଦ ଉପରେ ୨୦ଟି ଟୀକା-ଟିପ୍ପଣି ରହିଛି। ଏହି ଉତ୍ସବ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ କରଣ ସିଂଙ୍କ ପରିବାରର ସଦସ୍ୟଗଣ ଏବଂ କଶ୍ମୀର ନୀତିକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରିଥିବା ଅଳ୍ପ କେତେଜଣ ଅମଲାତନ୍ତ୍ରୀ ଯୋଗଦେଇଥିଲେ। ଡ. କରଣ ସିଂ ଔପଚାରିକ ଭାବେ ପ୍ରଥମେ ଭଗବତ ଗୀତାର ଏକ ବାର୍ତ୍ତାରୁ ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ ଏବଂ ସାମ୍ପ୍ରତିକ ରାଜନୈତିକ ବିଷୟବସ୍ତୁଠାରୁ ଦୂରେଇ ରହିଥିଲେ। ଭଗବତ ଗୀତା ଉପରେ ପ୍ରଧାନମନ୍ତ୍ରୀ ଯାହା କହିବେ ବୋଲି ଆଶା କରାଯାଉଥିଲା ତାହା ହିଁ ସେ କହିଲେ। କଶ୍ମୀରର ରାଜନେତା ଡ. କରଣ ସିଂଙ୍କୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରି ତାଙ୍କ ବକ୍ତବ୍ୟ ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ବାବୁମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

Email: dilipcherian@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | | 2 | 7 | | | | |
| | 7 | | 3 | | 9 | | | |
| | | | 4 | | | 9 | 5 | |
| | | | | 8 | 1 | | 6 | 9 |
| 4 | | | | 3 | | | 1 | |
| 6 | 8 | | | | | | | |
| | | 8 | | | 6 | | 9 | |
| | | 7 | 1 | | | | | |
| | | | | 4 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 5 | 8 | 4 | 1 | 3 | 2 |
| 5 | 3 | 8 | 1 | 2 | 6 | 7 | 4 | 9 |
| 2 | 1 | 4 | 3 | 7 | 9 | 5 | 8 | 6 |
| 4 | 2 | 5 | 7 | 9 | 3 | 8 | 6 | 1 |
| 1 | 7 | 9 | 4 | 6 | 8 | 2 | 5 | 3 |
| 8 | 6 | 3 | 2 | 5 | 1 | 9 | 7 | 4 |
| 9 | 8 | 2 | 6 | 3 | 7 | 4 | 1 | 5 |
| 3 | 5 | 1 | 8 | 4 | 2 | 6 | 9 | 7 |
| 6 | 4 | 7 | 9 | 1 | 5 | 3 | 2 | 8 |

ଗତକାଲିର ଉତ୍ତର

# ଉଦାସ ଭାରତ



ପ୍ରକାଶ ତ୍ରିପାଠୀ

ଭାରତ ଉଦାସ। ଭାରତୀୟମାନେ ଖୁସିରେ ରହୁନାହାନ୍ତି। ବେଦ, ଉପନିଷଦ, ଶାସ୍ତ୍ର ଆଦିର ଗନ୍ତାଘର କୁହାଯାଉଥିବା ଭାରତରେ ମଣିଷ ସୁଖ, ଶାନ୍ତି ଓ ଖୁସିରେ ରହିବା ପାଇଁ ଅନେକ ପରାମର୍ଶ ଓ ମାର୍ଗ ରହିଥିବା ବେଳେ ଭାରତୀୟମାନେ କିନ୍ତୁ ଖୁସିରେ ରହିବା ବଦଳରେ ଦୁଃଖ ଓ ଉଦାସରେ ରହୁଛନ୍ତି। ଦୈନନ୍ଦିନ ଜୀବନରେ ସେମାନେ କ୍ରମଶଃ ଅଧିକ ଚାପଗ୍ରସ୍ତ ଓ ଚିନ୍ତାଗ୍ରସ୍ତ ଜୀବନ ବିତାଇବାରେ ଲାଗିଛନ୍ତି। ସନ୍ତୋଷ ପରମ ସୁଖମ୍ ନୀତିରେ ବିଶ୍ୱାସ ରଖୁଥିବା ଭାରତୀୟମାନେ କିନ୍ତୁ ନିଜର ସନ୍ତୋଷ ପ୍ରକାଶ କରିବାରେ ସକ୍ଷମ ହୋଇ ପାରୁନାହାନ୍ତି। ସେମାନଙ୍କ ଆଶା, ଆକାଂକ୍ଷା ପୂର୍ଣ୍ଣ ହୋଇ ପାରୁନାହିଁ ଓ ଯାହା ବି ପ୍ରାପ୍ତ ହେଉଛି, ତାହା ତାଙ୍କୁ ଖୁସି କରି ପାରୁନାହିଁ। ମିଳିତ ଜାତିସଂଘର ସଷ୍ଟେନ୍‌ବଲ ଡେଭେଲପ୍‌ମେଣ୍ଟ ସଲ୍ୟୁସନ ନେଟୱର୍କ ପକ୍ଷରୁ ବିଶ୍ୱର ପ୍ରାୟ ସବୁରାଷ୍ଟ୍ରର ନାଗରିକଙ୍କ ମତାମତକୁ ଭିତ୍ତି କରି ପ୍ରତିବର୍ଷ ଖୁସି ଦେଶର ତାଲିକା ପ୍ରସ୍ତୁତ କରାଯାଏ। ୨୦୨୧ ଖୁସି ଦେଶ ତାଲିକାରେ ୧୪୯ଟି ଦେଶର ଜନସାଧାରଣଙ୍କ ମତାମତ ସଂଗ୍ରହ କରାଯାଇ ଖୁସି ତାଲିକା ପ୍ରକାଶ ପାଇଛି ଓ ସେଥିରେ ଭାରତର ସ୍ଥାନ ୧୩୯। ତେବେ ପ୍ରଗତି ଓ ବିକାଶର ଧାରାରେ ଆଗକୁ ବଢ଼ୁଥିବା ଭାରତ ନିଜର ପଡ଼ୋଶୀ ଦେଶଗୁଡ଼ିକଠାରୁ ଏହି ତାଲିକାରେ ତଳେ ରହିଛି। ପାକିସ୍ତାନ ୧୦୫ ସ୍ଥାନରେ ଥିବା ବେଳେ ବଙ୍ଗଳାଦେଶ ୧୦୧ ଓ ଚାଇନା ୮୪ତମ ସ୍ଥାନରେ ରହିଛି। ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ନେପାଳ ଦକ୍ଷିଣ ଏସୀୟ ରାଷ୍ଟ୍ରଙ୍କ ମଧ୍ୟରେ ସବୁଠାରୁ ଅଧିକ ଖୁସି ରାଷ୍ଟ୍ର ଭାବେ ୮୭ତମ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା ୧୨୯ ସ୍ଥାନ ଓ ମାଲ୍‌ଡିଭସ୍ ୮୯ତମ ସ୍ଥାନରେ ରହିଛି।

ଜିଡିପି, ସାମାଜିକ ସହାୟତା, ବ୍ୟକ୍ତିଗତ ସ୍ୱାଧୀନତା ଓ ଦୁର୍ନୀତିର ସ୍ତରକୁ ଆଧାର କରି ଏହି ଖୁସି ଦେଶର ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ସମାଜରେ ସୁଶାସନ, ସ୍ୱତନ୍ତ୍ରତା, ଉଦାରତା, ମୁଣ୍ଡପିଛା ଆୟ, ସ୍ୱାସ୍ଥ୍ୟ,ବଞ୍ଚିବାର ସମୟ, ଦୀର୍ଘଜୀବନର ପ୍ରତ୍ୟାଶା ଆଦି ବିଷୟ ମଧ୍ୟ ସ୍ଥାନ ପାଇଥାଏ। ଗତବର୍ଷ ଭାରତ ୧୫୬ ଦେଶ ମଧ୍ୟରୁ ୧୪୪ତମ ସ୍ଥାନରେ ଥିଲା ବେଳେ ୨୦୧୯ରେ ୧୪୦ତମ ସ୍ଥାନ, ୨୦୧୮ରେ ୧୩୩ତମ ଓ ୨୦୧୭ରେ ୧୨୨ତମ ସ୍ଥାନରେ ଥିଲା। ତେବେ ୟୁରୋପର ଅଧିକାଂଶ ରାଷ୍ଟ୍ର ପ୍ରଥମ ୨୦ଟି ସର୍ବାଧିକ ଖୁସି ରାଷ୍ଟ୍ର ତାଲିକାରେ ଗତ ପାଞ୍ଚବର୍ଷ ଧରି ନିଜର ସ୍ଥିତି ମଜଭୁତ ରଖୁଥିବା ବେଳେ ଭାରତ ଅନୁରୂପ ଭାବେ ତଳ ଆଡୁ ସର୍ବାଧିକ ୨୦ ଖୁସି ରାଷ୍ଟ୍ର ତାଲିକାରେ ନିଜର ସ୍ଥାନ ସୁରକ୍ଷିତ ରଖିପାରୁଛି। ଚଳିତବର୍ଷ କରୋନା ମହାମାରୀ ଯୋଗୁଁ ସମଗ୍ର ବିଶ୍ୱର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ବେରୋଜଗାରି ବଢ଼ିଛି, ଦରବୃଦ୍ଧି ସାଙ୍ଗକୁ ସାମାଜିକ ସ୍ତରରେ ଅନେକ ପରିବର୍ତ୍ତନ ଘଟିଛି। ଏ ସବୁ ସତ୍ତ୍ୱେ ଜନସାଧାରଣଙ୍କ ବ୍ୟକ୍ତିଗତ ଜୀବନରେ ବିଶେଷ କିଛି ପରିବର୍ତ୍ତନ ଘଟିନଥିବା ଏହି ସର୍ବେକ୍ଷଣ କୁହେ। କାରଣ ଚଳିତବର୍ଷ ସର୍ବାଧିକ ଖୁସି ରାଷ୍ଟ୍ର ତାଲିକାର ପ୍ରଥମ ସ୍ଥାନରେ ଥିବା ଡେନ୍‌ମାର୍କ ବିଗତ ଚାରିବର୍ଷ ଧରି ନିଜର ପ୍ରଥମ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ ସେମାନଙ୍କ ପୂର୍ବ ସ୍ଥାନର ପାଖାପାଖି ସ୍ଥାନରେ ଅଛନ୍ତି। ଏଥିରୁ ପ୍ରମାଣ ମିଳେ ଯେ, କରୋନା ମହାମାରୀ ବିଶ୍ୱବାସୀଙ୍କ ଜୀବନ ଶୈଳୀକୁ ପରିବର୍ତ୍ତନ କରିଥିଲେ ହେଁ ସେମାନଙ୍କ ମାନସିକ ସ୍ଥିତିକୁ ବିଶେଷ ପରିବର୍ତ୍ତନ କରିପାରିନାହିଁ। ଅର୍ଥାତ୍ ଯେଉଁମାନେ ଖୁସିରେ ରହୁଥିଲେ, ସେମାନେ ଅଭାବ ଓ ଅସୁବିଧାରେ ଗତିକଲେ ମଧ୍ୟ ସେଇ ଖୁସିରେ ରହିଛନ୍ତି ଓ ଯେଉଁମାନେ ଉଦାସରେ ରହିଥିଲେ, ସେମାନେ ଆଜି ମଧ୍ୟ ସେଇ ଉଦାସରେ ରହିଛନ୍ତି।

ତେବେ ଭାରତୀୟମାନେ ଖୁସି ହୋଇ ପାରୁନାହାନ୍ତି କାହିଁକି? ସେମାନଙ୍କ ଉଦାସପଣ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ବଳ ଅର୍ଥନୈତିକ ସ୍ଥିତି, ନିମ୍ନମୁଖୀ ଜିଡିପି, ମାତ୍ରାଧିକ ଦରବୃଦ୍ଧି, ବେରୋଜଗାରି ବୃଦ୍ଧି ଆଦି ଜଣେ ନାଗରିକକୁ ଅସୁଖୀ ଓ ଉଦାସ ରଖିବାକୁ ଯଥେଷ୍ଟ ହୋଇପାରେ; ମାତ୍ର ଆମ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ, ନେପାଳ , ବାଂଲାଦେଶ, ଶ୍ରୀଲଙ୍କା ଆଦି ରାଷ୍ଟ୍ରଗୁଡ଼ିକ ଦୁର୍ବଳ ଅର୍ଥନୈତିକ ସ୍ଥିତିରେ ଥିବା ସତ୍ତ୍ୱେ ସେମାନେ ଆମଠାରୁ ଅଧିକ ଖୁସି କାହିଁକି? କ'ଣ ପାଇଁ ଆମେ ଭାରତୀୟମାନେ ଖୁସିରେ ରହିପାରୁନେ। ଉଦାସପଣ ଆମ ଜୀବନକୁ କବଳିତ କରି ଚାଲିଛି। କୁହାଯାଏ, ଜୀବନ ଯେଉଁଭଳି ଭାବେ ଆମ ସାମ୍ନାକୁ ଆସୁଛି, ସେଇଭଳି ଭାବେ ଆମେ ତାକୁ ଗ୍ରହଣ କରିନେଲେ ଜୀବନ ଖୁସିରେ ଭରିଉଠନ୍ତା, ଦୁଃଖ ଯନ୍ତ୍ରଣା ଦୂର ହୁଅନ୍ତା। ଅଯଥା କାମନା ଓ ଲାଳସା ଜୀବନକୁ ଭାରାକ୍ରାନ୍ତ କରିଦିଏ। ଏହାଠାରୁ ଯଥାସମ୍ଭବ ଦୂରରେ ରହିବା ଶ୍ରେୟସ୍କର। ଆମ ଚାରି ପାଖରେ ଅନେକ ମଣିଷ ଅଛନ୍ତି। ଆମେ ତାଙ୍କ ସହ କିପରି ସମ୍ପର୍କ ରଖିପାରୁଛେ, ତାହା ଦେଖିବାର କଥା। ଦୈନନ୍ଦିନ ଜୀବନରେ ଆମେ ବାହାର ଦୁନିଆ ସହ କିପରି ବ୍ୟବହାର ରଖୁଛେ, ତାହା ମଧ୍ୟ ବିଚାର କରିବାର କଥା। ଅନ୍ୟକୁ ସହଯୋଗ କରିବା, ବିପଦ ଆପଦରେ ସହାୟ ହେବା ଆଦି ପ୍ରବୃତ୍ତି ମଣିଷକୁ ଖୁସି ରଖେ। ଏହାଦ୍ୱାରା ନିଜ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି ସହ ଓ ସାମାଜିକ ଦୃଢ଼ତାକୁ ପ୍ରୋତ୍ସାହନ କରେ। ଏଠାରେ କେବଳ ଆର୍ଥିକ ସହାୟତାକୁ ଇଙ୍ଗିତ କରାଯାଉ ନାହିଁ; ଏଠାରେ ସମୟ, ଶକ୍ତି ଓ ଭାବନାର ସହଯୋଗ କଥା କୁହାଯାଉଛି। ନିଜକୁ ଖୁସିରେ ରଖିବାକୁ ହେଲେ ଆମ ଚତୁଃପାର୍ଶ୍ୱକୁ ମଧ୍ୟ ଖୁସିରେ ରଖିବାକୁ ଯତ୍ନବାନ୍ ହେବାକୁ ପଡ଼ିବ। ସମ୍ପର୍କ ସ୍ଥାପନ ଓ ତା'ର ଅଭିବୃଦ୍ଧି ଖୁସି ପ୍ରାପ୍ତିର ଏକ ମୁଖ୍ୟ ଅଂଶ। ଯେଉଁ ମଣିଷର ସାମାଜିକ ସମ୍ପର୍କ ଯେତେ ଦୃଢ଼, ସେହି ମଣିଷ ସେତେ ଖୁସି ଓ ସେତେ ଆନନ୍ଦ ପାଇଥାଏ। ପରିବାର ସଦସ୍ୟ, ପାଖ ପଡ଼ୋଶୀ, କର୍ମ ସଂସ୍ଥାନରେ ଆସୁଥିବା ସହକର୍ମୀ ଓ ବନ୍ଧୁ ପରିଜନଙ୍କ ସହ ସୁସମ୍ପର୍କ ମଣିଷକୁ ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରେ। ପରସ୍ପର ପ୍ରତି ସଦିଚ୍ଛା ଓ ସହାନୁଭୂତି ଜୀବନକୁ ଖୁସିରେ ଭରିଦିଏ। ଶରୀର ଓ ମନ ମଧ୍ୟରେ ସନ୍ତୁଳନ ଖୁସିର ଅନ୍ୟତମ କାରଣ। ଶାରୀରିକ ସ୍ତରରେ କର୍ମଠ, କ୍ରିୟାଶୀଳତା ମନକୁ ପ୍ରଭାବିତ କରେ, ପ୍ରଫୁଲ୍ଲ ରଖେ। ଉଦାସପଣକୁ ଦୂର କରେ। ଆଧ୍ୟାତ୍ମିକତାକୁ ଜୀବନରେ ଧାରଣ କଲେ ଏହା ମନକୁ ସନ୍ତୋଷ ପ୍ରଦାନ କରେ। ସାନ-ବଡ଼, ଉଚ୍ଚ-ନୀଚ, ଧନୀ-ଗରିବ ଈଶ୍ୱରଙ୍କ ନିକଟରେ ମୂଲ୍ୟହୀନ। ଏଭଳି ଭାବନା ସାମାଜିକ ସମାନତା ଆଣିଥାଏ ଓ ମନରୁ ଦ୍ୱେଷ, ପରଶ୍ରୀକାତରତା ଓ ଘୃଣା ଦୂର କରି ମନକୁ ଶାନ୍ତି ପ୍ରଦାନ କରେ। ଶିକ୍ଷା ମଣିଷକୁ ଅନ୍ଧାରରୁ ଆଲୋକକୁ ନେଇଥାଏ। ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା ଓ ଏହି ପ୍ରକ୍ରିୟାରେ ନିଜକୁ ସାମିଲ କରିପାରିଲେ ଏହା ଜୀବନକୁ ଏକ ସକାରାତ୍ମକ ଦିଗରେ ଗତି କରାଇଥାଏ। ଏହା ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ। ବନ୍ଧୁ, ପରିଜନ ଓ ସମାଜରେ ଏହାକୁ ବିତରଣ କରାଯାଇ ଏହାର ସୁଫଳକୁ ଜୀବନରେ ଧାରଣ କରାଯାଇପାରିଲେ ମନକୁ ଏହା ଆତ୍ମସନ୍ତୋଷ ପ୍ରଦାନ କରେ।

ଭବିଷ୍ୟତକୁ ନେଇ ସର୍ବଦା ଶୁଭ ଚିନ୍ତା କରିବା ଖୁସି ଜୀବନର ଅନ୍ୟ ଏକ ସୂତ୍ର। ଭବିଷ୍ୟତକୁ ନେଇ ଅନିଶ୍ଚିତତା ପ୍ରକାଶ କରିବା, ଅଯଥା ଆଶଙ୍କିତ ବା ଆତଙ୍କିତ ହେବା ଉଦାସ ହେବାର ଲକ୍ଷଣ। ଭବିଷ୍ୟତରେ ଯେତେ ଝଡ଼ାଝଞ୍ଜା ଆସୁ ବା ବିପଦ ଆସୁ, ସେ ସବୁର ସଫଳ ମୁକାବିଲା କରି ଆଗକୁ ବଢ଼ିବା ହେଉଛି ସଫଳ ଜୀବନର ମୁଖ୍ୟ ସୂତ୍ର। ଏଥିରୁ ବିଚ୍ୟୁତ ହେଲେ ମନ ବିଷାଦଗ୍ରସ୍ତ ହେବା ସହ ଜୀବନ ଦୁର୍ବିଷହ ହୋଇଉଠେ। ଆମର ପ୍ରତ୍ୟେକଙ୍କ ଜୀବନରେ ଦୁଃଖ, ଚାପ, ଯନ୍ତ୍ରଣା, କ୍ଷତି ଆସିଥାଏ। ମାତ୍ର ଏହାକୁ କିଏ କେଉଁପରି ଭାବରେ ସମ୍ମୁଖୀନ ହେଉଛି ତାହା ଦେଖିବାର କଥା। ଆଜି ଯାହା ଅଛି, ତାହା କାଲି ନ ଥାଇପାରେ ବା ତାହା ନିଶ୍ଚିତ ଦୂର ହୋଇଯିବ। ତେଣୁ ସ୍ଥିତପ୍ରଜ୍ଞ ଭାବେ ସୁଖରେ ଆତ୍ମହରା ଓ ଦୁଃଖରେ ଭାଙ୍ଗିପଡ଼ିବା ବିଜ୍ଞ ଲୋକଙ୍କ ପରିଚୟ ନୁହେଁ। ପ୍ରତିଟି ପରିସ୍ଥିତିରେ ନିଜକୁ ଅବିଚଳିତ ରଖିବା ଖୁସି ରହିବାର ମୂଳମନ୍ତ୍ର। ସନ୍ତୋଷ ପ୍ରକାଶ କରିବା, କୃତଜ୍ଞତା ଜଣାଇବା, ଧନ୍ୟବାଦ ପ୍ରଦାନ କରିବା, ଉତ୍ସାହ ସୃଷ୍ଟି କରିବା ଆଦି ନିରନ୍ତର ଅଭ୍ୟାସ ମଣିଷ ମନରେ ଖୁସିଭାବ ବୃଦ୍ଧି କରିଥାଏ। ନକାରାତ୍ମକ ଭାବନା ଓ ଖୁସି କଦାପି ଏକତ୍ର ରହିପାରିବେ ନାହିଁ। ବାସ୍ତବତାକୁ ସ୍ୱୀକାର କରିବାରେ ଖୁସି ମିଳିଥାଏ। ସତ୍ୟ ଓ ସାଧୁତା ଏହାର ବାହ୍ୟ ଆବରଣ। ଏ ଦୁନିଆରେ କେହି ସ୍ୱୟଂସମ୍ପୂର୍ଣ୍ଣ ନୁହନ୍ତି। ତେଣୁ ନିଜକୁ ଓ ଅନ୍ୟକୁ ସହଜରେ ସ୍ୱୀକାର କରିବା ସହ ସାହସର ସହ ନିଜର ଦୋଷ ତ୍ରୁଟିକୁ ସ୍ୱୀକାର କରିବା ସହ ଅନ୍ୟ ପ୍ରତି ସହାନୁଭୂତିଶୀଳ ହେବା ଜଣେ ଖୁସିଲୋକର ଚରିତ୍ର ।

ଭାରତ ଉଦାସ ରହିବା ପଛରେ ଉପରୋକ୍ତ ଗୁଣ ସମୂହର ଅଭାବ ଯେତିକି ଦାୟୀ, ସେତିକି ଦାୟୀ ଦେଶରେ ବୃଦ୍ଧି ପାଉଥିବା ଭ୍ରଷ୍ଟାଚାର, ଅଭିବ୍ୟକ୍ତି, ସ୍ୱାଧୀନତାରେ ଅଙ୍କୁଶ ଓ ଧର୍ମୀୟ ଅସହିଷ୍ଣୁତା। ସର୍ବାଧିକ ଖୁସି ଦେଶ ଭାବେ ଘୋଷିତ ଫିନ୍‌ଲ୍ୟାଣ୍ଡରେ ଭ୍ରଷ୍ଟାଚାରହୀନ ସୁଶାସନ ବ୍ୟବସ୍ଥା ସହ ମୁକ୍ତ ଚିକିତ୍ସା ସୁବିଧା ସେ ଦେଶର ଲୋକଙ୍କୁ ଖୁସିରେ ରଖିପାରୁଛି। ଉନ୍ନତ ସାମାଜିକ ସ୍ଥିତି, ଭାଇଚାରା ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀ ସେମାନଙ୍କ ଖୁସିର ମୁଖ୍ୟ ଉତ୍ସ। ଭାରତ ରାତାରାତି ଫିନ୍‌ଲ୍ୟାଣ୍ଡ ଭଳି ହୋଇପାରିବ ନାହିଁ। ତଥାପି ଆଶା ରହିଛି, ଆମେ ଫିନ୍‌ଲ୍ୟାଣ୍ଡ ଭଳି ସାମାଜିକ ସ୍ତରରେ ଓ ପ୍ରଶାସନିକ ସ୍ତରରେ ପରିବର୍ତ୍ତନ ଆଣି ସାଧାରଣ ଜନତାଙ୍କୁ ଉଦାସପଣରୁ ମୁକ୍ତି ଦେଇପାରିବା।

ମୋ: ୯୪୩୭୨୩୨୪୬୩
prakas.tripathy09@gmail.com

# ଆମେ ମଣିଷ କମ୍, ଯନ୍ତ୍ର ବେଶି



ମୀରା ବେଉରା

ପୃଥିବୀର ଜନସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି। ଯୁଆଡ଼େ ଚାହିଁବ ସିଆଡ଼େ ମଣିଷ। ଏହି ପୃଥିବୀ ପୃଷ୍ଠରେ ବାସ କରୁଥିବା ପ୍ରାଣୀଙ୍କ ମଧ୍ୟରୁ ମନୁଷ୍ୟ ହେଉଛି ସବୁଠାରୁ ଦୁର୍ଲଭ ପ୍ରାଣୀ। ମଣିଷ ହୋଇ ଜନ୍ମଲାଭ କରିବା ପାଇଁ ତାକୁ ଅନେକ କାଳ ଅପେକ୍ଷା କରିବାକୁ ପଡ଼େ। ଅନେକ ପୁଣ୍ୟ ପରେ ସେ ମଣିଷ ଜନ୍ମ ପାଏ। ଆଜି ପୃଥିବୀର ଲୋକସଂଖ୍ୟା ୭୩୦ କୋଟି। ସେଥି ମଧ୍ୟରୁ ଭାରତର ଜନସଂଖ୍ୟା ୧୨୫ କୋଟି। କିନ୍ତୁ ବଡ଼ ଦୁଃଖର କଥା ଦ୍ରୁତ ଗତିରେ ବଢ଼ୁଥିବା ଏହି ଲୋକସଂଖ୍ୟା ଭିତରେ 'ମଣିଷ' ସଂଖ୍ୟା ଆଜି କମି କମି ଯାଉଛି। ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟୁଛି। ନୈତିକତା ଓ ଆଧ୍ୟାତ୍ମିକତା କଥା ପଚାରେ କିଏ?

ଥରେ ଆମେରିକାର ଜଣେ ଦାର୍ଶନିକ ଦିବାଲୋକରେ ଲଣ୍ଠନଟିଏ ଧରି ବୁଲୁଥିଲେ। ତାଙ୍କୁ ପଚାରିବାରୁ କହିଲେ, ଏ ଅନ୍ଧକାର ଭିତରେ ମଣିଷ କେଉଁଠି ହଜିଯାଇଛି। ମୁଁ ଆଜି ଦିବାଲୋକରେ ସେହି ମଣିଷକୁ ଖୋଜୁଛି। ପ୍ରକୃତରେ ଆଜି ଏତେବଡ଼ ପୃଥିବୀରେ ପ୍ରକୃତ ମଣିଷଙ୍କ ସଂଖ୍ୟା ଅତି ନଗଣ୍ୟ। ଯେଉଁ କେତେଜଣ ମଣିଷ ଅଛନ୍ତି, ସେମାନେ ସବୁ କୃତ୍ରିମ ମଣିଷ। ସେମାନଙ୍କୁ ଯନ୍ତ୍ରମଣିଷ କହିଲେ ଭୁଲ୍ ହେବ ନାହିଁ। ସବୁଠି ମନ୍ଦିର, ମସଜିଦ୍, ଗିର୍ଜା, ଗୁରୁଦ୍ୱାରର ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ପ୍ରକୃତ ଭକ୍ତଙ୍କ ସଂଖ୍ୟା କମିଯାଉଛି। ଆମେ ଚନ୍ଦ୍ରପୃଷ୍ଠରେ ପହଞ୍ଚିଲୁଣି; ଅଥଚ ଆମ ପଡ଼ୋଶୀ ଘରେ କେତେଜଣ ସଦସ୍ୟ ରହନ୍ତି, ତାହା ଆମେ କହିପାରିବୁ ନାହିଁ। ପ୍ରତିଦିନ ଆମ ଚତୁଃପାର୍ଶ୍ୱରେ ଅନେକ ଅଘଟଣ ଘଟି ଯାଉଛି; ଅଥଚ ଆମେ ଜାଣିପାରୁନୁ। ଆଜି ସ୍ୱଚ୍ଛଭାରତ ଅଭିଯାନରେ ରାଜନେତାଠାରୁ ଆରମ୍ଭ କରି ସାଧାରଣ ସୁଇପର ପର୍ଯ୍ୟନ୍ତ ସାମିଲ ହୋଇଛନ୍ତି, କିନ୍ତୁ ଆମ ଆତ୍ମା କେତେ ସ୍ୱଚ୍ଛ ତାହା ଆମେ କହିପାରିବା ନାହିଁ। ସବୁଠି ଅବିଶ୍ୱାସର କଳାବାଦଲ ସଭିଙ୍କୁ ଢାଙ୍କି ରଖିଛି। ଆମେ ସମସ୍ତେ ସମସ୍ତଙ୍କୁ ଠକିବାରେ ବ୍ୟସ୍ତ।

ପ୍ରତିଯୋଗିତାର ଖେଳରେ ଜଣେ ଅନ୍ୟଜଣଙ୍କୁ ତଳେ ପକାଇ ଅଣନିଃଶ୍ୱାସୀ ହୋଇ ଧାଉଁଛି ସଫଳତାର ପାହାଚ ଚଢ଼ିବାକୁ; କିନ୍ତୁ ଆମେ କେହି ଜାଣୁନା ଆମର ଗତି କୁଆଡ଼େ। ଆମ ଲକ୍ଷ୍ୟ କ'ଣ? ଆମେ ସବୁ ପଥଚ୍ୟୁତ ଧାବିକାଧାବକ। ଜାଣି ମଧ୍ୟ ଅଣନିଃଶ୍ୱାସୀ ହୋଇ ଧାଉଁଛୁ କେଉଁ ଏକ ଅଜଣା ରାସ୍ତାକୁ। କିଛି ପାଇବାକୁ ଯାଇ ଅନେକ କଷ୍ଟ, ଦୁଃଖ, ଅସନ୍ତୋଷ ଓ ଯନ୍ତ୍ରଣାକୁ ନିମନ୍ତ୍ରଣ କରି ଆଣୁଛୁ। ଯେତେସବୁ ଅନାବଶ୍ୟକତାକୁ ଆମେ ଜୋରଜବରଦସ୍ତ ଆବଶ୍ୟକତାରେ ପରିଣତ କରୁଛୁ। ନିଜ ଭିତରେ ଥିବା ସୂକ୍ଷ୍ମ ପରିକଳ୍ପନା, ସୁଖସ୍ୱପ୍ନକୁ ଜାଣିଶୁଣି ଦଳିଦେଉଛୁ। ସଫଳ ମଣିଷ ହେବା ପାଇଁ ଏବଂ ସମସ୍ତଙ୍କ ପ୍ରଶଂସାର ପାତ୍ର ହେବା ଲାଗି ଆମେ ମଣିଷ କମ୍, ଯନ୍ତ୍ରମଣିଷ ବେଶି ପାଲଟିଯାଉଛୁ। ପୂରାପୂରି ରୋବୋଟ୍। ଭୋଗ, ଘୃଣା, ଅହଂକାର, ଈର୍ଷା, ଅସହିଷ୍ଣୁ, ହିଂସା ଓ ରକ୍ତପାତରେ ବିଶ୍ୱାସୀ ଆଜି ଏ ସଭ୍ୟ ମଣିଷ। କେଉଁ ମୁହୂର୍ତ୍ତରେ ସେ ସଭ୍ୟତାର କାନ୍ଧ ଭୁଶୁଡିବ, ତା'ର ହିସାବ ନାହିଁ କି ଠିକଣା ମଧ୍ୟ ନାହିଁ। ସବୁବେଳେ ବ୍ୟସ୍ତ, ଚଳଚଞ୍ଚଳ ରହୁଥିବା ମଣିଷଟି ବେଳେ ବେଳେ ପ୍ରତିଯୋଗିତାରେ ସଫଳତା ପାଇ ମଧ୍ୟ ଅସହାୟ ହୋଇପଡୁଛି। ମାନସିକ ଶାନ୍ତି ପାଇପାରୁନି। ବରଂ ତା'ର ଆଶା ଓ କାମନା ଆହୁରି ତୀବ୍ର ବୃଦ୍ଧି ପାଉଛି, ଆଜି ପ୍ରତ୍ୟେକ ମଣିଷର ଜୀବନ ଯୁଦ୍ଧର ମାନଚିତ୍ର ଦୃଷ୍ଟିଗୋଚର ହେଉଛି।

ଗୋଟିଏ ସଫଳ ମଣିଷ ହେବା ପାଇଁ ଦିନରାତି ୨୪ଘଣ୍ଟା ସେ ତୀବ୍ର ବେଗରେ ଧାଉଁଛି। ତା'ର ରକ୍ତ, ମାଂସ, ମଜ୍ଜାର ଶରୀର ପାଲଟିଛି ଏକ ଯନ୍ତ୍ରରେ। ଆକୃତିରେ ଯଦିଓ ସେ ମଣିଷ, ପ୍ରକୃତିରେ କିନ୍ତୁ ପୂରାପୂରି ରୋବଟ୍- ଯାହା ପାଖରେ ଭଲପାଇବା ସ୍ନେହ, ପ୍ରେମ, ମମତା, ତ୍ୟାଗ, ଅହିଂସା, ସହନଶୀଳତା, ସହାନୁଭୂତି, ସଦାଚାର, ସହିଷ୍ଣୁତା ଆଦି ମାନବୀୟ ଗୁଣର କୌଣସି ଗନ୍ଧ ନାହିଁ କି ବାସ୍ନା ନାହିଁ। ସେହି ମଣିଷ ଅନ୍ୟ ଜଣେ ମଣିଷକୁ ଦେଖିଲେ ତା' ମୁହଁରେ ହସ ପରିବର୍ତ୍ତେ ସେ ତା'କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବି ତା' ମୁଖରେ ଆପେ ଆପେ ବିଷାଦର କଳାବାଦଲ ଛାଇଯାଉଛି। ଏହାଠାରୁ ବଳି ଦୁଃଖ ଆଉ କ'ଣ ଥାଇପାରେ? ସୁଖ ବୋଲି ଯାହାକୁ ଭାବୁଛ, ତାହା ହିଁ ତା'ର ଦୁଃଖର କାରଣ। ଏଇଠି ସନ୍ଥ ତୁଳସୀ ଦାସ କହିଛନ୍ତି- ହାନି, ଲାଭ, ଜୀବନ, ମରଣ, ଯଶ, ଅପଯଶ ବିଧି ହାତରେ। ସଂସାର ସୁଖ ଭୋଗର ଲାଳସା ରଖିବା ନିର୍ବୋଧତା। ଆମେ ଏତେ ମାତ୍ରାରେ ସ୍ୱାର୍ଥପର ହୋଇଛେ ଯେ, ଯେଉଁ ନ୍ୟୁକ୍ଲିୟର ଆବିଷ୍କାର କରି ଭୟଙ୍କର କର୍କଟ ରୋଗର ନିରାକରଣ କରିଥିଲୁ, ଆଜି ସେହି ନ୍ୟୁକ୍ଲିୟର ବିସ୍ଫୋରକ ବୋମା ତିଆରି କରି ପୃଥିବୀକୁ ଧ୍ୱଂସ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛୁ। କିଏ କହିବ ଏପରି ଆତ୍ମଘାତୀ ଚିନ୍ତାଧାରା ମଣିଷ ସମାଜକୁ ଦିନେ ଧ୍ୱଂସସ୍ତୂପରେ ସଜାଇ ନ ଦେବ? ଆମେ ଏବେ ମଣିଷ କମ୍, ଯନ୍ତ୍ରମଣିଷ ହୋଇଗଲୁଣି। ଆମ ଭିତରୁ ହଜି ଯାଇଛି ତ୍ୟାଗ, ସହନଶୀଳତା, ତିତିକ୍ଷା ଓ ସମ୍ବେଦନଶୀଳ। ଗୋଟିଏ ରୁକ୍ଷ ମରୁଭୂମି ପାଲଟି ଯାଇଛି ଆମର ଚିନ୍ତା ଓ ଚେତନା।

ବସ୍ତୁବାଦ ମୋହରେ ପଡ଼ି ମଣିଷ ଅନ୍ଧ ହୋଇଯାଇଛି। ଭାବୁଛି ସବୁ ସୁଖ ତା' ହାତ ମୁଠାରେ। ଆଜୀବନ ଯେଉଁ ସତ୍ୟ, ସୁଖ ଏବଂ ଅମୃତକୁ ମଣିଷ ସନ୍ଧାନ କରୁଛି, ତାହା ତା' ନିଜ ଅନ୍ତରାତ୍ମାରେ ବିଦ୍ୟମାନ। ଅନ୍ତରର ସେହି ଗଭୀରତମ ପ୍ରଦେଶରେ ଯାଇ ସେହି ସତ୍, ଚିତ୍, ଆନନ୍ଦକୁ ଆବିଷ୍କାର କରିବାକୁ ପଡ଼ିବ। ତେବେ ଯାଇ ସେ ହୋଇଉଠିବ ଏକ ସତ୍ୟପଥର ଯାତ୍ରୀ। ତା' ପାଖରେ ଥିବା ସବୁ ମଣିଷ ତାକୁ ଆପଣାର ଲାଗିବେ। ସାରା ପୃଥିବୀ ହୋଇଉଠିବ ବସୁଧୈବ କୁଟୁମ୍ବକମ୍। ସମସ୍ତଙ୍କୁ ଭଲପାଇବ। ଆଉ ଏହି ଭଲ ପାଇବା ହିଁ ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର।

ରଘୁନାଥ ଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ।
ମୋ-୯୮୫୩୩୫୦୩୮୪

## ଏଇ ଭାରତରେ

ଏଚ୍‌ଆଇଭି ସଂକ୍ରମିତ ଲୋକଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ମିଜୋରାମର ଭନ୍‌ଲାଲ୍‌ରୁଟି କୋଲ୍‌ନେ। ସେ ଏବେ ସୁଦ୍ଧା ୧୦,୦୦୦ ଏଚ୍‌ଆଇଭି ସଂକ୍ରମିତଙ୍କୁ ସଶକ୍ତ କରିପାରିଛନ୍ତି। ମିଜୋରାମର ଆଜିଓ୍ୱାଲାରେ କୋଲ୍‌ନେଙ୍କ ପିଲାଦିନ କଟିଥିଲା। ମାତାପିତାଙ୍କ ବିଚ୍ଛେଦ ପରେ ସେ ବହୁ ସମସ୍ୟାର ସମ୍ମୁଖୀନ ହୋଇ ପଢ଼ିବାର ସୁଯୋଗ ପାଇ ନ ଥିଲେ। ଏପରି କି ସମୟକ୍ରମେ ସେ ନିଶାସକ୍ତ ଜୀବନ ବିତାଇଲେ ଓ ଏଚ୍‌ଆଇଭିରେ ପୀଡ଼ିତ ହୋଇଗଲେ। ସେ ସ୍ଥାନୀୟ ଚର୍ଚ୍ଚ ଗ୍ରୁପ୍‌ରେ ଯୋଗ ଦେଇ ନିଜର ଚିକିତ୍ସା କରିବା ସହ ଅନ୍ୟ ପୀଡ଼ିତଙ୍କ ସେବା କରିବାର ସୁଯୋଗ ଲାଭ କଲେ। ପରେ ସାରା ଜୀବନ ଏଚ୍‌ଆଇଭିଙ୍କ ସେବା କରିବା ଲାଗି ୨୦୦୭ରେ ଆରମ୍ଭ କଲେ ପଜିଟିଭ ଓମେନ୍‌ସ ନେଟ୍‌ୱର୍କ ଅଫ୍ ମିଜୋରାମ( ପିଡବ୍ଲ୍ୟୁଏନ୍‌ଏମ୍)। ଏହି ସଂସ୍ଥା ମିଜୋରାମରେ ଏଚ୍‌ଆଇଭି ସହ ବଞ୍ଚୁଥିବା ମହିଳାମାନଙ୍କୁ ଚିକିତ୍ସା ସୁବିଧା, ନ୍ୟାୟିକ ସହାୟତା ଯୋଗାଇ ଦେବା ସହ ରୋଜଗାରର ପନ୍ଥା ଦେଖାଉଛି। ସରକାରଙ୍କ ବିଭିନ୍ନ ଯୋଜନା ସହ ପୀଡ଼ିତମାନଙ୍କୁ ଯୋଡୁଛନ୍ତି। ପିଡବ୍ଲ୍ୟୁଏନ୍‌ଏମ୍ କେତୋଟି ଏନଜିଓ ସହ ମିଶି ୮୫୦ ଗରିବ ଏଚ୍‌ଆଇଭି ପୀଡ଼ିତ ପରିବାରକୁ ପୁଷ୍ଟିକର ଖାଦ୍ୟ ଯୋଗାଉଛି। ସେମାନଙ୍କୁ ଦୈନିକ ରୋଜଗାର ପାଇବାର ପନ୍ଥା ମଧ୍ୟ ଦେଖାଉଛି। ମହିଳାମାନଙ୍କ ମଧ୍ୟରୁ ଅନେକଙ୍କୁ କିଚେନ ଗାର୍ଡେନ ଦ୍ୱାରା ଚାଷ କରିବାକୁ ସେ ଉତ୍ସାହିତ କରିଛନ୍ତି। ଏଭଳି ସେବା ଲାଗି ୩୭ ବର୍ଷୀୟା କୋଲ୍‌ନେଙ୍କୁ ବହୁ ପୁରସ୍କାର ମିଳିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୯୬

- ରୁଷିଆର ବିଦ୍ରୋହୀ ପ୍ରଜାତନ୍ତ୍ର ଚେଚେନିଆର ବିଦ୍ରୋହୀ ନେତା ଡି. ଦୁଦାୟେଭ କ୍ଷେପଣାସ୍ତ୍ର ଆକ୍ରମଣରେ ନିହତ।
- ନିଜର ମୁକ୍ତି ଦାବିକରି ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଏଚ୍.ଏମ୍. ଏର୍ଶାଦ ଜେଲ୍ ମଧ୍ୟରେ ଆମରଣ ଅନଶନ ଆରମ୍ଭ କରିଛନ୍ତି।
- ଭୁବନେଶ୍ୱର ବାର ଆସୋସିଏସନର ଯୁବ ଆଇନଜୀବୀ ସୁବୋଧ ଉଦ୍‌ଗାତାଙ୍କ ୪୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସାଧୁକୁ କରିଲ ହନ୍ତା ପଣ୍ଡିତକୁ
କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର
ବିରାଟ ମାନଦଣ୍ଡ ! (ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଷ୍ଠ କଲାଣି ବିକଟାଳ ହର୍ନ

ମହାଶୟ,

ଢେଙ୍କାନାଳ ସହର ସମେତ ସମଗ୍ର ଜିଲାରେ ଚଳପ୍ରଚଳ କରୁଥିବା ବିଭିନ୍ନ ଭାରିଯାନ ଏବଂ ବାଇକରେ ବିକଟାଳ ହର୍ନ ବ୍ୟବହାର କରାଯାଉଥିବାରୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଉଛି। ଏହି ବିକଟାଳ ହର୍ନ ଯୋଗୁ କେବଳ ଶବ୍ଦ ପ୍ରଦୂଷଣ ହେଉନାହିଁ, ଏଥିପାଇଁ ସାଧାରଣ ଜନତାଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଛି। ବିଶେଷକରି ଭାରିଯାନ ଓ ଯାତ୍ରୀବାହୀ ବସର ଚାଳକମାନେ ସାମ୍ନାରେ ଯାଉଥିବା ବାଇକ ଏବଂ ଅନ୍ୟ ଛୋଟ ଯାନର ପଛରୁ ହଠାତ୍ ହର୍ନ ବଜାଉ ଥିବାରୁ ସାମ୍ନାର ଛୋଟଯାନ ଚାଳକମାନେ ଘାବରେଇ ଯାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ୪ଥାକିଆ କାର୍ଯ୍ୟ ହେଉଥିବା ୫୫ ଏବଂ ୫୩ନମ୍ବର ଜାତୀୟ ରାଜପଥରେ ଅସୁରକ୍ଷିତ ଯାତ୍ରା ସମୟରେ ବିକଟାଳ ହର୍ନ ଆଉ ଏକ ସମସ୍ୟା ସୃଷ୍ଟି କରୁଛି। ହର୍ନ ଯୋଗୁ ଛୋଟ ପିଲାଙ୍କ ସମେତ ବୃଦ୍ଧ, ବୃଦ୍ଧା, ହୃଦ୍‌ରୋଗୀମାନେ ଜୀବନମରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭାରିଯାନରେ ଏହି ବିକଟାଳ ହର୍ନ ବ୍ୟବହାର କରାଯାଉ ଥିଲେ ମଧ୍ୟ ଏଥିପ୍ରତି ପୋଲିସ, ପ୍ରଶାସନ, ପରିବହନ ବିଭାଗ ଏବଂ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏହା ଏକ ଫ୍ୟାଶନରେ ପରିଣତ ହୋଇଛି। କେବଳ ସେତିକି ନୁହେଁ, ବିଭିନ୍ନ ବାଇକରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ହର୍ନ ବ୍ୟବହାର କରାଯାଉଥିବା ଯୋଗୁ ଜନସାଧାରଣ ଆତଙ୍କିତ ହୋଇଯାଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ନୟାଗଡ଼ ଅଫିସ:** ଖଣ୍ଡପଡା-ବାହାଡ଼ା ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଫତେଗଡ଼ ଥାନାର ବେତଖୋଲି ଗାଁର ପ୍ରସନ୍ନ କୁମାର ପ୍ରଧାନ (୪୦)। ଗୁରୁତର ହେଲେ ସେହି ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ(୩୫) ବୋଲି ଜଣାପଡିଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ଣ୍ଣଚନ୍ଦ୍ର ଚିକିତ୍ସିତ ହେଉଛନ୍ତି। ଉଭୟେ ବାଇକ୍ ଯୋଗେ ଗାଁକୁ ଫେରୁଥିଲେ।

# ସଂକ୍ଷେପରେ

## ପରଲୋକରେ କବି କୁମାର ଚକ୍ରବର୍ତ୍ତୀ



**ବାଲିଆପାଳ, ୨୩।୪(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ବିଶିଷ୍ଟ କବି ତଥା ଲେଖକ, ଶିକ୍ଷାବିତ୍, ରାଜନେତା କୁମାର ଚକ୍ରବର୍ତ୍ତୀ(୮୮) ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶୁକ୍ରବାର ସକାଳେ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ହାସିମପୁରସ୍ଥିତ ବାସଭବନରେ ଶୁଭେଚ୍ଛୁ ଓ ଆତ୍ମୀୟସ୍ୱଜନଙ୍କ ଭିଡ଼ ଜମିଥିଲା। ଚକ୍ରବର୍ତ୍ତୀ ଶିକ୍ଷକତାରୁ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ରାଜନୀତିରେ ଯୋଗ ଦେଇଥିଲେ। ଛାତ୍ର ଜୀବନରୁ ଲେଖାଲେଖିରେ ମନୋନିବେଶ କରିଥିଲେ। କବିତା, ଗଳ୍ପ ସହ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ। ଏଥିଲାଗି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ବିଧାୟକ ନିତ୍ୟାନନ୍ଦ ସାହୁ, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଦୀନକୃଷ୍ଣ ସ୍ମୃତି ପରିଷଦ ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ସୁଶାନ୍ତ ଚକ୍ରବର୍ତ୍ତୀ, କବି କାଳିପଦ ପଣ୍ଡା, ଖବରଦାତା ଅଜୟ କୁମାର ସାହୁ, ଭାଜପା ନେତା ଅରବିନ୍ଦ ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## 'ଇସ୍ପାତ କମ୍ପାନୀ ଦେଲେଣି ୧.୪୩ ଲକ୍ଷ ଏମ୍‌ଟି ଅକ୍ସିଜେନ'

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ଦେଶର ଇସ୍ପାତ କାରଖାନାଗୁଡ଼ିକ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧.୪୩ ଲକ୍ଷ ମେଟ୍ରିକ୍ ଟନ୍ (ଏମ୍‌ଟି) ଲିକ୍ୟୁଇଡ୍ ମେଡିକାଲ ଅକ୍ସିଜେନ୍ (ଏଲ୍‌ଏମ୍‌ଓ) ଉପଲବ୍ଧ କରାଯାଇଛି। ସେଥିମଧ୍ୟରୁ ରାଷ୍ଟ୍ରାୟତ୍ତ ଇସ୍ପାତ ଉଦ୍ୟୋଗଗୁଡ଼ିକ ୩୯ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଅକ୍ସିଜେନ ଉପଲବ୍ଧ କରାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼େଇ ପାଇଁ ଦେଶ ଏକାଠି ହୋଇଛି। ଇସ୍ପାତ କ୍ଷେତ୍ର ମଧ୍ୟ ଏହି ଯୁଦ୍ଧରେ ଦେଶବାସୀଙ୍କ ସାଥିରେ ରହିଛି। ଓଡ଼ିଶାର ରାଉରକେଲା ଇସ୍ପାତ କାରଖାନା ଏବଂ ଟାଟା ଷ୍ଟିଲ୍‌ର କଳିଙ୍ଗନଗର କାରଖାନାରୁ ଦିଲ୍ଲୀକୁ ମେଡିକାଲ ଅକ୍ସିଜେନ୍ ଯୋଗାଯାଉଛି। ଗୁରୁବାର ଭାଇଜାଗର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍(ଆର୍‌ଆଇଏନ୍‌ଏଲ୍)ରୁ ଏକ ଅକ୍ସିଜେନ ଟ୍ରେନ୍ ମହାରାଷ୍ଟ୍ରକୁ ପଠାଯାଇଛି। ବୋକାରୋ ଇସ୍ପାତ କାରଖାନାରୁ ଅନ୍ୟ ଏକ ଅକ୍ସିଜେନ୍ ଟ୍ରେନ୍ ଉତ୍ତରପ୍ରଦେଶକୁ ପଠାଯାଇଛି। ବର୍ତ୍ତମାନର କଠିନ ସମୟରେ ଇସ୍ପାତ କମ୍ପାନୀଗୁଡ଼ିକ ଅକ୍ସିଜେନ୍ ଉତ୍ପାଦନ ପାଇଁ ୨୪ ଘଣ୍ଟା କାମ କରୁଥିବାରୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

## କାଜୁ ଜଙ୍ଗଲରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା

**ଜଗନ୍ନାଥପ୍ରସାଦ, ୨୩।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଶିଶୁଣ୍ଡା ଗ୍ରାମରେ କାଜୁ ଫସଲ ଜଗୁଥିବା ଏକ ବୃଦ୍ଧ ଦମ୍ପତିଙ୍କୁ ଶୁକ୍ରବାର ହତ୍ୟା କରାଯାଇଛି। ସେମାନେ ହେଲେ ଭୀମ ପ୍ରଧାନ (୭୦) ଓ ତାଙ୍କ ସ୍ତ୍ରୀ ଶିଶୁଳା (୬୦)। ପ୍ରକାଶ ଯେ, ଶିଶୁଣ୍ଡା ଗାଁରେ ମୁଣ୍ଡପୋତା କେଳା ସମ୍ପ୍ରଦାୟର ଏହି ଦମ୍ପତି ରହୁଥିଲେ। କାଜୁ ଗଛରେ ଫଳ ଆସିବା ସମୟରେ ବଗିଚା ଜଗାରଖା କରି ପାରିଶ୍ରମିକ ନେଉଥିଲେ। ଉକ୍ତ ଗାଁ ରାଧାକୃଷ୍ଣ ସାମଲଙ୍କ କାଜୁ ବଗିଚାରେ ଦମ୍ପତି କୁଡ଼ିଆ କରି ଫସଲ ଜଗୁଥିଲେ। ଶୁକ୍ରବାର ଉକ୍ତ ବଗିଚା ରାସ୍ତା ଦେଇ ଜଙ୍ଗଲକୁ ଯାଉଥିବା କେତେଜଣ ଲୋକ ଦମ୍ପତିଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବରଦେଇଥିଲେ। ଜଗନ୍ନାଥପ୍ରସାଦ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଏବଂ ସନ୍ଧାନୀ କୁକୁର ସହ ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଭଞ୍ଜନଗର ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ର ପହଞ୍ଚି ତଦନ୍ତ ଚଳାଇଛନ୍ତି। ଘଟଣାସ୍ଥଳରେ ଥଣ୍ଡା ଓ ମଦ ବୋତଲ ସହ ଠେଙ୍ଗା ପଡ଼ିଥିବାରୁ ବୃଦ୍ଧ ଦମ୍ପତିଙ୍କୁ କେହି ହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। କାଜୁ ବଗିଚା ମାଲିକଙ୍କ ଏତଲା କ୍ରମେ ନଂ.୧୨୯/୨୧ରେ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

# 'ପରିବେଶ ଅନୁକୂଳ ଜ୍ଞାନକୌଶଳ ଉଦ୍ଭାବନ କରନ୍ତୁ ବୈଜ୍ଞାନିକ'

**କଟକ ଅଫିସ, ୨୩।୪**

### ଏନ୍‌ଆର୍‌ଆର୍‌ଆଇର ୭୫ତମ ପ୍ରତିଷ୍ଠା ଦିବସ
- ପ୍ଲାଟିନମ୍ ଜୁବିଲି ପୋଷ୍ଟାଲ ଲଫାପା, ଡାକ ଟିକଟ ଉନ୍ମୋଚିତ
- ୩୨ ଅଗ୍ରଣୀ କୃଷକ, କୃଷିଜୀବୀ ମହିଳା ସମ୍ମାନିତ

କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ୭୫ତମ ପ୍ରତିଷ୍ଠା ଦିବସ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠାନ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ କୈଳାସ ଚୌଧାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ଲାଟିନମ୍ ଜୁବିଲି ସଭାଗାର ଏବଂ ଏନ୍‌ଆର୍‌ଆର୍‌ଆଇ ପ୍ଲାଟିନମ୍ ଜୁବିଲି ଜାତୀୟ ସେମିନାର 'ଭାରତରେ ଧାନ ଗବେଷଣା ଏବଂ ଏହାର ବିକାଶ'କୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନକୁ ଆଖିଆଗରେ ରଖି ଅନୁଷ୍ଠାନର ବୈଜ୍ଞାନିକମାନେ ଧାନଚାଷର ଉତ୍ପାଦନଶୀଳତା ଓ ଲାଭ ବଜାୟ ରଖିବା ପାଇଁ ନୂତନ ପରିବେଶ ଅନୁକୂଳ ଜ୍ଞାନକୌଶଳ ଉଦ୍ଭାବନ କରିବାକୁ ଚୌଧାରୀ କହିଥିଲେ। ଫଳରେ ପ୍ରାକୃତିକ ସମ୍ବଳର ଅବନତି ନ ଘଟି ଦେଶ ଓ ବିଦେଶରେ ଧାନର ଚାହିଦା ପୂରଣ ହୋଇପାରିବ ବୋଲି ସେ ମତ ଦେଇଥିଲେ। ସେହିପରି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ସବୁଜ ବିପ୍ଳବରେ ଯୋଗଦାନ କଥା ମନେପକାଇଥିଲେ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅତିରିକ୍ତ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ଦେଶ ପାଇଁ ଅନୁଷ୍ଠାନର ୭୫ ବର୍ଷର ଯୋଗଦାନ ଓ ବର୍ତ୍ତମାନର କରୋନା ପରିସ୍ଥିତିରେ ନୂତନ ଗବେଷଣା ଉପରେ କହିଥିଲେ। ଏହି ଅବସରରେ ପ୍ଲାଟିନମ୍ ଜୁବିଲି ସ୍ୱତନ୍ତ୍ର ପୋଷ୍ଟାଲ ଲଫାପା ଓ ଡାକ ଟିକଟ ଏବଂ ଅନୁଷ୍ଠାନର ୪୦ରୁ ଅଧିକ ବିଭିନ୍ନ ବହି, ପତ୍ରିକା, ବୁଲେଟିନ୍ ଉନ୍ମୋଚିତ ହୋଇଥିଲା। ଏଥିସହ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର ୩୨ ଜଣ ଅଗ୍ରଣୀ କୃଷକ ଓ କୃଷିଜୀବୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଦୀପଙ୍କର ମାଇତି ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ସହାୟକ ମହାନିର୍ଦ୍ଦେଶକ ଡ. ୱାଇ. ପି. ସିଂ ଧନ୍ୟବାଦ ଦେଇଥିଲେ।



ଭର୍ଚୁଆଲରେ ମନ୍ତ୍ରୀ କୈଳାସ ଚୌଧାରୀ ବକ୍ତବ୍ୟ ରଖୁଛନ୍ତି।

ସେହିପରି ଟେକ୍ନିକାଲ ସେସନ୍-୧ରେ ଡ. ଅଖିଳେଶ କୁମାର ତ୍ୟାଗୀ ଯୋଗଦେଇ 'ଆଜାଲିଟିସ୍ ଅଫ ରାଇସ ଜିନ୍ ଫଙ୍କସନ୍ ଡ୍ରାଇଭିଂ ଡେଭଲପମେଣ୍ଟ' ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ନୂଆଦିଲ୍ଲୀସ୍ଥିତ ଆଇଏଆରଆଇ ନିର୍ଦ୍ଦେଶକ ଡ. ଏ. କେ. ସିଂ, ବାରାମାତି ଏନ୍‌ଆଇଏଏସ୍‌ଏମ୍ ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ, ଡ. ପି. ଚକ୍ରବର୍ତ୍ତୀ, ହାଇଦ୍ରାବାଦ ଏମ୍‌ଏଏନ୍‌ଏଜିଇ ମହାନିର୍ଦ୍ଦେଶକ ଡ. ପି. ଚନ୍ଦ୍ରଶେଖର ଏବଂ ନୂଆଦିଲ୍ଲୀ ଏନ୍‌ଆଇଏପି ନିର୍ଦ୍ଦେଶକ ଡ. ସୁରେଶ ପଲ୍ ଯୋଗଦେଇ ଫସଲର ଉନ୍ନତି ଓ ସୁରକ୍ଷା, ପ୍ରାକୃତିକ ସମ୍ବଳର ପରିଚାଳନା, ଚାଷ ଆଧାରିତ ବ୍ୟବସାୟୀକରଣ ଉପରେ ମତ ଦେଇଥିଲେ। ଏହି ଅବସରରେ ପ୍ରାୟ ୫୦ ଜଣ ଚାଷୀ ଅନ୍‌ଲାଇନ୍ ମାଧ୍ୟମରେ ବୈଜ୍ଞାନିକଙ୍କ ସହିତ ଚାଷ ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ପୂର୍ବତନ ବୈଜ୍ଞାନିକ, ଟେକ୍ନିକାଲ ଅଧିକାରୀ ଏବଂ କର୍ମଚାରୀ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଡ. ସୁମନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏଲ୍ ଡାକ୍ତରଖାନା ହେଉ କୋଭିଡ୍ ହସ୍ପିଟାଲ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

### କେନ୍ଦ୍ର ଖଣିମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର



ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ସମ୍ଭାବ୍ୟ ସଙ୍କଟ ଏଡ଼ାଇବାକୁ ତାଳଚେରସ୍ଥିତ ଏମ୍‌ସିଏଲ୍ ହସ୍ପିଟାଲକୁ କୋଭିଡ୍ ହସ୍ପିଟାଲ ଭାବେ ବ୍ୟବହାର କରିବା ଲାଗି ଅନୁମତି ଦେବାକୁ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କୁ ପତ୍ରଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିସହ ଉକ୍ତ ହସ୍ପିଟାଲରେ ୧୦୦ ଭେଣ୍ଟିଲେଟର ସହିତ ଆଇସିୟୁ ସୁବିଧା କରିବା ଲାଗି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଧର୍ମେନ୍ଦ୍ର ନିଜ ଚିଠିରେ ନିବେଦନ କରିଛନ୍ତି।

ଭାରତ କୋଭିଡ୍ ଦ୍ୱିତୀୟ ଲହର ସହ ଲଢ଼େଇ କରୁଛି। ଦେଶର ଟିକାକରଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସମର୍ଥନ କରିବା ତଥା କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଲାଗି ଉପଲବ୍ଧ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବୃଦ୍ଧି କରିବା ଆବଶ୍ୟକ। ଓଡ଼ିଶାରେ କୋଭିଡ୍ ମାମଲା ଦ୍ରୁତଗତିରେ ବଢ଼ୁଛି। ଅନୁଗୋଳ ଜିଲାରେ ୪୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଦୈନିକ ସଂକ୍ରମଣ ୧୦୦ ଟପିଲାଣି। କୋଭିଡ୍‌ର ପ୍ରଥମ ଲହର ବେଳେ ୧୪୪ ଶଯ୍ୟା ବିଶିଷ୍ଟ ଏବଂ ୭ଟି ଆଇସିୟୁ ୟୁନିଟ୍ ସହ ତାଳଚେରସ୍ଥିତ ଏମ୍‌ସିଏଲ୍ ଡାକ୍ତରଖାନା କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟ କରୁଥିଲା। ବର୍ତ୍ତମାନ ସମୟରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏହି ହସ୍ପିଟାଲକୁ ୧୦୦ ଭେଣ୍ଟିଲେଟର ପ୍ରଦାନ କରାଗଲେ ରୋଗୀ ଉପକୃତ ହେବେ। ଅନୁଗୋଳ ଜିଲା ତଥା ଆଖପାଖ ଅଞ୍ଚଳର କୋଭିଡ୍ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଏହି ହସ୍ପିଟାଲରେ ଯଥାଶୀଘ୍ର ଭେଣ୍ଟିଲେଟରର ବ୍ୟବସ୍ଥା କରିବା ଲାଗି ଅଧିକାରୀଙ୍କୁ ଅନୁମତି ଦେବା ପାଇଁ ଧର୍ମେନ୍ଦ୍ର ଚିଠିରେ ଅନୁରୋଧ କରିଛନ୍ତି।

# ୯୪ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିଯୁକ୍ତି ପତ୍ର

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ନିର୍ମାଣ ବିଭାଗ ପକ୍ଷରୁ ଶୁକ୍ରବାର ୯୪ ନବନିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ମନ୍ତ୍ରୀ ମଲ୍ଲିକ କହିଲେ ଆଜିର ଯୁଗ ଟେକ୍ନୋଲୋଜିର। ଗତାନୁଗତିକ ଧାରାରୁ ବାହାରି ନିର୍ମାଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବ୍ୟବହାର କରିବା ଆବଶ୍ୟକ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବିଗତ କିଛିବର୍ଷ ମଧ୍ୟରେ ସରକାର ଅନେକ ଆଖିଦୃଶିଆ କାର୍ଯ୍ୟକ୍ରମ ହାତକୁ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ନେତୃତ୍ୱ ନେବାର ଦକ୍ଷତା ସୃଷ୍ଟିହେଲେ ବିକାଶ ଧାରା ଆଗକୁ ବଢ଼ିବ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏଥିରେ ଉପସ୍ଥିତ ଥିଲେ।

# ବିଧାନସଭା ଡିଜିଟାଇଜେଶନ ଲାଗି ୩.୮ କୋଟି ବ୍ୟୟ ଅଟକଳ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ବିଧାନସଭା ବୈଠକର ସମସ୍ତ ଆଲୋଚନାର ବିବରଣୀ ଏବଂ ବିଭିନ୍ନ କମିଶନର ରିପୋର୍ଟ ଡିଜିଟାଇଜେଶନ କରିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ଏ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟକ୍ରମ ଉପରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟକୁ ୩.୮ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବ ପ୍ରଦାନ କରାଯାଇଛି। ବର୍ତ୍ତମାନ ମନ୍ତ୍ରଣାଳୟ ତରଫରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ବିଧାନସଭାରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ପ୍ରାୟ ୧୦ ହଜାର ନଥି ନଷ୍ଟ ହେବା ଅବସ୍ଥାକୁ ଆସିଗଲାଣି। ସେଗୁଡ଼ିକର ପୁନରୁଦ୍ଧାର କରାଯିବା ନିତାନ୍ତ ଆବଶ୍ୟକ। ସେହିପରି ରେକର୍ଡ ମାନୁଆଲ ଅନୁଯାୟୀ ବିଧାନସଭା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ଗୁଡ଼ିକର ମଧ୍ୟ ଡିଜିଟାଇଜେଶନ କରାଯିବ। ଏହାସହ ବିଧାନସଭା ଗ୍ରନ୍ଥାଗାରର ସମସ୍ତ ପୁସ୍ତକ ମଧ୍ୟ ଇ-ମୋଡ୍‌ରେ ସ୍ଥାନିତ କରାଯିବ। ଫାଇଲ୍‌ଗୁଡ଼ିକର ସ୍କାନିଂ ପାଇଁ ଓକାକ୍ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବିଧାନସଭା ତଥ୍ୟର ଡିଜିଟାଇଜେଶନ ପାଇଁ ପୁଣେ ଏବଂ ହାଇଦ୍ରାବାଦର ୨ଟି ପ୍ରତିଷ୍ଠିତ ଏବଂ ଆଇଟି ସଂସ୍ଥା ସହ ଆଲୋଚନା କରାଯାଇ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ପ୍ରଦାନ ଲାଗି ସମ୍ପୃକ୍ତ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି।

# ଅନୁମୋଦନ ପରେ ୭ ପ୍ରସ୍ତାବ କେନ୍ଦ୍ରକୁ ପଠାଯିବ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

### ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟି ବୈଠକ
- ଦୁଇ ଜେଟି, ବର୍ଷା ଆଶ୍ରୟସ୍ଥଳ ପାଇଁ ୪ କୋଟି
- ଦୁଇ ଅଭୟାରଣ୍ୟ ପରିସୀମା ପୁନଃନିର୍ଦ୍ଧାରଣ ହେବ
- କପିଳାସ ଅଭୟାରଣ୍ୟ ଜମି ହସ୍ତାନ୍ତର ନେଇ ଆଲୋଚନା

ରାଜ୍ୟ ବନ୍ୟପ୍ରାଣୀ ପରିଷଦ ସ୍ଥାୟୀ କମିଟି ବୈଠକ ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ ଆଗତ ୭ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟକୁ ମଞ୍ଜୁରୀ ନିମନ୍ତେ ଏହାକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଛି।

ଭିତରକନିକା ଜାତୀୟ ଉଦ୍ୟାନର ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ଥିବା ଭଦ୍ରକ ଜିଲାର ଚାନ୍ଦବାଲି ତହସିଲ ଅନ୍ତର୍ଗତ ନିମତାଳାଠାରେ ଜେଟି ଓ ବର୍ଷା ଆଶ୍ରୟ ଗୃହର ଉନ୍ନତୀକରଣ କାର୍ଯ୍ୟ ୨ କୋଟି ୧୦ ଲକ୍ଷ ଟଙ୍କା ଏବଂ କସ୍ତୁରୀକଣଠାରେ ୧କୋଟି ୯୦ ଲକ୍ଷ ଟଙ୍କା ବ୍ୟୟରେ କରାଯିବ। ବାରିପଦା-ବାମନଘାଟି (ରାଜ୍ୟ ରାଜପଥ-୫୦)ର ବିଷୋଇଠାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ରାସ୍ତାର ସୁଦୃଢ଼ୀକରଣ ତଥା ଦୁଇଚିକିଆ ରାସ୍ତାକୁ ଚଉଡ଼ା କରାଯିବ। ଏହାଫଳରେ କୋଲକାତାଠାରୁ ରାଇରଙ୍ଗପୁର ଓ ରାଇରଙ୍ଗପୁରରୁ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଓ ମାଲ୍ ପରିବହନ ସୁଗମ ହେବ। କର୍ଲାପାଟ ଅଭୟାରଣ୍ୟ ପରିସୀମା ପୁନଃନିର୍ଦ୍ଧାରଣ ହେବ। ଏବେ ଏହାର ପରିସୀମା ୧୮୪ ବର୍ଗ କି.ମି. ଥିବାବେଳେ ପ୍ରାୟ ୧୯୪ ବର୍ଗ କି.ମି.କୁ ବୃଦ୍ଧି ପାଇବ। ସେହିଭଳି ସୁନାବେଡ଼ା ଅଭୟାରଣ୍ୟ ପରିସୀମା ପୁନଃନିର୍ଦ୍ଧାରଣ ହେବ। ଅଭୟାରଣ୍ୟରୁ ଜନବସତି ଥିବା ପ୍ରାୟ ୧୦,୯୬୫ ହେକ୍ଟର ଜମିକୁ ବାଦ୍ ଦିଆଯିବ ଓ ଜନବସତିଶୂନ୍ୟ ୧୩,୩୧୩ ହେକ୍ଟର ଜଙ୍ଗଲ ଜମି ଅଭୟାରଣ୍ୟ ପରିସୀମାଭୁକ୍ତ ହେବ। ପୂର୍ବତଟ ରେଳପଥ ଦ୍ୱାରା ବୁଢ଼ାପଙ୍କ-ସାଲେଗାଁ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳ ଲାଇନ ନିର୍ମାଣ ପାଇଁ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ପରିସୀମା ମଧ୍ୟରେ ଥିବା ୦.୭୮ ହେକ୍ଟର ଜମି ଓ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ବାକିଥିବା ବାମ ଓ ଦକ୍ଷିଣ ପାର୍ଶ୍ୱ ଶାଖା କେନାଲ ନିର୍ମାଣ ପାଇଁ ଆବଶ୍ୟକ ଥିବା ଏହି ଅଭୟାରଣ୍ୟର ୭.୫ ହେକ୍ଟର ଜମି ହସ୍ତାନ୍ତର ନେଇ ଆଲୋଚନା ହୋଇଥିଲା। କମିଟି ଉକ୍ତ ୭ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ଅଧକ୍ଷଙ୍କ ଦ୍ୱାରା ଅନୁମୋଦନ କରି କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟକୁ ମଞ୍ଜୁର ନିମନ୍ତେ ପଠାଇବାକୁ ସୁପାରିଶ କରିଛି। ବୈଠକରେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ମୋନା ଶର୍ମା, ପିସିସିଏଫ୍ ଶିଶିର କୁମାର ରଥ, ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍, ଭାରତ ସରକାରଙ୍କ ବନ୍ୟପ୍ରାଣୀ ସଂରକ୍ଷଣ ନିର୍ଦ୍ଦେଶକ, ହସ୍ତୀ ସୁରକ୍ଷା ଫାଉଣ୍ଡେଶନ ଟ୍ରଷ୍ଟର ରଜନୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଲର୍ଟରେ ରାଜ୍ୟର ୧୮ ମେରାଇନ ଥାନା

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

### ଜଳପଥରେ ସଂକ୍ରମଣ ପଶି ଆସିବା ଆଶଙ୍କା
- ଇଣ୍ଟରସେପ୍ଟ ବୋଟ୍, ବାଇକରେ ପାଟ୍ରୋଲିଂ ହେବ

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ପ୍ରବାସୀଙ୍କୁ ନେଇ ଚିନ୍ତା ବଢ଼ିଛି। ରାଜ୍ୟ ସରକାର ଆନ୍ତଃ ଜିଲା ଯାତାୟାତ ଉପରେ କଟକଣା ଲଗାଇବା ପରେ ବିଭିନ୍ନ ପ୍ରବେଶ ପଥକୁ ବନ୍ଦ କରାଯାଇ କଡ଼ାକଡ଼ି ଯାଞ୍ଚ ଚାଲିଛି। ତେଣୁ ପୂର୍ବବର୍ଷ ଭଳି ପ୍ରବାସୀମାନେ ଜଳପଥରେ ଓଡ଼ିଶା ଭିତରକୁ ପଶି ଆସିବାର ସମ୍ଭାବନା ଦେଖାଦେଇଛି। ଏମାନଙ୍କ ପାଇଁ ରାଜ୍ୟର ସ୍ଥିତି ଆହୁରି ବିଗିଡ଼ିଯିବାର ଆଶଙ୍କା ଥିବାରୁ ଜଳପଥ ପାଟ୍ରୋଲିଂକୁ କଡାକଡି ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୋଷ୍ଟଗାର୍ଡ଼ ପକ୍ଷରୁ ରାଜ୍ୟରେ ଥିବା ୧୮ ମେରାଇନ୍ ଥାନାକୁ ଆଲର୍ଟ କରାଯାଇଛି।

ରେଲ୍‌ୱେ ଓ କୋଷ୍ଟଗାର୍ଡ ସିକ୍ୟୁରିଟି ଅତିରିକ୍ତ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଛନ୍ତି, ସମସ୍ତ ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମାଛଧରି ଫେରୁଥିବା ବୋଟଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରାଯିବ। ପ୍ରତ୍ୟେକ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟରରେ ହୋମ୍‌ଗାର୍ଡ଼ ମୁତୟନ କରାଯାଇଛି। ନିୟମିତ ପାଟ୍ରୋଲିଂ ଚାଲିଥିବାବେଳେ ଏଣିକି ୧୩ଟି ଫାଷ୍ଟ ଇଣ୍ଟରସେପ୍ଟ ବୋଟ୍ ମାଧ୍ୟମରେ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ କରାଯିବ। ରାତିରେ ବାଇକ ଯୋଗେ ତଟବର୍ତ୍ତୀ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡି କରାଯିବ। ଏଥିରେ ସାହାଯ୍ୟ କରିବେ ସାଗର ରକ୍ଷକ ଦଳ। ତଟବର୍ତ୍ତୀ ଗ୍ରାମର ଯୁବକମାନଙ୍କୁ ନେଇ ଏହି ସାଗର ରକ୍ଷକ ଦଳ ଗଠନ କରାଯାଇଛି। ବାହାରୁ ଜଳପଥ ଦେଇ କେହି ପ୍ରବାସୀ ସେମାନଙ୍କ ଗ୍ରାମ ପାଖଦେଇ ଆସିଲେ ସେମାନେ ମେରାଇନ ଥାନାକୁ ସୂଚନା ଦେବେ। ତେବେ କୌଣସି ବୋଟ୍ ନିୟମ ଉଲ୍ଲଂଘନ କରି ପ୍ରବାସୀଙ୍କୁ ନେଇ ରାଜ୍ୟ ଭିତରକୁ ପ୍ରବେଶ କଲେ ତାହାକୁ ଜବତ କରାଯିବ। ଏଥିସହିତ କୌଣସି ଲୋକ ବାହାରୁ ଆସିଥିବା ନେଇ ଖବର ମିଳିଲେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯିବ ବୋଲି କହିଛନ୍ତି ଅତିରିକ୍ତ ଡିଜି ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ସିଏଜି ରିପୋର୍ଟ ନେଇ ବିଜେଡିକୁ ଭାଜପାର ଟାର୍ଗେଟ୍

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଯୁବପିଢ଼ିଙ୍କ ରୋଜଗାର ଓ ଦକ୍ଷତା ବୃଦ୍ଧି ପାଇଁ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକାରୀ କରାଇଥିଲେ। ଏଥିପାଇଁ ପ୍ରଚୁର ଅର୍ଥ ଆବଣ୍ଟନ କରିଥିଲେ ମଧ୍ୟ ଓଡ଼ିଶାରେ ଯୁବପିଢ଼ିଙ୍କ ଦକ୍ଷତାର ବିକାଶ ସମ୍ଭବ ହୋଇପାରିଲା ନାହିଁ। ଓଲଟା ଏହି ଯୋଜନା ଦାୟିତ୍ୱରେ ଥିବା ମନ୍ତ୍ରୀ ଓ ଅଧିକାରୀଙ୍କ ଲାଭବାନ ହୋଇଥିବା ସିଏଜି ରିପୋର୍ଟରେ ପର୍ଦ୍ଦାଫାଶ ହୋଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଅନ୍ୟପଟେ ଲେଖାଶ୍ରୀ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ପିପିଲି ବିଧାନସଭା ଟିକେଟରୁ ବଞ୍ଚିତ ହୋଇ ଦଳରେ ଅପ୍ରାସଙ୍ଗିକ ହୋଇପଡ଼ିବାରୁ ଲେଖାଶ୍ରୀ ଏଭଳି ମତ ରଖୁଛନ୍ତି ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-Vehicle-PUI-140-21

କାର୍ଯ୍ୟର ନାମ : 03 (ତିନି) ବର୍ଷ ସମୟାବଧି ନିମନ୍ତେ ସିନିୟର CDO / ପୁରୀଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚାଳକ ସହିତ ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ଭଳି ଗୋଟିଏ ଚାରି ଚକିଆ ହାଲୁକା ଗାଡ଼ି ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 15,07,690.64, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.03.05.2021ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.05.2021 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର, ଖୋର୍ଦ୍ଧାରୋଡ୍

PR-48/M/21-22

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No.CAD-166 **TENDER ALERT**

**01)Tender Call Notice No.01/2021-22:** Renovation of PCC of Back side of the control room of 220/132/33 kV Grid S/S Paradeep under EHT (O&M) Division Paradeep.
**02) E-Tender Call Notice No.01/21-22:** Eleven nos of works under Civil works circle, Bhubaneswar.
For details please visit : **www.optcl.co.in.**

OIPR-04011/11/0006/2122 FIPR-05/2021-22

File No. JM-32023/49/2020-WORKS SECTION-JM-JAGATSINGHPUR MUNICIPALITY I/34908/2021

**OFFICE OF THE MUNICIPALITY, JAGATSINGHPUR**

No. 2024 Dt.23.04.2021

**SHORT QUOTATION CALL NOTICE**

No. C-151: The Executive Officer, Jagatsinghpur Municipality on behalf of Municipal Council invites sealed quotations from the authorized Dealer's/Manufacturers/Govt. Suppliers/Contractors for **sinking of 0.125mm dia bore well having 60 mtr. depth and 3 mtr. long strainer at bottom including provision of 2HP Submersible Motor at MCC & MRF Point,** College Chhak, Jagatsinghpur as per Annexure - A attached.
The quotation in envelope must be sealed for verification and must mention the name of the item on the sealed envelope for which quoted. The rate should be inclusive of all taxes and transportation charge etc. It will be received in the Municipal sotre in good condition and specification as detailed in Annexure - A. The quotation should reach the office of the undersigned from **Dt.26.04.2021 to Dt.03.05.2021** upto 2.00 P.M. and the quotation will be opened on the same day i.e. **Dt.03.05.2021** at 03.00 P.M. in the chamber of the undersigned in the presence of quotationer or their authorized agents/representatives, if any present. The quotationer should mention their rate including Taxes (GST), Installation and Transportation charges if any and must have furnished other documents i.e. valid GST Registration Certificate, ITCC/PAN Card etc along with the quotations failing which the quotation will be rejected. The quotationer should submit Rs.500.00 in the shape of Demand Draft as Paper Cost which is non-refundable duly pledged in favour of the Executive Officer, Jagatsinghpur Municipality from any Nationalized Bank along with quotations.
For details the quotationer may contact to Dealing Assistant to Works Section during the office hour. The undersinged reserves the right to reject any or all quotation without assigning any reason thereof.

**Sd./- Executive Officer**
**Jagatsinghpur Municipality**
OIPR-13087/11/0005/2122

**QUOTATION CALL NOTICE**

**No. 1815** **Dt.23.04.2021**

No. C-138: The Executive Officer, Paradeep Municipality, Paradeep invites sealed quotation from the intending contractor/firm/fabricator having update GSTN/PAN Card holder for fitting and fixing of GCI Sheet roofing at mcc 3 and mrf Bangalipada, Paradeep Municipality. DTCN along with specification, term & conditions can be obtained in the Office of the Municipal Council, Paradeep on payment of paper cost 500.00 (Rupees Five hundred) only (not-refundable) from Dt.26.04.2021 to Dt.07.05.2021 during office hours. The quotation will be available on office website **www.paradeepmunicipality.org**. Paper cost shall be paid as per the same method noted in DTCN downloaded online. Quotation without payment of paper cost and EMD shall not be accepted in any case and will be rejected summarily. The quotation will be reached the undersigned on or before Dt.12.05.2021 upto 11.00 A.M. The same will be opened on the same day at 12.00 Noon in presence of the bidder of their authorized representatives. The authority reserves the right to accept or cancel any or all quotations without assigning any reason thereof.

**Sd./- Executive Officer**
**Paradeep Municipality**
OIPR-13120/11/0003/2122

**E-Procurement Notice**

No.988/NAC Dt.23.04.2021

No.C-141:-

| | | |
|---|---|---|
| 1. | Name of the work | : 2 (Two) No. of Electrical works |
| 2. | Estimated cost | : Rs.2,22,183/- to Rs.4,02,11/- |
| 3. | Period of completion | : 30 days |
| 4. | Date & time of availability of bid documents in the portal | : From 10.00 hours of 26.04.2021. |
| 5. | Last date / time of received of bids in portal | : 5.30 hours of dt.03.05.2021. |
| 6. | Date & time of opening of bid | : 10.00 hours of 04.05.2021. |
| 7. | Name & address of the office inviting bid | : Executive Officer, NAC, Kuchinda |

Further details can be seen from the e-procurement portal www.tendersorissa.gov.in

**Sd./- Executive Officer, Notified Area Council, Kuchinda**
OIPR-13121/11/0001/2122

**ଶଟ୍‌ଡାଉନ ପାଇଁ ୪ ସ୍ଥାନରେ ବ୍ଲକିଂ**

**ଚୌଦ୍ୱାର, (ଡି.ଏନ୍.ଏ.):** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ଓ ରବିବାର ସପ୍ତାହନ୍ତ ସଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୋଲିସ ପକ୍ଷରୁ କଡା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚୌଦ୍ୱାର ଗାନ୍ଧୀଛକ, କଳିଙ୍ଗଛକ, ବୁଡାଖିଆ ଓ ବିରୁପା ବ୍ୟାରେଜ ନିକଟରେ ପୋଲିସ ବ୍ଲକିଂ କରିବା ସହ ବିଭିନ୍ନ ସ୍ଥାନରେ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଅମାନିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କାମବେଳେ ଟାଙ୍କିରେ ଗଳିପଡ଼ିଲେ ଶ୍ରମିକ



**କଟକ ଅଫିସ, ୨୩।୪:** ଏସ୍‌ସିବି ମେଡିକାଲ ସର୍ଜରି ବିଭାଗ ପରିସରରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏକ ଟାଙ୍କି ଖୋଲୁଥିବାବେଳେ ସେଥିରେ ପଡିଯାଇ ଜଣେ ଶ୍ରମିକ ଆହତ ହୋଇଛନ୍ତି। ସେ ହେଲେ ଅଲ୍ଲୀ ଭୋଇ(୪୫)। ଅଗ୍ନିଶମ କର୍ମଚାରୀ ପହଞ୍ଚି ଶ୍ରମିକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

### ମନ୍ଦିର ଷ୍ଟୋର ରୁମ୍ ଝରକା ଭାଙ୍ଗି ସାମଗ୍ରୀ ଚୋରି

**ସାଲେପୁର, ୨୩।୪(ଡି.ଏନ୍.ଏ.)-** ସାଲେପୁର ଥାନା ଅନ୍ତର୍ଗତ ପ୍ରସିଦ୍ଧ କଳାଗ୍ନୀ ମହାଦେବଙ୍କ ମନ୍ଦିରର ଷ୍ଟୋର ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। କୌଣସି ଦୁର୍ବୃତ୍ତ ଏହି ଘରର ଝରକା ଭାଙ୍ଗି ଭିତରେ ପ୍ରବେଶ କରି ଆଲମିରା ତାଡି ଦେଇଛନ୍ତି। ଏଥିସହ ୧୦ ପଟ ଘଣ୍ଟ, ୮ କିଲୋ ଓଜନର ଘଣ୍ଟି, ଗୋଟିଏ ରୂପା ନିର୍ମିତ ମୁକୁଟ ଓ ରୂପା ଚାନ୍ଦ ଆଦି ଚୋରି କରି ନେଇଛନ୍ତି। ଏନେଇ କଳାଗ୍ନୀ ମହାଦେବ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଔଷଧ କଳାବଜାର ରୋକିବା ପାଇଁ ଚଢ଼ାଉ

**କଟକ ଅଫିସ,୨୩।୪-** କୋଭିଡ୍ ଔଷଧ ଓ ଚିକିତ୍ସା ଉପକରଣ ବେଆଇନ ଗଚ୍ଛିତ ସହ କଳାବଜାର ବିରୋଧରେ ରାଜ୍ୟ ପୋଲିସ୍ ଫ୍ଲାଇଂ ସ୍କ୍ୱାଡ୍ ରାଜ୍ୟ ବ୍ୟାପୀ ଜୋର୍‌ଦାର ଚଢାଉ ଜାରି ରଖିଛି। ଶୁକ୍ରବାର ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଓ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଥିବା ଔଷଧ ଡିପୋ, ମେଡିକାଲ ଷ୍ଟୋର, ଅମ୍ଳଜାନ ଭର୍ତ୍ତି କରୁଥିବା ଷ୍ଟୋରରେ ଚଢାଉ କରିଥିଲା। ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଅମ୍ଳଜାନ ଘୋର ଅଭାବ ରହିଛି। ତେଣୁ ଓଡ଼ିଶାରେ ଅମ୍ଳଜାନ ଭର୍ତ୍ତି କରୁଥିବା ଷ୍ଟୋରଗୁଡ଼ିକରେ କଳାବଜାରୀ ରୋକିବା ପାଇଁ ସ୍କ୍ୱାଡ୍ ପକ୍ଷରୁ ଅଧିକ ଧ୍ୟାନ ଦିଆଯାଉଛି । ଏଥିସହ ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ କୋଭିଡ୍ ଔଷଧ ବଣ୍ଟନକୁ ନେଇ ପ୍ରତିଦିନ ଅପ୍‌ଡେଟ୍ ଦେବାକୁ ନିର୍ଦ୍ଦେଶ ହେଇଛନ୍ତି। ଏହି ଟିମ୍‌ରେ ଡ୍ରଗ୍ସ ଇନ୍ସପେକ୍ଟର, ସ୍ପେଶାଲ ଟାସ୍କ ଫୋର୍ସ, କ୍ରାଇମବ୍ରାଞ୍ଚର ଅଧିକାରୀ ଏବଂ ସ୍ଥାନୀୟ ପୋଲିସ ସାମିଲ ରହିଛନ୍ତି।

# ଚୋରା ବନ୍ଧୁକ ଜବତ, ୨ ବେପାରୀ ଗିରଫ

### କ୍ୟୁଏଟି ଟିମ୍ ଗ୍ରାହକ ସାଜି ଧରିଲେ

■ ପୂର୍ବରୁ ଜଣେ ଥାନାଧିକାରୀଙ୍କୁ ଗୁଳି ଚଳାଇ ଫେରାର ଥିଲେ

**ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା, ୨୩।୪ (ଡି.ଏନ୍.ଏ.)**

ରାଜଧାନୀ ସମେତ ଉପକଣ୍ଠ ଅଞ୍ଚଳରେ ହେଉଥିବା ବେଧଡ଼କ ଚୋରା ବନ୍ଧୁକ କାରବାର ଉପରେ କମିଶନରେଟ ପୋଲିସର କ୍ୟୁଏଟି (କ୍ୱିକ୍ ଆକ୍ସନ ଟିମ) ଛାଟ ମାରିଛି। ଏହି ଚୋରା ବନ୍ଧୁକ ବେପାରୀଙ୍କୁ ଧରିବା ପାଇଁ ଗୁରୁବାର କ୍ୟୁଏଟି ଟିମର ସଦସ୍ୟ ଗ୍ରାହକ ସାଜି ବାଲିଅନ୍ତା ଥାନା ପୋଲିସ ସହାୟତାରେ ୨ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି। ସେମାନେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରର ପପୁନ ପାତ୍ର ଓରଫ ବିକ୍ରମ, ବିକି ଓ ବାଲିପାଟଣା ଥାନା ଅନ୍ତର୍ଗତ ଅଠନ୍ତରା ଗାଁର ଚିତ୍ତରଞ୍ଜନ ବେହେରା ଓରଫ କାଳିଆ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୬ଟି ଗୁଳି, ୩ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧ମାସ ହେବ ଜଗତ୍‌ସିଂହପୁର ଅଞ୍ଚଳରୁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳକୁ ଚୋରା ବନ୍ଧୁକ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ କ୍ୟୁଏଟି ଟିମ୍ ଏହି କାରବାରର ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା ଚଳାଇଥିଲା। ଗତ ୧୫ଦିନ ହେବ କ୍ୟୁଏଟି ଟିମ୍‌ର ସଦସ୍ୟମାନେ ଗ୍ରାହକ ବେଶରେ ବନ୍ଧୁକ କିଣିବା ପାଇଁ ଯୋଗାଯୋଗ କରୁଥିଲେ। ଫୋନରେ ବନ୍ଧୁକର ଦାମ ଓ ଭେଟ ହେବାର ଜାଗା ସ୍ଥିର ହୋଇଥିଲା। ସେହି ଅନୁସାରେ ଗୁରୁବାର ଅଭିଯୁକ୍ତମାନେ ବନ୍ଧୁକ ଦେବାପାଇଁ ବାଲିଅନ୍ତା ଥାନା ଅନ୍ତର୍ଗତ ବିଙ୍ଗାରପୁର ନିକଟକୁ ଗ୍ରାହକ ତଥା କ୍ୟୁଏଟି ସଦସ୍ୟଙ୍କୁ ଡକାଇଥିଲେ। ପୂର୍ବ ଯୋଜନା ମୁତାବକ ବାଲିଅନ୍ତା ଥାନା ପୋଲିସ ଲୁଚି ରହିଥିବାବେଳେ କ୍ୟୁଏଟି ଟିମ୍‌ର ସଦସ୍ୟଙ୍କୁ ବନ୍ଧୁକ ଦେବା ପାଇଁ ୨ ବେପାରୀ ବାଇକ୍‌ରେ ଆସିଥିବାବେଳେ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ଅନୁସନ୍ଧାନ କରିବାବେଳେ ବନ୍ଧୁକ ଓ ୬ରାଉଣ୍ଡ ଗୁଳି ବାହାରି ଥିଲା। ଅଭିଯୁକ୍ତମାନେ କାହାକୁ ବନ୍ଧୁକ ବିକ୍ରି କରିଛନ୍ତି, ସେନେଇ ପୋଲିସ ଓ କ୍ୟୁଏଟି ଟିମ୍ ପଚରାଉଚରା ଚଳାଇଛି। ତଦନ୍ତ ବେଳେ ଏହି ୨ଜଣଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ୩/୪ବର୍ଷ ତଳେ ବନ୍ଧୁକ ବେପାର କାରବାରକୁ ନେଇ ବାଲିଅନ୍ତା ଥାନାର ତତ୍କାଳୀନ ଥାନାଧିକାରୀ ଚଢ଼ାଉ କରିବାକୁ ଯାଇଥିବାବେଳେ ତାଙ୍କ ଉପରକୁ ବନ୍ଧୁକ ଚଳାଇ ଫେରାର ହୋଇଯାଇଥିଲେ। ଏହି ଗୁଳି ଘଟଣାରେ ତତ୍କାଳୀନ ଥାନାଧିକାରୀ ଜଣକ ଅଳ୍ପକେ ବର୍ତ୍ତିଯାଇଥିଲେ।

# ୧୮ ପାୱାରଟିଲର, ୧୦ ଟ୍ରକ ଜବତ

**ଟାଙ୍ଗୀ, (କଟକ)୨୩।୪(ଡି.ଏନ୍.ଏ)**



ଜବତ ପଥର ବୋଝେଇ ଗାଡ଼ି।

■ ବେଆଇନ ପଥର ଖାଦାନରେ ଚଢ଼ାଉ
■ ୭ଲକ୍ଷ ଜରିମାନା ଆଦାୟ

ଟାଙ୍ଗୀ ଥାନା ଅନ୍ତର୍ଗତ ଉଚ୍ଚପଦା ପଞ୍ଚାୟତ ମଣିଆ ରାଜସ୍ୱ ମୌଜାରେ ଥିବା ଏକ ବେଆଇନ ମାଙ୍କଡ଼ା ପଥର ଖାଦାନରେ ଶୁକ୍ରବାର ଭୋର ସମୟରେ ଚଢ଼ାଉ କରାଯାଇ ୧୮ଟି ପାୱାର ଟିଲର ଓ ୧୦ଟି ଟ୍ରକ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କେତେଜଣ ପଥର ମାଫିଆ ମଣିଆ ଗ୍ରାମ ସଂଲଗ୍ନ ସରକାରୀ ଜମିକୁ ନିଜସ୍ୱ ଜମି ଦର୍ଶାଇ ବେଆଇନ ଭାବେ ପଥର କାଟୁଥିଲେ। ଖବରପାଇ ତହସିଲଦାର ଅଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଟାଙ୍ଗୀ ପୋଲିସର ଏକ ଟିମ ଚଢ଼ାଉ କରିଥିଲା। ସେହି ସମୟରେ ଚୋରା ବ୍ୟବସାୟୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ପାୱାର ଟିଲର ସହ ପଥର ବୋଝେଇ ଟ୍ରକଗୁଡ଼ିକ ନେବା ସମ୍ଭବ ହୋଇ ନ ଥିଲା। ଚଢ଼ାଉବେଳେ ଏକ ପଥର ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ଟ୍ରକ ପିଛା ୪୧ହଜାର ଓ ପାୱାର ଟିଲର ପିଛା ୧୫ହଜାର ଟଙ୍କା ହିସାବରେ ପ୍ରାୟ ୭ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇ ଗାଡ଼ିଗୁଡ଼ିକୁ ଛଡ଼ା ଯାଇଥିଲା। କିନ୍ତୁ ଟ୍ରାକ୍ଟର ଠାରୁ ଜରିମାନା ଆଦାୟ କରାଯାଇ ନ ଥିଲା। ତହସିଲଦାର ଅଜୟ କୁମାର ମଲ୍ଲିକ କହିଛନ୍ତି, ସରକାରୀ ଜମି ଆଳରେ ମାଫିଆମାନେ ଘରୋଇ ଜମିରୁ ବେଆଇନ ଭାବେ ମାଙ୍କଡ଼ା ପଥର କାଟୁଥିଲେ। ମାଙ୍କଡାପଥର, ମୋରମ ସବୁ ବ୍ୟବସାୟ ଲଘୁ ଖଣିଜ ସମ୍ପଦ ମଧ୍ୟରେ ଆସୁଥିଲେ ମଧ୍ୟ ଏଥିରେ କଡା ଆଇନ ନାହିଁ। ଏଣୁ ଆମେ ଉପାୟ ଶୂନ୍ୟ। ଫାଇନ କାଟିବା ଛଡା ଆମର ଅନ୍ୟ ଉପାୟ କିଛି ନାହିଁ।

### କରୋନା ଆକ୍ରାନ୍ତ ଡାକ୍ତର

**ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ**

**କଣ୍ଟାପଡା, ୨୩।୪ (ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅଞ୍ଚଳରେ କରୋନା ସ୍ଥିତି ବିଗିଡିବାରେ ଲାଗିଛି। ଗତ ୭ଦିନ ଭିତରେ ୨ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କ ସମେତ ୪ଜଣ କରୋନା ପଜିଟିଭ ଥିବା ଜଣାପଡିଛି। ସମ୍ପୃକ୍ତ ଡାକ୍ତର ଦ୍ୱିତୀୟ ଡୋଜ୍ ଟିକା ନେଇଥିବାବେଳେ ସଂକ୍ରମିତ ହେବା ମୁଣ୍ଡବ୍ୟଥାର କାରଣ ହୋଇଛି। ଗତ ୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଇଥିବା କରୋନା ପରୀକ୍ଷାରେ ପ୍ରାୟ ୪୦ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବାରୁ ପ୍ରଶାସନ କୋଭିଡ ନିୟମ ମାନିବାକୁ ସଚେତନ କରାଉଛି। ଏପରିସ୍ଥଳେ ଅମାନିଆମାନେ ଏହାକୁ ବେଖାତିର କରି ଚାଲିଥିବା ଦେଖିବାକୁ ମିଳିଛି। ତୁରନ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।



କଟକ ପୁରୀଘାଟସ୍ଥିତ ଦେବୀଗଡ଼ା କାଠଯୋଡ଼ି ନଦୀକୁ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ଶୁକ୍ରବାର ବିସର୍ଜନ ପାଇଁ ନିଆଯାଉଛି।

# ୧୨ ହୋଟେଲରେ ରହିପାରିବେ ବାହାର ରାଜ୍ୟ ଫେରନ୍ତା

**କଟକ ଅଫିସ,୨୩।୪**

### କଟକରେ ପେଡ୍ କ୍ୱାରାଣ୍ଟାଇନ ବ୍ୟବସ୍ଥା

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କଟକ ସହରରେ ପେଡ୍ କ୍ୱାରାଣ୍ଟାଇନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ବାହାର ରାଜ୍ୟରୁ ଆସୁଥବା ଲୋକମାନେ ଗୃହ ସଙ୍ଗରୋଧରେ ରହିବା ପାଇଁ ବ୍ୟବସ୍ଥା ନ ଥିଲେ ବର୍ତ୍ତମାନ ଦେୟ ଦେଇ ବିଭିନ୍ନ ହୋଟେଲ ଏବଂ ଲଜ୍‌ରେ ସଙ୍ଗରୋଧରେ ରହିପାରିବେ। ବକ୍ସିବଜାରସ୍ଥିତ ସ୍ୱାଗତ ହୋଟେଲ, ପାନ୍ଥନିବାସ, ବାଦାମବାଡିର ବିଶାଲ ଇନ, କଲେଜଛକର ଅଶୋକା, ମହତାବ ରୋଡର ଶ୍ରୀଜଗନ୍ନାଥ ହୋଟେଲ, ଦୋଳମୁଣ୍ଡାଇର ସାଗର ଶ୍ରୀ, ଜଗତ୍‌ପୁରର ଏଡିଆଇଏସଏଚ୍, ସନ୍‌ଶାଇନ୍ ଫିଲ୍ଡର ବ୍ଲୁଲାଗୁନ, ଗଣ୍ଡରପୁରର ମୟୁର ହୋଟେଲରେ ବାହରୁ ଆସୁଥିବା ଲୋକମାନେ ସଙ୍ଗରୋଧରେ ରହିବା ପାଇଁ ସୁବିଧା ପାଇପାରିବେ। ଶିଖରପୁରର ନ୍ୟୁ ଜସ୍ମିନ, ପାଲାମଣ୍ଡପର ଗ୍ରାଣ୍ଡ ରେସିଡେନ୍ସି ଏବଂ ଚହଟାସ୍ଥିତ ପ୍ରମୋଦ ରିସୋର୍ଟରେ ଲୋକମାନେ ରହିବା ସହ ଖାଦ୍ୟ ବ୍ୟବସ୍ଥା କରାଯାଇଛି । ସର୍ବନିମ୍ନ ୫୦୦ ଟଙ୍କାରୁ ଆରମ୍ଭକରି ୬୦୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେଇ ଉକ୍ତ ହୋଟେଲଗୁଡିକରେ ରହି ପାରିବେ। କୌଣସି ହୋଟେଲ ଏହି ପେଡ୍ କ୍ୱାରାଣ୍ଟାଇନ ବ୍ୟବସ୍ଥା ଆରମ୍ଭ କରିବାକୁ ଚାହୁଁଛନ୍ତି ତେବେ ୭୦୭୭୭୭୫୫୫୫ ନଂ.ରେ ଯୋଗଯୋଗ କରିବାକୁ ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବବୁଲ



@ ଅଭିନାଶ



@ ସଞ୍ଜିତ୍



@ ଅଜୟ



@ ସାଗର



@ ଜଗନ୍ନାଥ

# ୮ ଅଞ୍ଚଳ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଖୋର୍ଦ୍ଧା ଅଫିସ,୨୩।୪**

ଖୋର୍ଦ୍ଧା ଉପଖଣ୍ଡରେ ୨୩୮ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୩୪ଜଣ ସୁସ୍ଥ ହୋଇଛନ୍ତି। ୨୦୪ଜଣ ସକ୍ରିୟ ରହିଛନ୍ତି। ୧୯୪ ହୋମ ଆଇସୋଲେଶନ ଏବଂ ୧୦ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଖୋର୍ଦ୍ଧା ଉପଖଣ୍ଡର ୮ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଶୁକ୍ରବାରଠାରୁ ୨୯ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ କଣ୍ଟେନମେଣ୍ଟ ବଳବତ୍ତର ରହିବ। ଖୋର୍ଦ୍ଧା ବ୍ଲକ ତୋଟାପଡା ପଞ୍ଚାୟତର ପଲା, କେରଙ୍ଗ ପଞ୍ଚାୟତର କେରଙ୍ଗ, ଚିଲିକା ବ୍ଲକ ବଉଳବନ୍ଧ ପଞ୍ଚାୟତର ବଉଳବନ୍ଧ, ସିଂଘେଶ୍ୱର ପଞ୍ଚାୟତର ଦୁଆଲୋ ଓ ଲମ୍ବୋଦରପୁର, ବୋଲଗଡ଼ ବ୍ଲକ ବୋଲଗଡ଼ ପଞ୍ଚାୟତର ତୃତୀୟପଡା ଓ ଅରକ୍ଷାପଲ୍ଲୀ, ଖୋର୍ଦ୍ଧା ପୌରାଞ୍ଚଳର ୧୧ନଂ. ୱାର୍ଡ ମଙ୍ଗଳାନଗରର ୫ଟି ପରିବାର ରହୁଥିବା ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

# ହରିଣ ପାର୍କ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**କଟକ ଅଫିସ,୨୩।୪**

ହରିଣ ପାର୍କ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଏବଂ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି, ୧୯୮୧ ମସିହାରେ କଟକ ତୁଳସୀପୁରଠାରେ ଉକ୍ତ ପାର୍କ ନିର୍ମାଣ କରାଯାଇଥିଲା। ସହର ମଧ୍ୟରେ ଏହା ଏକମାତ୍ର ଆମୋଦଦାୟକ ପ୍ରାଣୀ ଉଦ୍ୟାନ। ବର୍ତ୍ତମାନ ରାସ୍ତା ପ୍ରସସ୍ତୀକରଣ ତଥା ସହରର ସୌନ୍ଦର୍ଯ୍ୟକରଣ ପାଇଁ ଉକ୍ତ ପାର୍କ ଚନ୍ଦକା ନିକଟକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ଭାଜପା ଯୁବମୋର୍ଚ୍ଚା ବିରୋଧ କରିଛି। କଟକବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ଏହି ପାର୍କକୁ ସହର କିମ୍ବା ସହର ଉପକଣ୍ଠରେ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରି ସ୍ଥାନାନ୍ତର ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। କଟକ ସହରର ଉନ୍ନତିକରଣ ନାଁରେ କିଛି ବର୍ଷ ହେବ ଅନେକ ସରକାରୀ କଲେଜ, ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯିବା ସହିତ ଐତିହ୍ୟପୂର୍ଣ୍ଣ ସ୍ଥାନକୁ ନଷ୍ଟ କରି କଟକକୁ ଶ୍ରୀହୀନ କରିବା ପାଇଁ ଚକ୍ରାନ୍ତ କରାଯାଉଛି। ଯଦି ଏହାକୁ ରୋକା ନ ଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସ୍ମୃତି ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ସଞ୍ଜୀବ ଚିନାରା, ସଞ୍ଜୟ ଜେନା, ଅନ୍ନଦା ଦାସ, ସୁବାସ ମହାନ୍ତି, ନରେନ କୁମାର ଭରଦ୍ୱାଜ, ସତ୍ୟଜିତ୍ ବାରିକ, ଶୋଭନ ମଲ୍ଲିକ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ । ହରିଣ ପାର୍କ ଚନ୍ଦକା ସ୍ଥାନାନ୍ତର ନ କରି କଟକ ସହର ମଧ୍ୟରେ ନୂତନ ଜାଗା ଚିହ୍ନଟ କରି ଥଇଥାନ କରିବା ପାଇଁ ହୀନ୍ଦୁସେନା ପକ୍ଷରୁ ଦାବି ହୋଇଛି। ଏନେଇ ହିନ୍ଦୁ ସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦେବାଶିଷ ରାଉତ, ଆଶିଷ ମହାପାତ୍ର, ଅଭିଷେକ ଜେନା, ଦିବାକର ନାୟକ, ହରିଚନ୍ଦନ ନାୟକ, ଦୀପକ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।

# ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା ଆଜି

### ଅପରାହ୍ନ ୧ଟାରେ ରଥଟଣା

**ପୁରୁଣା ଭୁବନେଶ୍ୱର,୨୩।୪(ଡ.ଏନ୍.ଏ.)**

ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ା ଯାତ୍ରା। ୫ଦିନିଆ ରୁକୁଣା ରଥଯାତ୍ରା ସାରି ସ୍ୱମନ୍ଦିର ବାହୁଡ଼ିବେ ଶ୍ରୀଜୀଉ। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗୋଟିଏ ଦିନରେ ରଥ ମନ୍ଦିରଠାରେ ପହଞ୍ଚିବା ପାଇଁ ସ୍ଥିର ହୋଇଛି। ଗୋଟିଏ ଦିନରେ ରଥ ଖଳାରେ ରଥ ପହଞ୍ଚିଲେ, ପୂଜା ପଦ୍ଧତି ଅନୁଯାୟୀ ରଥରେ ଠାକୁର ଆଉ ବିରାଜମାନ ହୋଇପାରିବେ ନାହିଁ। ପହଣ୍ଡିରେ ଶ୍ରୀଜୀଉଙ୍କୁ କୋଭିଡ୍ କଟକଣା ମଧ୍ୟରେ ପ୍ରବେଶ କରାଯିବ ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ଶଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଅପରାହ୍ନ ୧ଟାରେ ରଥଟଣା ଆରମ୍ଭ ହେବ। ସ୍ୱର୍ଣ୍ଣାଦ୍ରି ବିଜେରେ ଆଉ ଶୋଭାଯାତ୍ରା ନ ହୋଇ ରୀତିନୀତି ଅନୁଯାୟୀ ଠାକୁର ମନ୍ଦିର ପ୍ରବେଶ କରିବା ନେଇ ସ୍ଥିର ହୋଇଛି ବୋଲି ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି। ରଥ ଦାଣ୍ଡରେ ୧୪୪ଧାରା ବଳବତ୍ତର ରହିବ। ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ରଥଖଳାରେ ରଥ ପହଞ୍ଚିବା ପର୍ଯ୍ୟନ୍ତ ରଥଯାତ୍ରାରେ ମୁତୟନ ହୋଇଥିବା ପୋଲିସ ଫୋର୍ସ ଅପେକ୍ଷା କମ୍ ଫୋର୍ସ ମୁତୟନ ହେବେ ବୋଲି ଲିଙ୍ଗରାଜ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

| ନୀତି | ସମୟ |
|---|---|
| ମଙ୍ଗଳ ଆଳତି ଓ ଅବକାଶ | ସକାଳ ୬ଟା ୩୦ |
| ରୋଷ ହୋମ ଓ ପାକ କାର୍ଯ୍ୟ | ସକାଳ ୮ଟା ୩୦ |
| ସାହାଣମେଲା ଦର୍ଶନ | ସକାଳ ୬ଟା ୩୦ରୁ ୮ଟା |
| ମହାସ୍ନାନ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା | ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା |
| ଶ୍ରୀଜୀଉଙ୍କ ବଲ୍ଲଭ, ଶ୍ରୀ ଭୁବନେଶ୍ୱରୀଙ୍କ ବଲ୍ଲଭ ଓ ଶ୍ରୀଜୀଉଙ୍କ ସକାଳ ଧୂପ | ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା |
| ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ | ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା |
| ଭୋଗ ମଣ୍ଡପ | ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା |
| ଅଧର ପଣା ପୂଜା | ମଧ୍ୟାହ୍ନ ୧୨ଟା ମଧ୍ୟେ |
| ପହଣ୍ଡି | ମଧ୍ୟାହ୍ନ ୧୨ଟାର ୧୨ଟା ୩୦ |
| ରଥ ଟଣା ଆରମ୍ଭ | ଅପରାହ୍ନ ୧ଟା |

# ଡାକଘରେ ବିଦାୟକାଳୀନ ଭୋଜି ବନ୍ଦକଲା ପୋଲିସ

**ସାଲେପୁର, ୨୩।୪(ଡି.ଏନ୍.ଏ.)**

### ୩ହଜାର ଜରିମାନା ଆଦାୟ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବିବାହ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ସରକାର କଟକଣା ଜାରି କରି ସୀମିତ ଲୋକଙ୍କ ମଧ୍ୟରେ ଭୋଜି କରିବାକୁ ଅନୁମତି ଦେଇଛନ୍ତି। ମାତ୍ର ସାଲେପୁର ଉପଡାକଘରେ ଜଣେ କର୍ମଚାରୀଙ୍କ ବଦଳି ଉପଲକ୍ଷେ ଗୁରୁବାର ବିଦାୟ କାଳୀନ ଭୋଜି ଆୟୋଜନ କରାଯାଇଥିଲା। ଏଥିରେ ଶତାଧିକ ଡାକ କର୍ମଚାରୀ ଯୋଗଦେଇ କୋଭିଡ୍ ନିୟମକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ଏହି ଉପଡାକଘରେ ଇନ୍ସପେକ୍ଟର ଦାୟିତ୍ୱରେ କାର୍ଯ୍ୟରତ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ତାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ନିମନ୍ତେ କାର୍ଯ୍ୟାଳୟ ପରିସରରେ ଭୋଜିର ଆୟୋଜନ କରାଯାଇଥିଲା। କୌଣସି ସୂତ୍ରରୁ ଖବରପାଇ ସାଲେପୁର ତହସିଲ ପ୍ରଶାସନ ଓ ପୋଲିସ ସେଠାରେ ପହଞ୍ଚି ଭୋଜି ବନ୍ଦ କରିବା ସହ ଜରିମାନା ବାବଦରେ ଆୟୋଜକଙ୍କଠାରୁ ୩ ହଜାର ଟଙ୍କା ଆଦାୟ କରିଛି। ଏ ସମ୍ପର୍କରେ କଟକ ସିଟି ଡିଭିଜନ୍‌ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଦେବୀପ୍ରସାଦ ଦାଶ କହିଛନ୍ତି,ସେ ଛୁଟିରେ ଅଛନ୍ତି। ଯଦି ଏଭଳି ଘଟଣା ଘଟିଥାଏ, ତେବେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିଜୟରୁ ସିଜନ ଆରମ୍ଭ କଲେ ହାଲେପ୍

**ଷ୍ଟଟଗାର୍ଟ(ଜର୍ମାନୀ),୨୩।୪**

ମାର୍କେଟା ଭୋନ୍ଦ୍ରୋସେଭୋଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ରୋମାନିଆର ସିମୋନା ହାଲେପ୍ ପୋର୍ଶେ ଗ୍ରାଁପ୍ରି ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ସହ ଇଞ୍ଜୁରିରୁ ଫେରିଥିବା ହାଲେପ୍ ତାଙ୍କ କ୍ଲେକୋର୍ଟ ସିଜନ ଆରମ୍ଭ କରିଛନ୍ତି। କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ରୋମାନିଆର ଏହି ତୃତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ପ୍ରଥମ ଥର ଟେନିସ କୋର୍ଟକୁ ଫେରିଛନ୍ତି। ଫେବୃୟାରୀରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲରେ ସେରେନା ୱିଲିୟମ୍ସଙ୍କଠାରୁ ସିଧାସଳଖ ସେଟ୍‌ରେ ପରାସ୍ତ ହେବା ପରେ ଏହା ହେଉଛି ତାଙ୍କର ଦ୍ୱିତୀୟ ମ୍ୟାଚ। ହାଲେପ୍ କ୍ୱାର୍ଟରଫାଇନାଲରେ ରୁଷିଆର ଏକାଟରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କ ସହ ମୁକାବିଲା କରିବେ। ଆଲେକ୍‌ଜାଣ୍ଡ୍ରୋଭା ୮ମ ସିଡ୍ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ୬-୧, ୭-୫ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଏଲିନା ସ୍ୱିତୋଲିନା ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଆଞ୍ଜେଲିକ୍ କର୍ବରଙ୍କୁ ୭-୬ (୪), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚରେ କରୋଲିନା ପ୍ଲିସ୍‌କୋଭା ଫ୍ରେଞ୍ଚ ଓପନ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋଙ୍କୁ ୬-୭ (୭), ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଆସ୍‌ଲେ ବାର୍ଟିଙ୍କୁ ଭେଟିବେ।



ସିମୋନା ହାଲେପ୍

# ସଚିନ ଜିତିଲେ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୩।୪ (ପି.ଟି.)**

ପୋଲାଣ୍ଡର କିଲ୍‌ସିଠାରେ ଚାଲିଥିବା ୱାର୍ଲ୍ଡ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ଶୁକ୍ରବାର ଏହାର ୮ମ ସ୍ୱର୍ଣ୍ଣ ଜିତିଛି। ସଚିନ ସିୱାଚ ୫୬କେଜି ଶ୍ରେଣୀରେ ଏହି ପଦକ ହାସଲ କରିଛନ୍ତି। ଫାଇନାଲରେ ସେ କାଜାଖସ୍ତାନର ୟେରବୋଲାଟ ସାବିରଙ୍କୁ ୪-୧ରେ ପରାସ୍ତ କରିଛନ୍ତି। ଗୁରୁବାର ଭାରତର ମହିଳା ବକ୍ସରମାନେ ୭ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**ୱାର୍ଲ୍ଡ ୟୁଥ୍ ବକ୍ସିଂ**

ସେମାନେ ହେଲେ ଗୀତିକା (୪୮କେଜି), ବେବିରୋଜିସାନା ଚାନୁ(୫୧କେଜି), ପୁନମ (୫୭କେଜି), ଭିନ୍‌କା (୬୦କେଜି), ଅରୁନ୍ଧତି ଚୌଧାରୀ (୬୯କେଜି), ଅଲଫିୟା ପଠାନ (୮୧+କେଜି) ଓ ଥୋଖୋମ୍ ସାନାମାଚୁ ଚାନୁ (୭୫କେଜି)। ଫଳରେ ଟୁର୍ନାମେଣ୍ଟରେ ମୋଟ ୧୧ ପଦକ (୮ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ) ସହ ଭାରତ ଓଭରଅଲ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଇଭେଣ୍ଟର ୨୦୧୮ ସଂସ୍କରଣରେ ଭାରତ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ ବୋଞ୍ଜ ପଦକ ହାସଲ କରିଥିଲା।



ସ୍ୱର୍ଣ୍ଣ ପଦକ ସହ ସଚିନ ସିୱାଚ।

# ବାଂଲାଦେଶର ବିଶାଳ ସ୍କୋର

**କାଣ୍ଡି,୨୩।୪**

ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶ ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରି ଇନିଂସ ଘୋଷଣା କରିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୭୩ ଓଭରରେ ୭ ଉଇକେଟ ହରାଇ ୫୪୧ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଛି। ଜବାବରେ ବ୍ୟାଟଂ ଆରମ୍ଭ କରି ଶ୍ରୀଲଙ୍କା ପ୍ରଥମ ଇନିଂସରେ ୭୩ ଓଭରରେ ୩ ଉଇକେଟ ହରାଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୨୯ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ହାତରେ ରଖି ଶ୍ରୀଲଙ୍କା ଏବେ ୩୧୨ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ତଥା ଦିମୁଥ କରୁଣାରତ୍ନେ ୮୫ ଓ ଧନଞ୍ଜୟ ଡି' ସିଲ୍‌ଭା ୨୬ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଥିରିମାନେ ୫୮, ଓଶୋଡା ଫର୍ନାଣ୍ଡୋ ୨୦, ଆଞ୍ଜେଲୋ ମାଥ୍ୟୁସ ୨୫ ରନକରି ଆଉଟ ହୋଇଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୭୪/୪ରୁ ବାଂଲାଦେଶ ଖେଳ ଆରମ୍ଭ କରି ଇନିଂସ ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିବ ୪୩ ରନରୁ ଖେଳ ଆରମ୍ଭ କରି ୬୮ ରନ କରି ଅପରାଜିତ ରହିଥିଲେ। ସେହିପରି ୨୫ ରନରୁ ଖେଳ ଆରମ୍ଭ କରି ଲିଟନ ଦାସ ୫୦ ରନକରି ଆଉଟ ହୋଇଥିଲେ। ପୂର୍ବରୁ ଓପନର ତାମିମ ଇକ୍‌ବାଲ ୯୦, ନାଜମୁଲ ହୋସେନ ସାଣ୍ଟୋ ୧୬୩, ଅଧିନାୟକ ମୋମିନୁଲ ହକ୍ ୧୨୭ ରନର ଶତକୀୟ ପାଳି ଖେଳିଥିଲେ। ଶ୍ରୀଲଙ୍କା ତରଫରୁ ବିଶ୍ୱ ଫର୍ନାଣ୍ଡୋ ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧଶତକ ହାସଲକାରୀ ଲାହିରୁ ଥିରିମାନେ

**ସଂକ୍ଷିପ୍ତ ସ୍କୋର:**

ବାଂଲାଦେଶ ପ୍ରଥମ ଇନିଂସ: ୧୭୩ ଓଭରରେ ୫୪୧/୭ (ନାଜମୁଲ- ୧୬୩, ମୋମିନୁଲ- ୧୨୭, ତାମିମ- ୯୦, ମୁସ୍‌ଫିକର- ୬୮*, ଲିଟନ- ୫୦, ଫର୍ନାଣ୍ଡୋ- ୪/୯୬)। ଶ୍ରୀଲଙ୍କା ପ୍ରଥମ ଇନିଂସ : ୭୩ ଓଭରରେ ୨୨୯/୩ (କରୁଣାରତ୍ନେ- ୮୫*, ଥିରିମାନେ- ୫୮, ଡି ସିଲ୍‌ଭା- ୨୬*, ମାଥ୍ୟୁସ- ୨୫, ଓଶୋଡା ଫର୍ନାଣ୍ଡୋ- ୨୦, ତାସ୍କିନ- ୧/୩୫, ମିରାଜ- ୧/୬୦, ତାଇଜୁଲ- ୧/ ୫୬)।

# ଦ୍ୱିତୀୟ ଟି୨୦: ପାକିସ୍ତାନକୁ ହରାଇଲା ଜିମ୍ବାୱେ



ବାବର ଆଜମଙ୍କୁ ରନ୍ ଆଉଟ କରୁଛନ୍ତି ରେଗିସ ଚକଭା।

**ହାରାରେ,୨୩।୪:** ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଲୋ-ସ୍କୋରିଂ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଜିମ୍ବାୱେ ଭ୍ରମଣକାରୀ ପାକିସ୍ତାନକୁ ୧୯ ରନରେ ପରାସ୍ତ କରିଛି। ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୨୦ ଓଭରରେ ୯ ଉଇକେଟରେ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୧୯.୫ ଓଭରରେ ୯୯ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ୨୬ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ଲୁକ୍ ଜଙ୍ଗୱେ ୧୮ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୧୯ ରନ ଛୋଟିଆ ଟାର୍ଗେଟର ପିଛା କରି ପାକିସ୍ତାନ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଅଧିନାୟକ ବାବର ଆଜମ ସର୍ବାଧିକ ୪୧, ଡାନିସ ଅଜିଜ ୨୨, ମହମ୍ମଦ ରିଜ୍‌ୱାନ ୧୩ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ୩ଜଣ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଜିମ୍ବାୱେ ତରଫରୁ ଜଙ୍ଗୱେ ସର୍ବାଧିକ ୪, ରିଆନ ବୁର୍ଲ ୨, ବ୍ଲେସିଂ ମୁଜାରବାନି ଓ ରିଚାର୍ଡ ଏନ୍‌ଗାରଭା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଦଳ ତରଫରୁ ଓପନର ଟିନାସ କାମୁନହୁକାମୱେ ସର୍ବାଧିକ ୩୪, ଟାଡିୱାନାଶେ ମାରୁମାନୀ ୧୩, ୱେସଲି ମାଧଭେରେ ୧୬, ଉଇକେଟକିପର ବ୍ୟାଟ୍ସମ୍ୟାନ ରେଗିସ ଚକଭା ୧୮, ତାରିସାଇ ମୁସାକାଣ୍ଡା ୧୩ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ମହମ୍ମଦ ହାସନେନ ଓ ଡାନିଶ ଅଜିଜ ୨ ଲେଖାଏ, ଫହିମ ଆଶ୍ରଫ, ଅର୍ଶାଦ ଇକ୍‌ବାଲ, ହାରିସ ରୌଫ, ଉସ୍‌ମାନ କାଦିର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ୨୦ ଓଭରରେ ୧୧୮/୯ (ଟିନାସ- ୩୪, ମାରୁମାନି- ୧୩, ମାଧଭେରେ- ୧୬, ଚକଭା- ୧୮, ମୁସାକାଣ୍ଡା- ୧୩, ହାସନେନ- ୨/୧୯, ଡାନିସ- ୨/୨୯)।

ପାକିସ୍ତାନ ୧୯.୫ ଓଭରରେ ୯୯ (ବାବର- ୪୧, ଅଜିଜ- ୨୨, ରିଜ୍‌ୱାନ- ୧୩, ଜଙ୍ଗୱେ- ୪/୧୮, ରିଆନ ବୁର୍ଲ- ୨/୨୧)।

# ବେଙ୍ଗାଲୁରୁ ଏଫ୍‌ସିର ପ୍ଲେ-ଅଫ୍ ସ୍ଥଗିତ

**ନୂଆଦିଲ୍ଲୀ, ୨୩।୪ (ପି.ଟି.)**

କୋଭିଡ୍ ଯୋଗୁ ଏପ୍ରିଲ ୨୮ରେ ଖେଳାଯିବାକୁ ଥିବା ବେଙ୍ଗାଲୁରୁ ଏଫ୍‌ସି (ବିଏଫ୍‌ସି) ଦଳର ଏଏଫ୍‌ସି କପ୍ ପ୍ଲେ-ଅଫ୍ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ୨୦୧୬ ରନର୍ସଅପ୍ ବିଏଫ୍‌ସି ୬ଥର ବାଂଲାଦେଶ ଲିଗ୍ ଚାମ୍ପିୟନ ଆବାହନି ଓ ମାଳଦ୍ୱୀପ ଇଗଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା ସହ ଖେଳିବ। ଆବାହନି ବନାମ ଇଗଲ୍ସ ମ୍ୟାଚ ଏପ୍ରିଲ ୧୪ରେ ଢାକାସ୍ଥିତ ବଙ୍ଗବନ୍ଧୁ ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ମହାମାରୀ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ୍ ଲାଗୁ କରାଯାଇଥିବାରୁ ଏହି ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା। ଅନ୍ୟପକ୍ଷରେ ପ୍ଲେ-ଅଫ୍ ମ୍ୟାଚ କାଠମାଣ୍ଡୁରେ ଏପ୍ରିଲ ୨୧ ତାରିଖରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଯାତାୟାତ କଟକଣା ଯୋଗୁ ତାହାକୁ ମଧ୍ୟ ସସ୍‌ପେଣ୍ଡ କରାଯାଇଥିଲା।


**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751002, Odisha Ph.- (0674)2562151, Fax-2561879, E-mail: imagebbsr@rediffmail.com

**Expression of Interest for empanelment of Agencies for Documentation and Preparation of Video CDs at State Level**

**CORRIGENDUM**

No. CAD-163:- In Continuation to this office EoI call notice No. 1462 dt. 05.04.2021 towards empanelment of Agencies for Documentation and Preparation of Video CDs at State Level, the following changes are hereby made to the EoI call notice by virtue of this corrigendum.

1. Period of empanelment with the selected agencies shall be for two years. On satisfactory performance and with mutual consent, the empanelent period may be extended for another one year.
2. The bidder should have valid GSTIN & PAN and have cleared of all dues regarding Service Tax/GST and Income Tax up to 31st March, 2020.
3. Various crucial dates and times relating to the EoI call notice have been extended as follows:-
   (i) Submission of EoI document- 10.05.2021 at 14.00 hours.
   (ii) Initial screening - 10.05.2021 at 16.00 hours.
   (iii) Evaluation of EoI proposal- 18.05.2021 at 11.00 hours.

**Sd./- Director, IMAGE**
OIPR-28009/11/0003/2122



**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com
CIN No.: U40101OR1995SGC003963

No. OHPC:TECH:C&P:40/2014-15/2859 Dated: 19.04.2021

**INVITATION OF BID FOR EXPRESSION OF INTEREST**

No. CAD-173: Odisha Hydro Power Corporation Ltd (OHPC), a Gold rated State Govt. of Odisha PSU having its Corporate Office at Bhubaneswar invites Expression of Interest (EOI) from interested Cost Accounting Firms for **"Appointment/ Empanelment of Cost Accountant firms for Cost Audit and Preparation of Cost Accounting records in OHPC for the FY 2021-22 to 2023-24".**
**For details related to the eligibility criteria, scope of the work etc. please visit our website www.ohpcltd.com w.e.f.27.04.2021.**

**General Manager (C&P)**
OIPR-04012/11/0003/2122



**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Off.: ODISHA STATE POLICE HOUSING & WELFARE CORPORATION
BUILDING VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Ph. -0674-2542983,2542802,2545526, Fax-2542102
E-Mail:ohpc.co@gmail.com
CIN No.U40101OR1995SGC003963

No.OHPC:Tech:C&P:40/2014-15/ 2854 Dated :19.04.2021

**INVITATION OF BID FOR EXPRESSION OF INTEREST**

No.CAD-167:- Odisha Hydro Power Corporation Ltd (OHPC), a Gold rated State Govt. of Odisha PSU having its Corporate Office at Bhubaneswar invites Expression of Interest (EOI) from interested Chartered Accountant /Cost Accountant Firms for "Appointment/Empanelment of Chartered Accountant/Cost Accountant firms for Internal Audit, Stock Audit, Physical Verification of fixed asset and any other assignment".
For details related to the eligibility criteria, scope of the work etc. please visit our website www.ohpcltd.com w.e.f. 27.04.2021.

**General Manager (C&P)**
OIPR-04012/11/0002/2122



**ଓଡ଼ିଶା କୃଷି ଶିଳ୍ପ ନିଗମ**
**The Odisha Agro Industries Corporation Ltd.**
(A Govt. of Odisha Undertaking)
Regd. H.O.: 95, Satyanagar, Bhubaneswar-751007
Tel.: (0674) 2570687, EPBX: 2570654, Fax: 2570313,
Email: oaicho@orissaagro.com

Ref No.2212 Date.23.04.2021

**Cancellation of Tender Call Notice for 2021-22**

No. CAD-169:- The Tender Call Notice No. 1997 dated.12.04.2021 for supply of Insecticides, Herbicides, Fungicides, Bio- Insecticides, Bio-Fungicides Plant Growth Regulators, Micronutrients, Bio-Fertilizers, Organic Fertilizers, Trap & Lures for the year 2021-22 is hereby cancelled due to pandemic situation of COVID-19.

**Sd./- Managing Director**
**Odisha Agro Industries Corporation Limited**
**Bhubaneswar**
OIPR-01047/11/0004/2122



No. A-66

**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI BARRAGE DIVISION, CUTTACK**
Phone No. 0671-2440118, Email: eembarragedivnctc@gmail.com

**'e'-procurement Notice No.:- 01/2021-22**

| | | | |
|---|---|---|---|
| 1. | Name of work | : | "Flood Control, Restoration, Canal Critical & 3054 Roads". |
| 2. | Taotal No. of works | : | 22 (Twenty two) Nos. of works. |
| 3. | Tender Cost | : | Vaires frm Rs.10.47 lakhs to 59.30 lakhs. |
| 4. | Mode of Payment of EMD (Bid Security) & Bid Cost | : | Bid cost & EMD (Letter No. - 8943/F dated 18.03.2021) as mentioned in DTCN/NIT. |
| 5. | Period of completion | : | 06 (Six) Calendar Months. |
| 6. | Other details as follows | : | |
| (i) | Procurement Officer | : | Executive Engineer, Mahanadi Barrage Division, Cuttack. |
| (ii) | Availability of Tender online for Bidding | : | 26.04.2021 from 10.00 A.M. to 10.05.2021 upto 5.00 P.M. |
| (iii) | Date, Time & Venue of opening of Bid through Online | : | For Single Cover Dtd.11.05.2021 - 11.30 A.M. both Technical Bid & Financial Bid for Double Cover Dtd.11.05.2021-11.30 A.M. for Technical Bid & Dtd. 13.05.2021-11.30 A.M. for Financial Bid in the Office of the Executive Engineer, Mahanadi Barrage Division, Cuttack |
| (iv) | Date of Transparent Lottery to be Conducted (if required) | : | On 19.05.2021 at 11.30 A.M. in the office Chamber of the Executive Engineer, Mahanadi Barrage Division, Gandarpur, Cuttack. (Bidders shall furnish their present e-mail id, address and Telephone No. for furhter correspondence) |

Further details can be seen from the Govt. website www.tendersodisha.gov.in

**Executive Enginner, Mahanadi Barrage Divsion, Cuttack**
OIPR-32165/11/0001/2122



**ZILLA SWASTHYA SAMITI, KANDHAMAL**
OFFICE OF THE CDM&PHO-cum-District Mission Director, NHM, Kandhamal, Odisha, 762001

Tender No. 5070/NHM/21 Dt. 22.04.2021

**TENDER CALL NOTICE**

No. E-50:- Sealed tenders are invited from the interested eligible bidders for supply of different logistic material for Covid Care Centre of Kandhamal District. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 PM of 30.04.2021** through Regd./Speed post/ Courier and the same will be opened on the same day at **04.00 PM.** The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District Mission Director Kandhamal**
OIPR-10015/11/0001/2122



B-37

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) CIRLCE, PHULBANI**
Phone:- 06842 254004 | E-mail ID: sernbphulbani@gmail.com

**INVITATION FOR BIDS (IFB)**
**Bid Identification No. SE-(R&B)-PLB-02/2021-22**

No. 590 Dated: 13.04.2021

| | | | |
|---|---|---|---|
| 1 | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of Road Works detailed in the table below from eligible contractors. | | |
| 2 | Nature of Work | :- | Road work |
| 3 | No. of tenders | :- | 1 No. of Road Work |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | Special Class & Super Class |
| 6 | Date & Time of sale & receipt of bids | :- | 10.00 AM of 28.04.2021 to 5.00 PM of 07.05.2021 |
| 7 | Date of Opening of bid | :- | 11.00 AM of 10.05.2021 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Superintending Engineer, Phulbani (R&B) Circle, Phulbani**
OIPR-34129/11/0002/2122



**OFFICE OF THE CHIEF CONSERVATOR OF FORESTS, (KL), CUTTACK CIRCLE**
C.B.-8, Cantonment Road, Cuttck - 1
Telefax No. 0671-2306496, e-mail: ccfctc.kl@gmail.com

**SELECTION FOR RE-EMPLOYMENT/RE-ENGAGEMENT OF RETIRED EMPLOYEES OF FOREST DEPARTMENT FOR THE FOLLOWING CATEGORY/CADRE OF POST**

No. MM-15: Applications are invited from the intending eligible retired employees of Forest Department for re-employment/ re-engagement in different vacant posts of ACF, Dy. Ranger, Forester, Senior Clerk, Junior Clerk/Jr. Typist, Jr. Accountants in KL Circle Office, Cuttack and different divisions of Cuttack (KL) Circle during 2021-22 as per requirement decided by the Principal C.C.F. (KL) Odisha. The application form (Bio-data) complete in all respect is required to be adderssed to the Chief Conservator of Forest, Cuttack (KL) Circle, C.B.-8, Cantonment Road, Cuttack - 1.
The last date of receipt of the application form is Dt.10.05.2021 by Registeed Post or Speed Post from retired forestry personnel. Re-engagement will be followed strictly with due procedure as contained in General Administration Department, Govt. of Odisha Resolution No. 23750-GAD-SC-REMP-0002/20104/ Gen., Dt.27.08.2014 & Finance Department, Govt. of Odisha O.M. No. Pen 73/18-7022/Finance Deptt. Dt.17.03.2018 and other relevant guidelines. Retired persons who have retired from Govt. Service and are below the age of sixty five years having good service records and are physically fit shall be eligible for re-employment. Further, persons against whom departmental proceedings or criminal cases are contemplated/ pending or who have been penalized for misconduct during the period of preceding five years will not be eligible for consideration. Retired persons of any wing of Forest Deptt. with equivalent rank can attend the walk-in-interview along with Bio-data, Service History, two passport size photo, copy of PPO, Identity proof & age proof.

**WALK-IN-INTERVIEW**

| Date & Time | Place of Interview |
|---|---|
| Dt.12.05.2021 at 11.00 A.M. | Office of the Chief Conservator of Forests, Cuttack (KL) Circle, C.B.-8, Cantonment Road, Cuttack - 1 |

No TA & DA will be paid to the candidates.

**Sd./- Chief Conservator of Forest (KL) Cuttack Circle**
OIPR-08024/11/0001/2122



**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
idco Your power to grow | ODISHA NEW OPPORTUNITIES | No. CAD-171
**Quotation Call Notice No. Dt.7280 & 7286 Dt.22.04.2021**

**QUOTATION CALL NOTICE | E-Procurement**

| Sl No. | Name of the Work | Procurement Officer | Bid Identification No. | Period of Completion | Value of work (Approx.) | Availabily of Tender on-Line for Bidding | |
|---|---|---|---|---|---|---|---|
| 1. | Supply of M.S. Racks to OAT Office Building, Cuttack | CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil-EST-03/2020-21 | 01 (One) Calendar Month | Rs.84.70 lakhs | 18.00 Hours of 27.04.21 | 17.00 Hours of 04.05.21 |
| 2. | Supply of Godrej Make Optimizer at OAT Office Building, Cuttack | | Bid ID No. Civil-EST- 04/2020-21 | 03 (Three) Calendar Months | Rs.108.70 lakhs | 18.00 Hours of 29.04.21 | 15.00 Hours of 13.05.21 |

Further details can be seen from the e-procurement porta www.tendersodisha.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
OIPR-14003/11/0005/2122 **Chief General Manager (Civil), IDCO, Bhubaneswar**

**ବ୍ରିଟେନର କଣ୍ଟ୍ରି କ୍ଲବ୍‌କୁ କିଣିଲେ ମୁକେଶ**

ବିଲିୟନେୟାର ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ବ୍ରିଟେନର କଣ୍ଟ୍ରି କ୍ଲବ ଏବଂ ଲକଜ୍ୟୁରି ଗଲ୍ଫ ରିସର୍ଟ, ଷ୍ଟୋକ ପାର୍କକୁ କିଣିଥିବା ଜଣାପଡିଛି। ଏଥିଲାଗି ୮୭ ନିୟୁତ ପାଉଣ୍ଡ(୫୯୨ କୋଟି) ଟଙ୍କାର ଡିଲ୍ ହୋଇଛି। ଏହା ରିଲାଏନ୍ସର ନୂଆ ଅଧିଗ୍ରହଣ। ଏହା ପୂର୍ବରୁ କମ୍ପାନୀ ଓବରେଇ ହୋଟେଲ୍ସରେ ମଧ ଅଂଶଧନ ହାସଲ କରିଛି। ଗତ ୪ ବର୍ଷରେ ରିଲାଏନ୍ସ ୩.୩ ବିଲିୟନ ଡଲାରର ଅଧିଗ୍ରହଣ କରିଛି।

# ଲାଗିବ ୧.୫ ଲକ୍ଷ କୋଟିର ଝଟକା

**ନୂଆଦିଲ୍ଲୀ,୨୩।୪**

କୋଭିଡ୍-୧୯ର ଦ୍ୱିତୀୟ ଲହର ତୀବ୍ରତର ହେବାରୁ ବର୍ତ୍ତମାନ ସଂକ୍ରମଣରେ ଭାରତ ରେକର୍ଡ କରିଛି। ମହାମାରୀ ନିୟନ୍ତ୍ରଣ କରିବା ଲାଗି ଦେଶର ବିଭିନ୍ନ ରାଜ୍ୟ ଆଞ୍ଚଳିକ ସ୍ତରରେ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରିବା ସହ ଲକ୍‌ଡାଉନ ଏବଂ ଶଟ୍‌ଡାଉନ କରୁଥିବା ଦେଖାଯାଉଛି। ଏହି କଟକଣା କଡ଼ାକଡ଼ି ହେଲେ ଦେଶର ଅର୍ଥ ବ୍ୟବସ୍ଥା ସ୍ଥିତି ଆହୁରି ବିଗିଡ଼ିବ। ଏଭଳି ବିଭିନ୍ନ କାରଣ ଲାଗି ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପ୍ରାୟ ୧.୫ ଲକ୍ଷ କୋଟିର ଝଟକା ଲାଗିବ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଅର୍ଥନୈତିକ ଶାଖା ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଦେଶର ବିଭିନ୍ନ ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବେଶି କ୍ଷତିଗ୍ରସ୍ତ ହେବେ। ମୋଟ କ୍ଷତି ମଧ୍ୟରୁ ଏହି ରାଜ୍ୟଗୁଡ଼ିକର ଅଂଶ ୮୦% ରହିବ। ସେହିଭଳି ମୋଟ କ୍ଷତିରେ ମହାରାଷ୍ଟ୍ରର ଅଂଶ ୫୪% ରହିବ ବୋଲି ଏସ୍‌ବିଆଇର ଗ୍ରୁପ୍ ଅର୍ଥନୈତିକ ପରାମର୍ଶଦାତା ଡ.ସୌମ୍ୟକାନ୍ତି ଘୋଷ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଆକଳନକୁ ମଧ କମ୍ କରିଛି। ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ, ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶର ଜିଡିପି ୧୦.୪% ରହିପାରେ।

ବିଭିନ୍ନ ସମସ୍ୟା ଯୋଗୁ ପ୍ରବାସୀ ଶ୍ରମିକମାନେ ପୁଣି ଥରେ ଘରକୁ ଫେରୁଛନ୍ତି। ଫଳରେ ମାନୁଫାକ୍ଚରିଂ ଉପରେ ଏହାର ପ୍ରଭାବ ପଡୁଛି। ଏଭଳି କାରଣ ଲାଗି ମହାରାଷ୍ଟ୍ର ସର୍ବାଧିକ ୮୨ ହଜାର କୋଟି ଟଙ୍କାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ସେହିଭଳି ନୋମୁରା ନାମକ ଏଜେନ୍ସି ଭାରତର ଜିଡିପି ଆକଳନକୁ ୧୧.୫%କୁ ହ୍ରାସ କରିଛି। ଏହାବାଦ ଇଣ୍ଡିଆ ରେଟିଂ ଅଭିବୃଦ୍ଧି ଆକଳନକୁ ୧୦.୧%କୁ ହ୍ରାସ କରିଛି। ରିପୋର୍ଟରେ କୁହାଯାଇଛି ଯେ, ସଂକ୍ରମଣ ବଢୁଥିବାରୁ ବଜାର ପ୍ରଭାବିତ ରହିବ।

**ଲକ୍‌ଡାଉନ କଟକଣା**



### ଓଡ଼ିଶାକୁ ୧୯୨୭ କୋଟି କ୍ଷତି ହେବ

ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସାପ୍ତାହିକ ଲକ୍‌ଡାଉନ ହୋଇଛି। ଏହାଦ୍ୱାରା ରାଜ୍ୟର ଅର୍ଥ ବ୍ୟବସ୍ଥା ୧,୯୨୭ କୋଟି ଟଙ୍କାର କ୍ଷତି ସହିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଓଡ଼ିଶାର ସହରାଞ୍ଚଳରେ କୋଭିଡ୍ ବଢୁଥିବାରୁ ବାଧ ହୋଇ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଉଭୟ ଯାନବାହନ ଏବଂ ଲୋକଙ୍କ ଚଳପ୍ରଚଳ ଉପରେ କଟକଣା ଲଗାଯାଇଛି। କେବଳ ଜରୁରିକାଳୀନ ସେବାକୁ ଲକ୍‌ଡାଉନରୁ ବାହାରେ ରଖାଯାଇଛି।

# ଇ-ଯାନ ଲାଗି ଅଧିକ ପ୍ରୋତ୍ସାହନ ଲୋଡ଼ା

**ଇ-ଯାନ ପରିବେଶ ଲାଗି ବେଶ୍ ଲାଭକାରୀ। ଏହାର ମେଣ୍ଟେନାନ୍ସ ଖର୍ଚ୍ଚ ମଧ କମ୍। ଦେଶ ମଧରେ ଏହି ବର୍ଗର ଯାନକୁ ନେଇ ଚାହିଦା ଏବେ ବଢ଼ିଚାଲିଛି। ଯାନର ଆଦୃତିକୁ ନଜରରେ ରଖି ଘରୋଇ ବଜାରରେ ବିଭିନ୍ନ କମ୍ପାନୀ ଏବେ ଇ-ଯାନ ଉତ୍ପାଦନ କରୁଛନ୍ତି। ଏହି କ୍ରମରେ ଯୋଡ଼ିହୋଇଛି ଓଡ଼ିଶାର ଇ-ଡ୍ରାଇଭ। ଏହି ଯାନଗୁଡ଼ିକୁ ସରକାର ଅଧିକ ପ୍ରୋତ୍ସାହିତ କଲେ ବଜାର ଆହୁରି ବଢ଼ିବ ବୋଲି କମ୍ପାନୀର ସ୍ୱତ୍ୱାଧିକାରୀ କୈଳାସ ଚୌଧୁରୀ କୁହନ୍ତି। ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**



**ଇ-ସ୍କୁଟର ନିର୍ମାଣ କ୍ଷେତ୍ରକୁ ଆସିବା ଲାଗି କେମିତି ଆଗଭର ହେଲେ?**

❖ ଗତ ୨୦ବର୍ଷ ହେବ ଅଟୋମୋବାଇଲ ଡିଲରଶିପ ବିଜ୍‌ନେସ ସହ ଜଡ଼ିତ ରହିଛି। ମାନୁଫାକ୍ଚରିଂକୁ ଆସିବାର ଇଚ୍ଛା ଥିଲା। ୨୦୨୦ ନଭେମ୍ବରରେ ନୂଆ ଆଶା ସହିତ ଇ-ସ୍କୁଟର ନିର୍ମାଣ ବିଜ୍‌ନେସ୍‌କୁ ପ୍ରବେଶ କରିଛୁ। ସ୍ୱତନ୍ତ୍ର ପ୍ରଡକ୍ଟ ଏବଂ ସେବା ପହଞ୍ଚାଇବା ଫୋକସରେ ରହିଛି।

**ଇ-ଭେଇକିଲ୍ ଚାହିଦା କେମିତି ରହିଛି? ଆପଣଙ୍କ କମ୍ପାନୀ ଏ କ୍ଷେତ୍ରରେ କିଭଳି ପ୍ରସ୍ତୁତି କରିଛି?**

❖ ଭାରତ ବିଶ୍ୱର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର। ଇ-ଯାନର ଚାହିଦା ବର୍ତ୍ତମାନ ଦ୍ରୁତ ଗତିରେ ବଢ଼ିଚାଲିଛି। ଏହାକୁ ନଜରରେ ରଖି ଆମ କମ୍ପାନୀ ଇ-ଡ୍ରାଇଭ୍‌ର ଆସେମ୍ବଲ ୟୁନିଟ୍ ସ୍ଥାନୀୟ ପାହାଳରେ ସ୍ଥାପନ କରିଛି। ରାଜ୍ୟରେ ଏକ ପ୍ରମୁଖ ବଜାର ଅଂଶୀଦାର ହେବା ଲକ୍ଷ୍ୟ। ସରକାରଙ୍କ ମେକ୍ ଇନ୍ ଇଣ୍ଡିଆରେ ଏବେ ଯୋଗଦାନ ରଖୁଛୁ। କମ୍ପୋନେଣ୍ଟ ମାନୁଫାକ୍ଚରିଂକୁ ମଧ ଗୁରୁତ୍ୱ ଦେବୁ। ଇଲେକ୍ଟ୍ରିକ କାର୍ ଏବଂ ସାଇକେଲ ଆଣିବାକୁ ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଦେଶର ଅନ୍ୟ ପ୍ରାନ୍ତକୁ ଯିବା ଯୋଜନା ରହିଛି। ସାରା ରାଜ୍ୟରେ କମ୍ପାନୀର ପ୍ରଡକ୍ଟ ଏବଂ ସେବା ପହଞ୍ଚାଇବା ଦିଗରେ ବର୍ତ୍ତମାନ ଅଗ୍ରସର। ଇ-ଯାନର ଏକ ବଡ଼ ବଜାର ଆଗକୁ ରହିଛି।

**ଇ-ଡ୍ରାଇଭ୍‌ର ବାର୍ଷିକ ୧୦ ହଜାର ୟୁନିଟ ଯାନ ଉତ୍ପାଦନ ଯୋଜନା ସମ୍ପର୍କରେ କ'ଣ କହିବେ?**

❖ ହଁ, ୨୦୨୩ରେ ଏଭଳି ଲକ୍ଷ୍ୟ ହାସଲ ଲାଗି ଯୋଜନା ରଖିଛୁ। ପର୍ଯ୍ୟାୟକ୍ରମେ ପୁଞ୍ଜି ବ୍ୟବସ୍ଥା କରାଯାଉଛି। ଯୋଜନା ଆଗକୁ ବଢ଼ାଇବା ଲାଗି କମ୍ପାନୀ ସକ୍ଷମ। ଶୀଘ୍ର ଉତ୍ପାଦନ ଆରମ୍ଭ ହୋଇଯିବ। ମାନୁଫାକ୍ଚରିଂ ବଢ଼ାଇବା ସହ ପ୍ରଡକ୍ଟର ଉନ୍ନତୀକରଣ କରାଯିବା ନେଇ ମଧ ଲକ୍ଷ୍ୟ ରହିଛି।

**ଓଡ଼ିଶା ବଜାରରେ ଇ-ଡ୍ରାଇଭ୍‌ର ଉପସ୍ଥିତି କେମିତି ଅଛି?**

❖ ଭୁବନେଶ୍ୱର ବଜାରକୁ ପ୍ରଥମେ ବଜାର ପ୍ରବେଶ କରିଛୁ। କୋଭିଡ୍ ସ୍ଥିତି ସୁଧୁରିଲେ ଆଗାମୀ ପଦକ୍ଷେପ ନିଆଯିବ। ଚଳିତ ବର୍ଷ ମେ ସୁଦ୍ଧା ଆଉ ୫ ଡିଲରଶିପ ଖୋଲିବୁ। ୨୦୨୧-୨୨ରେ ରାଜ୍ୟରେ ୩୦ ନୂଆ ଡିଲରଶିପ ଯୋଡ଼ିବୁ। ପ୍ରମୁଖ ସହରରେ ଡିଲରଶିପ ସହ ଗ୍ରାମାଞ୍ଚଳରେ ଇ-ଷ୍ଟୋର ସ୍ଥାପନ କରିବୁ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ପ୍ରାୟ ୨୦୦ ୟୁନିଟ ଯାନ ରିଟେଲ ପଏଣ୍ଟଗୁଡ଼ିକର ବିକ୍ରି ଲକ୍ଷ୍ୟ ରଖିଛୁ। ଗ୍ରାହକଙ୍କୁ ଉନ୍ନତ ପ୍ରଡକ୍ଟ ସହ ୩ ବର୍ଷର ୱାରେଣ୍ଟି, ଉନ୍ନତ ମାଇଲେଜ, ଲିଥିୟମ ଫସ୍‌ଫେଟ୍ ଯୁକ୍ତ ବ୍ୟାଟେରି ଯୁକ୍ତ ମଡେଲ, ନିଜସ୍ୱ ଆର୍ ଆଣ୍ଡ ଡିରେ ପ୍ରଡକ୍ଟ ଚେକ୍ କରି ଦେଉଛୁ। ଆମ ଯାନଗୁଡ଼ିକର ମୂଲ୍ୟ ୬୦ ହଜାର ଟଙ୍କାରୁ ଆରମ୍ଭ କରି ୧.୦୫ ଲକ୍ଷ ଟଙ୍କା ଯାଏ ରହିଛି। ବର୍ତ୍ତମାନ ୩ ମଡେଲ ଏବଂ ୮ ଭାରିଆଣ୍ଟ ଉପଲବ୍ଧ ଅଛି। ଆସନ୍ତା ତ୍ରୈମାସରେ ଆଉ ୩ ମଡେଲ ଏବଂ ୬ ଭାରିଆଣ୍ଟ ଆଣିବୁ। ବର୍ତ୍ତମାନ ଇ-କ୍ରସ୍, ଇ-ସ୍ମାର୍ଟ, ଇ-ପ୍ରାଇଡ୍ ଭଳି ମଡେଲ ପ୍ରଦାନ କରୁଛୁ।

**ଇ-ଯାନର ଚାର୍ଜିଂ ପାଇଁ ଭିତ୍ତିଭୂମି ଏକ ପ୍ରମୁଖ ସମସ୍ୟା। ଆପଣଙ୍କ କମ୍ପାନୀ ମଡେଲଗୁଡ଼ିକରେ ଚାର୍ଜିଂର କ'ଣ ସବୁ ସୁବିଧା ରହିଛି?**

❖ ଆମ ଯାନଗୁଡ଼ିକ ଚାର୍ଜ କରିବା ଅତି ସହଜ। ଯେକୌଣସି ସ୍ଥାନ ଏବଂ ସମୟରେ ଏହାକୁ ଚାର୍ଜ କରାଯାଇପାରିବ। ମେଣ୍ଟେନାନ୍ସ ଜିରୋ ରହିଛି। ନର୍ମାଲ ପ୍ଲଗ୍ ଦ୍ୱାରା ଏଭଳି ସୁବିଧା ଗ୍ରାହକ ପାଇବେ। ଥରେ ଚାର୍ଜ ହେଲେ ୫୦ କି.ମି.ରୁ ୧୫୦ କି.ମି. ଯାତ୍ରା କରିହେବ। ୨୦୦ କି.ମି. ଯାଏ ଯାତ୍ରା କରିବା ଭଳି ବ୍ୟାଟେରି ଆଣିବା ପାଇଁ ବର୍ତ୍ତମାନ ପରୀକ୍ଷା ନିରୀକ୍ଷା କରାଯାଉଛି। ଚାର୍ଜିଂ ଭିତ୍ତିଭୂମିକୁ ଉନ୍ନତ କରିବା ଯୋଜନା ରହିଛି। ପ୍ରତି ୨ରୁ ୩ କି.ମି. ଦୂରତାରେ ଏହା ସ୍ଥାପନ କରାଯିବ। ଆପ୍ ଭିତ୍ତିକ ଇ-ଯାନ ଚାର୍ଜିଂ ଷ୍ଟେଶନ ଆଗାମୀ ଦିନରେ ସ୍ଥାପନ କରିବୁ। ଯେକୌଣସି ବ୍ରାଣ୍ଡର ଯାନ ଏଥିରେ ଚାର୍ଜ କରାଯାଇପାରିବ।

**କିଭଳି ପଦକ୍ଷେପ ନେଲେ ଇ-ଯାନ ବଜାର ବଢ଼ିପାରିବ?**

❖ ସରକାର ଆମଦାନୀ ଟିକସ କମାଇବାର ଆବଶ୍ୟକତା ରହିଛି। ଇ-ଯାନ ଫାଇନାନ୍ସ ପାଇଁ ବ୍ୟାଙ୍କ ଆଗେଇ ଆସିଲେ ଏହା ଗ୍ରାହକଙ୍କ ଲାଗି ଯାନ କିଣିବାରେ ସହଜ ହୁଅନ୍ତା। ସରକାର ଇ-ଯାନ କ୍ରୟକୁ ପ୍ରୋତ୍ସାହିତ କରିବା ଲାଗି ଘୋଷଣା କରିଛନ୍ତି। ଏ କ୍ଷେତ୍ରରେ ସବ୍‌ସିଡି ପ୍ରଦାନ ନେଇ ଗାଇଡ୍‌ଲାଇନ ଆସିଲେ ଏହାକୁ ଆମେ କାର୍ଯ୍ୟକାରୀ କରାଇପାରିବୁ।

## ମେ ୯ ଯାଏ ୟୁଏସ୍ ଭିଜା ଆପଏଣ୍ଟମେଣ୍ଟ ବନ୍ଦ

**ନୂଆଦିଲ୍ଲୀ,୨୩।୪:** ମହାମାରୀ ଯୋଗୁ ସ୍ଥିତି ବିଗିଡୁଥିବାରୁ ଆମେରିକା ଏହାର ଭାରତୀୟ ଦୂତାବାସରେ ଇନ୍ ପର୍ସନ ଭିଜା ଆପଏଣ୍ଟମେଣ୍ଟକୁ ମେ ୯ ତାରିଖ ଯାଏ ବନ୍ଦ କରି ଦେଇଛି। ସେହିଭଳି ସାରା ଦେଶରେ ରହିଥିବା ୫୦ ଭିଏଫ୍‌ଏସ୍ ଗ୍ଲୋବାଲ ସେଣ୍ଟର କେତେକ ଦେଶ ଲାଗି ଭିଜା ଆପ୍ଲିକେଶନ ଗ୍ରହଣ କରିବାକୁ ବନ୍ଦ କରି ଦେଇଛନ୍ତି।

## କୋଭିଡ୍ ଯୋଗୁ ସୁଧାର ବାଧାପ୍ରାପ୍ତ ହେବ

**ନୂଆଦିଲ୍ଲୀ,୨୩।୪:** କୋଭିଡ୍ ମାମଲା ବଢୁଥିବାରୁ ଏହା ଭାରତର ସୁଧାର ପ୍ରକ୍ରିୟାକୁ ବିଳମ୍ବ କରିବ ବୋଲି ଫିଚ୍ ରେଟିଂ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ସ୍ଥିତି ଗଭୀର ଥିବାରୁ ଏହି ଏଜେନ୍ସି ଭାରତର ଆଉଟଲୁକ୍‌କୁ ନେଗେଟିଭ କରିଥିବା ଜଣାପଡିଛି। ସୁଧାର ପ୍ରକ୍ରିୟାକୁ ଏହା ବିଗାଡ଼ିପାରେ ବୋଲି ମଧ ଆଶଙ୍କା କରାଯାଇଛି। ଏହା ଭାରତର ରେଟିଂକୁ ବିବିବି(-) ରଖିଛି।

## ହ୍ୟୁଣ୍ଡାଇ କାର୍‌ର ମେଣ୍ଟେନାନ୍ସ ସବୁଠାରୁ କମ୍

**ଭୁବନେଶ୍ୱର,୨୩।୪:** ଦେଶର ପ୍ରମୁଖ ଗାଡ଼ି ଓ ତା'ର ବିଭିନ୍ନ ସୁବଧା ସୁଯୋଗ ଏବଂ ଅନ୍ୟାନ୍ୟ ଘଟଣାକୁ ଲୋକଲୋଚନକୁ ଆଣୁଥିବା ଅଟୋକାର୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକ ମୋବାଇଲ ସର୍ଭେ ରିର୍ପୋଟ ପ୍ରକାଶ ପାଇଛି। ଉକ୍ତ ପତ୍ରିକାର ସର୍ଭେ ସୂଚନା ଅନୁସାରେ ୭ଟି କାର ବର୍ଗରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର କାର୍‌ଗୁଡିକର ରକ୍ଷଣାବେକ୍ଷଣା ଖର୍ଚ୍ଚ ସବୁଠାରୁ କମ୍ ରହିଥିବା ଜଣାପଡିଛି।



ସେହିଭଳି ଅନ୍ୟ ଓଇଏମ୍‌ଗୁଡିକର ଗାଡି ତୁଳନାରେ ହ୍ୟୁଣ୍ଡାଇ କାର୍‌ଗୁଡିକର ସର୍ଭିସ ଖର୍ଚ୍ଚ ମଧ ନଗଣ୍ୟ ରହିଥିବା ସର୍ଭେ ରିର୍ପୋଟରେ ଉଲ୍ଲେଖ କରାଯାଇଛି। ହ୍ୟୁଣ୍ଡାଇ ଗ୍ରାଣ୍ଡ ଆଇ ୧୦ ନିଓସର ରକ୍ଷଣାବେକ୍ଷଣା ଖର୍ଚ୍ଚ କିଲୋମିଟର ପିଛା ୩୪ ପଇସା ହୋଇଥିବା ବେଳେ ଅରାର ୩୪ ପଇସା, ଆଇ ୨୦ର ୩୮ ପଇସା,ଭର୍ନାର ୩୯ ପଇସା,କ୍ରେଟାର ୪୨ ପଇସା, ଏଲେନ୍ତ୍ରାର ୪୩ ପଇସା ଓ ଟସ୍‌କନ ୪୫ ପଇସା କିଲୋମିଟର ପିଛା ଖର୍ଚ୍ଚ ହେଉଥିବା ସୂଚନା ମିଳିଛି। ସେହିପରି ହ୍ୟୁଣ୍ଡାଇର ଏହି୭ଟି କାର୍‌ର ରକ୍ଷଣାବେକ୍ଷଣା ଖର୍ଚ୍ଚ ନିଜ ନିଜ ବର୍ଗରେ ସବୁଠାରୁ କମ୍ ଥିବା ଅଟୋକାର ସର୍ଭେ ରିର୍ପୋଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି।

## ଶିଳ୍ପ କ୍ଷେତ୍ରରେ ସୁଧାର ଫେରୁଛି: ସୀତାରାମନ

**ନୂଆଦିଲ୍ଲୀ,୨୩।୪:** କରୋନା ଯୋଗୁ ଦେଶର ବଜାର ସ୍ଥିତି ବିଗିଡ଼ିଛି। ସବୁ କିଛି ବର୍ତ୍ତମାନ ଯାଏ ଟ୍ରାକ୍‌କୁ ଫେରିପାରିନାହିଁ। ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ଦେଶର ଶିଳ୍ପକ୍ଷେତ୍ରକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ଦେଶର ଶିଳ୍ପକ୍ଷେତ୍ରରେ ବର୍ତ୍ତମାନ ସୁଧାର ଫେରୁଛି। ବଜେଟରେ ସରକାର ରଖିଥିବା ବିଭିନ୍ନ ପ୍ରସ୍ତାବ କାର୍ଯ୍ୟକାରୀ କରାଇବା ଉପରେ ବର୍ତ୍ତମାନ ଧ୍ୟାନ ରଖିଛନ୍ତି। ସଂକ୍ରମଣ ବଢ଼ିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଲକ୍‌ଡାଉନ କରାଯାଉଛି। ଏହା ସତ୍ତ୍ୱେ ମଧ ସରକାର ପ୍ରସ୍ତାବ ରଖିଥିବା ବିଭିନ୍ନ ଯୋଜନା ଉପରେ କାମ କରୁଛନ୍ତି।

### ଅର୍ଥବ୍ୟବସ୍ଥା ବେଶି ପ୍ରଭାବିତ ହୋଇ ନ ପାରେ: ସିଇଏ

**ନୂଆଦିଲ୍ଲୀ,୨୩।୪:** କରୋନା ଦ୍ୱିତୀୟ ଲହରର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ବେଶି ପଡି ନ ପାରେ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ ଶୁକ୍ରବାର କହିଛନ୍ତି। ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି, ସାରା ବିଶ୍ୱର ରିସର୍ଚ୍ଚରଙ୍କ ଲାଗି ମହାମାରୀ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗତବର୍ଷ ଭାରତ କୋଭିଡ୍ ଲଢ଼େଇରୁ ଅନେକ ଶିକ୍ଷା ଲାଭ କରିଛି। ଚଳିତ ବର୍ଷ ଏହାକୁ ପରିଚାଳନା କରିବାରେ ବେଶି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।

# ଏଭରେଷ୍ଟ ଚଢ଼ିଲା କରୋନା

**ଡରାଉଛି କରୋନାର ଦ୍ୱିତୀୟ ଲହର । ସଂକ୍ରମଣରେ ଆମେରିକାକୁ ପଛରେ ପକାଇ ସାରିଲାଣି ଭାରତ। ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୩୦ ହଜାର ଡେଇଁସାରିଥିବାବେଳେ ସମାନ୍ତରାଳ ଭାବେ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। କୋଭିଡ୍ ଜାଲରେ ଅଧିକାଂଶ ରାଜ୍ୟ ଛନ୍ଦି ହୋଇପଡ଼ିଥିବାବେଳେ ଏବେ ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଆଶ୍ଚର୍ଯ୍ୟ କରିଦେବାଭଳି। ପୃଥିବୀର ସର୍ବବୃହତ୍ ଗିରିଶୃଙ୍ଗ 'ଏଭରେଷ୍ଟ' କରୋନା କାୟାରୁ ବର୍ତ୍ତିପାରିନି। ଏଭରେଷ୍ଟ ଅଭିଯାନରେ ସାମିଲ ହୋଇଥିବା କେତେଜଣ ପର୍ବତାରୋହୀ ଏବଂ ସେମାନଙ୍କ ସହାୟକ ସଂକ୍ରମିତ ହୋଇ ମେଡିକାଲରେ ଭର୍ତ୍ତି ହେବା ପରେ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି।**



**କାଠମାଣ୍ଡୁ:** କରୋନା ଭୂତାଣୁ ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟରେ ପହଞ୍ଚିସାରିଛି। ଏଭରେଷ୍ଟ ଅଭିଯାନରେ ସାମିଲ ହୋଇଥିବା ନରୱେର ପର୍ବତାରୋହୀ ଏରେଲେଣ୍ଡ ନେସ୍‌ଙ୍କ ସ୍ୱାବ୍‌ରୁ କୋଭିଡ୍-୧୯ ଭୂତାଣୁ ଠାବ ହୋଇଛି। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଘଟଣା ପରେ ଚଳିତବର୍ଷ ଏଭରେଷ୍ଟ ଅଭିଯାନରେ ସାମିଲ ହେବାକୁଥିବା ଆଶାୟୀଙ୍କୁ ଶକ୍ତ ଧକ୍କା ଲାଗିଛି।

ନେପାଳ ପାର୍ଶ୍ୱରୁ ମାଉଣ୍ଟ ଏଭରେଷ୍ଟ ଆରୋହଣକୁ ସବୁଠାରୁ ସହଜ ବିବେଚନା କରାଯାଏ। ଏଥିଲାଗି ପ୍ରତିବର୍ଷ ନେପାଳ ସଂଲଗ୍ନ ଗିରିପଥ ଦେଇ ଶତାଧିକ ପର୍ବତାରୋହୀ ଏଭରେଷ୍ଟ ମୁହାଁ ହୋଇଥାଆନ୍ତି। ସମ୍ପ୍ରତି ପୃଥିବୀ କୋଭିଡ୍ ବିଭୀଷିକାର ସମ୍ମୁଖୀନ ହେଉଥିବାବେଳେ ପର୍ବତାରୋହୀଙ୍କୁ ଆକର୍ଷିତ କରିବାକୁ ଯାଇ ନେପାଳ ସରକାର କ୍ୱାରାଣ୍ଟାଇନ୍ ନିୟମକୁ କୋହଳ କରିଦେଇଛନ୍ତି। ହେଲେ ପର୍ବତାରୋହୀଙ୍କ ସ୍ୱାବ୍‌ରୁ ଭୂତାଣୁ ଠାବ ହେବା ଆଗାମୀ ଦିନରେ ସୁରକ୍ଷିତ ଏଭରେଷ୍ଟ ଅଭିଯାନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏରେଲେଣ୍ଡ ନେସ୍‌ଙ୍କୁ ଗୁରୁତର ଅବସ୍ଥାରେ ହେଲିକପ୍ଟର ସହାୟତାରେ ଉଦ୍ଧାର କରାଯାଇଥିଲା। ଗିରିଶୃଙ୍ଗର ବେସ୍‌କ୍ୟାମ୍ପରେ କିଛି ସମୟ ଅତିବାହିତ କରିବା ପରେ ତାଙ୍କୁ କାଠମାଣ୍ଡୁର ଏକ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ନେସ୍‌ଙ୍କ ସାକ୍ଷାତକାର ନେଇଥିବା ଏକ ଗଣମାଧ୍ୟମ ପକ୍ଷରୁ ଏ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶ ପାଇଛି। ନେସ୍‌ଙ୍କ ଦଳରେ ସାମିଲ ଥିବା ଜଣେ ସେର୍‌ପାଙ୍କ ସମେତ ଅନ୍ୟ କେତେଜଣ ମଧ କରୋନାରେ ସଂକ୍ରମିତ ଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସ୍ୱାସ୍ଥ୍ୟସେବା ଲାଗି ନେପାଳ ପଡ଼ୋଶୀ ଦେଶ ଉପରେ ନିର୍ଭରଶୀଳ। ଏଠାକାର ସ୍ୱାସ୍ଥ୍ୟସେବା ସେତେଟା ଉନ୍ନତମାନର ନୁହେଁ। ଏଭଳି ସ୍ଥିତିରେ ଏଭରେଷ୍ଟ ଆରୋହଣକାରୀ ଅଭିଯାନ ସମୟରେ ସଂକ୍ରମିତ ବୋଲି ଜଣାପଡ଼ିଲେ, ତାଙ୍କୁ ଉଦ୍ଧାର କରାଯିବା ଏବଂ ଠିକ୍ ସମୟରେ ଚିକିତ୍ସା ସୁବିଧା ଯୋଗାଇଦେବା କାଠିକର ପାଠ। ଏହା ବେଶ୍ ବ୍ୟୟବହୁଳ ମଧ। ତେଣୁ ଆଗାମୀ ଦିନରେ ଏଭରେଷ୍ଟ ଆରୋହଣକାରୀଙ୍କ ଲାଗି ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆଣିବାକୁ ଯୋଜନା କରୁଛନ୍ତି ନେପାଳ ସରକାର।

କାଠମାଣ୍ଡୁର ଏକ ହସ୍ପିଟାଲରେ ଏଭରେଷ୍ଟ ପର୍ବତାରୋହୀ କରୋନା ସଂକ୍ରମିତ ହୋଇ ଭର୍ତ୍ତି ହୋଇଥିବା କୁହାଯାଇଛି। ତେବେ ଏହି ସଂଖ୍ୟା ଜଣେ ନା ଏକାଧିକ ସେ ସମ୍ପର୍କରେ ସମ୍ପୃକ୍ତ ଚିକିତ୍ସାଳୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। ଅନ୍ୟପଟେ ନେପାଳ ପର୍ଯ୍ୟଟନ ବିଭାଗର ପ୍ରବକ୍ତା ମୀରା ଆଚାର୍ଯ୍ୟ କୁହନ୍ତି, ଅଦ୍ୟାବଧି କୌଣସି ପର୍ବତାରୋହୀଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ବୋଲି ସ୍ପଷ୍ଟ ହୋଇନାହିଁ। ୧୫ ଏପ୍ରିଲରେ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିଲା। ସେ ନିମୋନିଆରେ ପୀଡ଼ିତ। ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ଅପରପକ୍ଷେ ଏହି ସୂଚନା ମିଳିବା ପରେ ବେସ୍‌କ୍ୟାମ୍ପରେ ଥିବା ପର୍ବତାରୋହୀ ଏବଂ ସହାୟକମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ନେପାଳ ସରକାର ଏଭରେଷ୍ଟ ଚଢ଼ିବା ଲାଗି ୩୭୭ଟି ପରମିଟ୍ ଜାରି କରିଛନ୍ତି। ଆରୋହଣକାରୀଙ୍କ ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ଏହା ୨୦୧୯କୁ ଟପିଯିବା ସମ୍ଭାବନା ରହିଛି। ଗତ କିଛି ବର୍ଷ ମଧ୍ୟରେ ଏଭରେଷ୍ଟ ବିଜୟ ଲାଗି ଦୁଃସାହସିକ ପର୍ବତାରୋହୀଙ୍କ ଭିତରେ ବିପୁଳ ଉତ୍କଣ୍ଠା ଦେଖିବାକୁ ମିଳିଛି। ଫଳରେ ଏଭରେଷ୍ଟ ଧୀରେ ଧୀରେ ଗହଳିଆ ହେଉଛି। ଏହି କାରଣରୁ ମୃତ୍ୟୁସଂଖ୍ୟା ମଧ ବଢୁଛି। ୨୦୧୯ ଏଭରେଷ୍ଟ ଅଭିଯାନ ବେଳେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା। ତନ୍ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଭିଡ଼ କାରଣରୁ ହୋଇଥିବା ସ୍ପଷ୍ଟ କରାଯାଇଥିଲା।

## ଫୁର୍‌ସତ୍

### ସଂକ୍ରମିତଙ୍କୁ ବିମାନରେ ହସ୍ପିଟାଲ ନେଲେ ସୋନୁ ସୁଦ୍



ମୁମ୍ବାଇ:ସବୁବେଳେ ଗରିବଙ୍କୁ ସହାୟତା କରି ରିଅଲ ଲାଇଫରେ ହିରୋ ସାଜିଥିବା ବଲିଉଡ୍ ଅଭିନେତା ସୋନୁ ସୁଦ୍ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ନାଗପୁରର ଜଣେ ଗୁରୁତର କରୋନା ରୋଗୀଙ୍କୁ ଚିକିତ୍ସା ପାଇଁ ସେ ତାଙ୍କୁ ବିମାନ ଯୋଗେ ହାଇଦ୍ରାବାଦ ନେଇଛନ୍ତି। ଭାରତୀ (୨୫) ନାମ୍ନୀ ଉକ୍ତ ରୋଗୀଙ୍କର ଫୁସ୍‌ଫୁସ୍ ପ୍ରାୟ ୮୫ରୁ ୯୦ ପ୍ରତିଶତ ଖରାପ ହୋଇଯାଇଥିବାରୁ ସ୍ୱତନ୍ତ୍ର ଚିକିତ୍ସା କିମ୍ବା ଫୁସ୍‌ଫୁସ୍ ପ୍ରତିରୋପଣର ଆବଶ୍ୟକତା ଥିଲା। ଏହି ଚିକିତ୍ସା କେବଳ ହାଇଦ୍ରାବାଦରେ ଉପଲବ୍ଧ ବୋଲି ଡାକ୍ତର କହିଥିଲେ। ସୋନୁଙ୍କ ସହାୟତାରେ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ନିଆଯାଇ ହାଇଦ୍ରାବାଦର ଆପୋଲେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଗକୁ ଯାହା ସହାୟତା ଆବଶ୍ୟକ ପଡ଼ିବ ଯୋଗାଇଦେବେ ବୋଲି ସୋନୁ କହିଛନ୍ତି।

### ୩୫ ବର୍ଷ ପରେ ଝିଅ ଜନ୍ମ ହେଲା

## ହେଲିକପ୍ଟର ଭଡ଼ା କରି ଘରକୁ ଆଣିଲେ

**ଜୟପୁର:** ଭାରତରେ ଏବେ ମଧ ଅଧିକାଂଶ ପରିବାର ପୁଅ ଚାହାନ୍ତି। କିନ୍ତୁ ବେଳେବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ରାଜସ୍ଥାନର ନଗଉର ଜିଲା ହସ୍ପିଟାଲରେ ହନୁମାନ ପ୍ରଜାପତ ଓ ତାଙ୍କ ସ୍ତ୍ରୀ ଚୁକି ଦେବୀଙ୍କ ଏକ କନ୍ୟା ଜନ୍ମ ହୋଇଛି। ପରିବାରରେ ଦୀର୍ଘ ୩୫ ବର୍ଷ ପରେ ଝିଅ ଜନ୍ମ ହୋଇଥିବାରୁ ନବଜାତ କନ୍ୟାକୁ ସ୍ୱାଗତ କରି ଆଣିବା ପାଇଁ ଘର ଲୋକେ ଏକ ହେଲିକପ୍ଟର ଭଡ଼ା କରିଥିଲେ।



ଗତମାସରେ ଜନ୍ମିତ ଝିଅକୁ ଧରି ମା' ଚୁକି ଦେବୀ ହସ୍ପିଟାଲରୁ ଉପଯୁକ୍ତ ସେବାଯତ୍ନ ପାଇଁ ହର୍ଷୋଲାଭ ଗ୍ରାମସ୍ଥିତ ବାପଘରକୁ ଯାଇଥିଲେ। ନିକଟରେ ମା'ଝିଅ ନିଜ ଘରକୁ ଫେରିଛନ୍ତି। ଏହି ୪୦ କି.ମି. ଦୂରତା ଅତିକ୍ରମ କରିବା ଲାଗି ପରିବାର ଲୋକେ ୪.୫ ଲକ୍ଷ ଟଙ୍କାରେ ଏକ ହେଲିକପ୍ଟର ଭଡ଼ା କରିଥିଲେ। ହେଲିକପ୍ଟରରେ ସେମାନେ ଫେରିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଝିଅର ନାମ ରିୟା ରଖାଯାଇଛି। ନାତୁଣୀକୁ ଉତ୍ସବ ମନାଇ ସ୍ୱାଗତ କରିବା ଆଇଡିଆ ବାପା ମଦନଲାଲ କୁମାରଙ୍କର ବୋଲି ହନୁମାନ କହିଛନ୍ତି। ହନୁମାନଙ୍କ ମତରେ ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖାଯିବା ଉଚିତ। ପ୍ରାୟତଃ ଝିଅ ଜନ୍ମ ହେଲେ ଲୋକେ ବୋଝ ମନେକରି ସେଲିବ୍ରେଟ୍ କରନ୍ତି ନାହିଁ। ମୁଁ ମୋ ଝିଅକୁ ପାଠ ପଢ଼ାଇବି ଓ ସ୍ୱପ୍ନ ପୂରଣ କରିବି ବୋଲି ହନୁମାନ ଗର୍ବ ସହକାରେ କହିଛନ୍ତି।

## କରୋନା ଟିକା ଫେରାଇ କ୍ଷମା ମାଗିଲେ ଚୋର

**ଚଣ୍ଡୀଗଡ଼:** କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଛି। ଏହି ଭୟାବହ ପରିସ୍ଥିତିରେ ଜଣେ ଚୋର ଅଜବ ଜିନିଷ ଚୋରି କରିଛନ୍ତି। ଆଉ ଶେଷରେ ଚିଠି ଲେଖି କ୍ଷମା ବି ମାଗିଛନ୍ତି। ଏପରି ଘଟଣା ଘଟିଛି ହରିୟାଣାର ଜିନ୍ଦ ସିଭିଲ ହସ୍ପିଟାଲରେ। ବୁଧବାର ରାତିରେ ଜଣେ ଚୋର କରୋନା ଭ୍ୟାକ୍ସିନ ୧୦୦ ଡୋଜ ଚୋରି କରି ନେଇଥିଲେ। କିନ୍ତୁ ଗୁରୁବାର ସିଭିଲ ଲାଇନ ଥାନା ବାହାରେ ଏକ ଚା'ବ୍ୟବସାୟୀଙ୍କୁ ସମସ୍ତ ମେଡିସିନ ଫେରାଇ ଦେଇଥିଲେ। ଏହା ସହ ଏକ କାଗଜରେ ଲେଖିଥିଲେ 'ସରି, ମୁଁ ଜାଣି ନ ଥିଲି ଏହା କରୋନା ଭ୍ୟାକ୍ସିନ'। ଏନେଇ ଜିନ୍ଦ ଡିଏସ୍‌ପି ଜିତେନ୍ଦ୍ର ଖଟକଡ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚୋର ଜଣେ ବୃଦ୍ଧ ଚା' ଦୋକାନୀଙ୍କୁ ଭ୍ୟାକ୍ସିନ ଫେରାଇ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପରେ ବୃଦ୍ଧ ଜଣକ ଥାନାରେ ପହଞ୍ଚି ଉକ୍ତ ବ୍ୟାଗ ଫେରାଇଥିଲେ। ବ୍ୟାଗ ଭିତରୁ କୋଭିସିଲ୍ଡର ୧୮୨ଟି ଓ କୋଭାକ୍ସିନ୍‌ର ୪୦ଟି ଡୋଜ ମିଳିଥିଲା। ଏଥିସହ ଏକ ହାତଲେଖା ଚିଠି ବି ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଚୋର ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ଡିଏସ୍‌ପି କହିଛନ୍ତି। ତଦନ୍ତ ଚାଲିଛି।



## ଖିଲିଖିଲି ହସ

୧

ରାମୁ ଆଉ ସୋମୁ ବସ ଷ୍ଟାଣ୍ଡରେ ଠିଆ ହୋଇଥାଆନ୍ତି । ରାମୁ କହିଲା, 'ଆରେ ଜାଣିଛୁ, ଆମେ ଯେଉଁ ବସ୍‌ରେ ଯିବା ତାହା ବର୍ଷା ଯୋଗୁଁ ବିଳମ୍ବରେ ଛାଡିବ ।' ଏକଥା ଶୁଣି ସୋମୁ କହିଲା, 'ଆରେ କି କଥା ! ଯଦି ବର୍ଷା ଯୋଗୁଁ ବିଳମ୍ବ ହେଉଛି ତେବେ ତାକୁ ବସ୍‌ରୁ ଓହ୍ଲାଇ ଦେଇ ବସ୍ ଛାଡୁନି କାହିଁକି ?

୨

ଥରେ ରୋହିତ ସ୍କୁଲରୁ ଫେରିବା ପରେ ତା' ବାପା ତାକୁ ପଚାରିଲେ, ଆରେ ରୋହିତ, ତୁ ଆଉ ସ୍କୁଲରେ ଦୁଷ୍ଟ ହେଉନୁ ତ ? ରୋହିତ କହିଲା, ବାପା, ଏବେ ମୋତେ ଦୁଷ୍ଟ ହେବାକୁ ସମୟ ମିଳୁନାହିଁ । ବାପା ପଚାରିଲେ, କାହିଁକି ? ସେ ଉତ୍ତର ଦେଲା, 'କାରଣ, କ୍ଲାସକୁ ସାର୍ ଆସିବା ମାତ୍ରେ ମୋତେ ପଛ ବେଞ୍ଚରେ ଠିଆ କରିଦେଉଛନ୍ତି ।

## ଗିନିଜ୍ ୱାର୍ଲ୍ଡ ରେକର୍ଡ



### ସବୁଠୁ ବଡ଼ ଦୀପ

ପିଲାମାନେ ତୁମେ ତ ଦୀପ ଦେଖିଥିବ ନିଶ୍ଚୟ । ଛୋଟ ବଡ଼ ଆଦି ବିଭିନ୍ନ ପ୍ରକାରର ଦୀପ ରହିଛି । ବେଳେବେଳେ ସ୍ୱତନ୍ତ୍ର ଅବସରକୁ ଦୃଷ୍ଟିରେ ରଖି ବଡ଼ ବଡ଼ ଦୀପ ବି ତିଆରି କରାଯାଏ ଯେଉଁଥିରେ ୪-୫ ଲିଟର ତେଲ ଧରିପାରେ । କିନ୍ତୁ ଏମିତି ବି ଏକ ଦୀପ ରହିଛି, ଯେଉଁଥିରେ ୨ ହଜାରରୁ ଅଧିକ ଲିଟର ତେଲ ଧରିପାରେ । ଏମିତି ଏକ ବଡ ଦୀପ ତିଆରି ହୋଇ କୁମ୍ଭମେଳାରେ ପ୍ରଦର୍ଶିତ କରାଯାଇଥିଲା । ଏତେ ବଡ଼ ଦୀପକୁ କୁମ୍ଭ ମେଳାରେ ପ୍ରଜ୍ୱଳିତ କରାଯାଇଥିଲା ଏବଂ ଏହା ଏବେ ସବୁଠୁ ବଡ଼ ଦୀପଭାବେ ଗିନିଜ ବୁକ ଅଫ୍ ୱାର୍ଲଡ ରେକର୍ଡ କରିଛି । ଏଭଳି ଏକ ବିରାଟ ଦୀପକୁ କୁମ୍ଭମେଳାରେ ସ୍ଥାପନ କରିବା ନିମନ୍ତେ ତିଆରି କରିଥିଲା ଏମ୍ଆଇ କମ୍ପାନୀ । ଏହି ଦୀପରେ ୨,୨୪୭ ଲିଟର ତେଲ ଧରିବାର କ୍ଷମତା ରହିଛି ଏବଂ ଏହି ଦୀପଟି ବିଶ୍ୱର ସବୁଠୁ ବଡ଼ ଦୀପର ମାନ୍ୟତା ବି ପାଇଛି । ଏଥିପାଇଁ ଦୀପଟି ଗିନିଜ୍ ବୁକରେ ସ୍ଥାନ ପାଇଛି ।

## ଆଇନା



ପରୀ
୭ ବର୍ଷ

## କ ବି ତା



### ଶୁଣ ହେ ସଙ୍ଗାତ ଶୁଣ

ଶୁଣ ହେ ସଙ୍ଗାତ ଶୁଣ
କରିବ ଏମିତି ଦେଶହିତ କାମ
ସଭିଏ ଗାଇବେ ଗୁଣ ।
ଶୁଣ ହେ ସଙ୍ଗାତ ଶୁଣ
ଦିବ୍ୟାଙ୍ଗ ଲୋକଙ୍କ ସାଥିରେ ମିଶିବ
ନ ଦେଖି ତାଙ୍କର ଖୁଣ ।
ଶୁଣ ହେ ସଙ୍ଗାତ ଶୁଣ
ପରିଶ୍ରମୀ ହୋଇ ବଞ୍ଚିବ ସମାଜେ
କରିବନି କେବେ ଋଣ ।
ଶୁଣ ହେ ସଙ୍ଗାତ ଶୁଣ
ରାଗ ହିଂସା ମନୁ ତ୍ୟାଗ କରିଦେଇ
କହିବନି କା'କୁ ଟାଣ ।
ଶୁଣ ହେ ସଙ୍ଗାତ ଶୁଣ
ମାତା ପିତା ଗୁରୁଜନେ ଭକ୍ତି କରି
ବଡ଼ ଭାଗ୍ୟବାନ ମଣ ।
ଶୁଣ ହେ ସଙ୍ଗାତ ଶୁଣ
ସତକଥା ସଦା ନିରିଭୟେ କୁହ
ଛାଡ଼ି ମିଥ୍ୟା ଆଚରଣ ।।

**-ଧୀରେନ୍ଦ୍ର ମଲ୍ଲିକ,** *ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*

### ଭଲ ପିଲା ହେବା ଆସ

ଉତ୍କଳ ମାଟିର ଯୋଗ୍ୟ ସନ୍ତାନ
ଆମ ଲାଗି ସିଏ ଥିଲେ ମହାନ୍ ।
ସତ୍ୟଭାମାପୁର ଗାଆଁ ତାଙ୍କର
କଟକ ଜିଲାରେ ତାଙ୍କରି ଘର ।
ମାଆ ନାମ ଥିଲା ପାର୍ବତୀ ଦେବୀ
ତାଙ୍କ ପିତା ନାମ କହିଲ ଭାବି ?
ରଘୁନାଥ ଦାସ ତାଙ୍କରି ପିତା
ଭାରି ଭଲ ସିଏ ମଧୁଙ୍କ ବାପା ।
ଅଠର ଶହ ଯେ ଅଠଚାଳିଶ
ମାଆ ଗର୍ଭୁ ଜନ୍ମ ସତେ ସେ ଶଶି ।



ଅଠେଇଶ ଏପ୍ରିଲ ପୁଣ୍ୟ ତାରିଖ
ଜନମି ଥିଲେ ସେ ମହା ନାୟକ ।
ଜନମ ତାଙ୍କର ଉତ୍କଳ ପାଇଁ
ସେବା ଶିକ୍ଷା ସବୁ ଥିଲେ ଯୋଗାଇ ।
ପ୍ରଥମ ଶିକ୍ଷିତ ଓଡ଼ିଆ ପୁଅ
ତାଙ୍କ ପରି କିଏ ହୋଇବ କୁହ ?
ଓଡ଼ିଆ ଭାଷାର ପ୍ରଚାର ନେଇ
ସମ୍ମିଳନୀ ସିଏ ଥିଲେ ଡକାଇ ।
କଳିଙ୍ଗ ଉତ୍କଳ ସମ୍ମିଳନୀଟି
ଓଡ଼ିଶା ପ୍ରଦେଶ ସୁନାର ଭେଟି ।
ମଧୁ ବର୍ଣ୍ଣବୋଧ ପିଲାଙ୍କ ଲାଗି
ଠିକ୍ ଠିକ୍ କରି ଗଲେ ସେ ଲେଖି ।
ତାଙ୍କ ମହାଦାନେ ହେଲା ଓଡ଼ିଶା
ପ୍ରଚାର ପ୍ରସାରେ ଓଡ଼ିଆ ଭାଷା ।
ତାଙ୍କ ପଥେ ଯଦି ଆମେ ଚାଲିବା
ଭଲ ପିଲାଟିଏ ନିଶ୍ଚେ ହୋଇବା ।

**-ଧ୍ରୁବ ଚରଣ ବେହେରା,** ପଥରବାଟିଆ, ବାଲୁଁଗା, ଖୋର୍ଦ୍ଧା

# କେମିତି ବିତୁଛି ସମୟ...









ବର୍ଷେରୁ ଅଧିକ ସମୟ ବିତିଗଲାଣି ଅନ୍‌ଲାଇନ୍‌ରେ ଚାଲିଛି କ୍ଲାସ। ସାଙ୍ଗମାନଙ୍କ ସହିତ ସ୍କୁଲରେ ପାଠ ପଢିହେଲାନି କି ବିଧିବଦ୍ଧ ସିଲାବସ୍ ଅନୁସାରେ ପାଠପଢ଼ା ସରିଲାନି। ପୁଣି ପରୀକ୍ଷା ନ ଦେଇ ବି କ୍ଲାସ ପ୍ରମୋଶନ। ଏବେର ପରିସ୍ଥିତି ଯାହା, ଏବର୍ଷ ବି ସ୍କୁଲ ଖୋଲିବା ନେଇ ସନ୍ଦେହ ବଢିଲାଣି । ଏଭଳି ସମୟରେ କିପରି ସମୟ ବିତୁଛି? ଏଠାରେ ୮ ଓ ୯ମ କ୍ଲାସକୁ ଉତ୍ତୀର୍ଣ୍ଣ ପାଇଥିବା କେତେକ ପିଲା ଏ ସମ୍ପର୍କରେ ଯାହା କୁହନ୍ତି...


ବହ୍ନିବଳୟ


ଶୁଭସ୍ମିତା


ସଂସ୍କୃତି


ପ୍ରିୟାଂଶୁ


ବିଦିଶା


ଅର୍ଚ୍ଚିତା

ଲକ୍‌ଡାଉନ୍ ହେବା ପରଠାରୁ ବର୍ଷେରୁ ଅଧିକ ସମୟ ହେଲା ସ୍କୁଲ ବନ୍ଦ। ପିଲାମାନେ ନା ସ୍କୁଲ ଯାଇ ପାରୁଛନ୍ତି ନା ଠିକ୍ ଭାବେ ପାଠ ପଢ଼ି ପାରୁଛନ୍ତି। ଘରେ ରହି ଅନ୍‌ଲାଇନରେ ପାଠ ପଢୁଛନ୍ତି। ହେଲେ ଏମିତିଭାବେ ଅନ୍‌ଲାଇନ କ୍ଲାସ କରି କରି ବୋର୍ ହୋଇଗଲେଣି ପିଲାମାନେ। ଗୋଟିଏ ପଟେ ଦୀର୍ଘ ସମୟ ଫୋନରେ ଅନଲାଇନ୍ କ୍ଲାସ କରିବା ଆଉ ତା' ସହିତ ଘରୁ ବାହାରକୁ ନ ଯିବାର କଡ଼ା ନିର୍ଦ୍ଦେଶ ପିଲାମାନଙ୍କ ପାଇଁ ଏକ ଭିନ୍ନ ପରିବେଶ ସୃଷ୍ଟି କରିଛି। ଏସବୁ ଭିତରେ ସେମାନେ କିଭଳି ସମୟ ବିତାଉଛନ୍ତି ତାହା ବି ଏକ ପରୀକ୍ଷାର ସମୟ ଭଳି।

**ଏମିତି ଭଲ ଲାଗୁନି:** ସ୍କୁଲ ଯାଇ ପାଠ ପଢ଼ିବା କଥା ତ ପ୍ରାୟ ମୁଁ ଭୁଲିଗଲିଣି। ସେପଟେ ଅନଲାଇନ୍ କ୍ଲାସ କରି ଭାରି ବୋର୍ ଲାଗିଲାଣି। କ୍ଲାସ ତ ଯାହା ହେଲା ପରୀକ୍ଷା ତ ଜମା ହେଲାନି। ସେଥିପାଇଁ ଆଦୌ ଭଲ ଲାଗୁନି। ଏବେ ପରୀକ୍ଷା ନ ହୋଇ ମୋର ଅଷ୍ଟମରୁ ନବମ ଶ୍ରେଣୀ ହୋଇଗଲା। ମୁଁ ଏବେ ଘରେ ଅଷ୍ଟମ ଶ୍ରେଣୀ ବହି ମଝିରେ ମଝିରେ ପଢୁଛି। କିନ୍ତୁ ଏମିତିଭାବେ ପଢ଼ିବାକୁ ଭଲ ଲାଗୁନି। ସେଥିପାଇଁ ସାନ ଭଉଣୀ ସାଙ୍ଗେ ବେଶି ସମୟ ଖେଳୁଛି ଆଉ ଟିଭି ଦେଖୁଛି। ତା' ଛଡା ମା'ଙ୍କ ସହ ମିଶି କେବେ କେବେ ରୋଷେଇ କାମରେ କିଛି ସାହାଯ୍ୟ କରୁଛି।

**-ପ୍ରିୟାଂଶୁ ପଣ୍ଡା,** *କ୍ଲାସ-୯, ବଳଦିଆମାଳ, ଜୁନାଗଡ଼, କଳାହାଣ୍ଡି*

**ମୋବାଇଲ ଓ ଟିଭି ସହିତ ସମୟ ବିତୁଛି:** ଅନଲାଇନ୍ କ୍ଲାସ ମତେ ସ୍କୁଲର କ୍ଲାସ ଭଳି ଲାଗୁନି। ଘରେ ଯେଉଁଠି ବସି ଯେମିତି ପୋଷାକ ପିନ୍ଧି କ୍ଲାସ କରିହେଉଛି। ଆଉ ଏବେ ଶେଷରେ ବାର୍ଷିକ ପରୀକ୍ଷା ବି ବନ୍ଦ ହୋଇଗଲା। ଏସବୁ ମତେ ଜମା ଭଲ ଲାଗୁନି। କେବେ ଏ କରୋନା ସଂକ୍ରମଣ କମିବ ଆଉ ଆମେ ସ୍କୁଲ ଯିବୁ ସେଇକଥା ଭାବୁଛି। ବାହାରେ ଖେଳିବାକୁ ବି ଘରେ ମନା କରିଛନ୍ତି। ତେଣୁ ମୋର ବେଶି ସମୟ ମୋବାଇଲ ଆଉ ଟିଭି ସାଙ୍ଗେ କଟୁଛି।

**-ବହ୍ନିବଳୟ ମହାନ୍ତି,** *କ୍ଲାସ-୯, ଶ୍ରୀ ଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଶଶିକାଦେଇପୁର, କରଞ୍ଜମାଳ, ଭଦ୍ରକ*

**ସ୍କୁଲ ଖୋଲିବ ବୋଲି ପ୍ରାର୍ଥନା କରୁଛି:** ଏବର୍ଷ ଆମେ ସ୍କୁଲକୁ ଯିବୁ ବୋଲି ଭାବୁଥିଲୁ। କିନ୍ତୁ ପୁଣି କରୋନା ୨ୟ ଲହର ପାଇଁ ଏବର୍ଷ ବି ସ୍କୁଲ ବନ୍ଦ ହୋଇଗଲା। ଘରେ ବସି ଏକା ଏକା ପାଠ ପଢ଼ିବାକୁ ଭଲ ଲାଗୁନି କି ଏକା ଏକା ଖେଳିବାକୁ ବି ଇଚ୍ଛା ହେଉନି। ସେଥିପାଇଁ ଗୋଟେ ବିରକ୍ତି ଭାବନା ଆସୁଛି। ଯେତେ ଚେଷ୍ଟା କଲେ ବି ଏଭଳି ବିରକ୍ତିକର ପରିସ୍ଥିତିରୁ ମୁକୁଳି ହେଉନି। ଦିନ ସାରା କ୍ଲାସ କରିବା ପାଇଁ ଫୋନ ପାଖରେ ରହିବାକୁ ପଡୁଛି ଆଉ ଉପରବେଳା ଟିକେ ଛାତ ଉପରେ ପଡିଶା ଘର ପିଲାଙ୍କ ସହିତ ବସି ଗପ କରି ସମୟ କଟାଉଛି। କେବେ କରୋନା କମିବ ଆଉ ଆମ ସ୍କୁଲ ଖୋଲିବ ସେଥିପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରୁଛି।

**-ଶୁଭସ୍ମିତା ଜେନା,** *କ୍ଲାସ-୮, ନନ୍ଦପୁର, ୟୁଜିଏମଇ ସ୍କୁଲ, ବାସୁଦେବପୁର, ଭଦ୍ରକ*

**ଘରେ ବୋର୍ ଲାଗୁଛି:** ସ୍କୁଲ ନାହିଁ କି ଟିଉସନ୍ ନାହିଁ। ଏକା ଏକା ପଢ଼ିବା ପାଇଁ ବି ଭଲ ଲାଗୁନି। ସେଥିପାଇଁ ଅନଲାଇନ୍ କ୍ଲାସ ସରିବା ମାତ୍ରେ ବେଶି ସମୟ ଟିଭି ଦେଖୁଛି। ଆଉ ମା'ଙ୍କୁ ଘର କାମରେ କିଛିଟା ସାହାଯ୍ୟ କରୁଛି। ତା' ଛଡା ହୋମ ୱର୍କ କରିବାବେଳେ ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି କଥାବାର୍ତ୍ତା ହୋଇ କରୁଛି। ଘରେ ମୋର ଆଉ କିଛି କାମ ନାହିଁ ବୋଲି ଭାରି ବିରକ୍ତ ଲାଗୁଛି। କିଛି ମାସ ହେବ ବାହାରକୁ ଯାଇ ଟିକେ ଖେଳୁଥିଲୁ, କିନ୍ତୁ ଏବେ ମାମା ମତେ ବାହାରକୁ ଯିବାକୁ ବି ମନା କରି ଦେଇଛି। ତେଣୁ ଘରେ ବସି ଖାଲି ବୋର୍ ହେଉଛି।

**-ବିଦିଶା ଦାସ,** *କ୍ଲାସ-୯, ସେଣ୍ଟ ଜୋଶେଫ ହାଇସ୍କୁଲ, ଭୁବନେଶ୍ୱର*

**ଘରେ ପଢ଼ିବାକୁ ଭଲ ଲାଗୁନି:** ମତେ ଚିତ୍ର କରିବାକୁ ଭଲ ଲାଗେ। ସେଥିପାଇଁ ଅନଲାଇନ କ୍ଲାସ ସରିବା ମାତ୍ରେ ମୁଁ ଅନେକ ସମୟରେ ବିଭିନ୍ନ ପ୍ରକାରର ଡ୍ରଇଁ କରେ। ବାକି ସମୟରେ ମୁଁ ଫୋନରେ ହୋମୱର୍କ କରିବା ସହିତ ଅନ୍ୟ ବହି ସବୁ ପଢ଼ିଥାଏ। କିନ୍ତୁ ଏମିତିଭାବେ ପାଠ ପଢ଼ିବାକୁ ଆଉ ଭଲ ଲାଗୁନି। ସ୍କୁଲ କେବେ ଖୋଲିବ ସେଥିପାଇଁ ଅପେକ୍ଷା କରିଛି।

**-ସଂସ୍କୃତି ପାତ୍ର,** *କ୍ଲାସ-୯, କେନ୍ଦ୍ରୀୟ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି*

**ସବୁବେଳେ ପଢିବାକୁ କହୁଛନ୍ତି:** ଏବର୍ଷ ୯ମ ଶ୍ରେଣୀ ହେଲା ଆଉ ଆରବର୍ଷକୁ ବୋର୍ଡ ପରୀକ୍ଷା। ସେଥିପାଇଁ ଘରେ ସମସ୍ତେ ମତେ ସବୁବେଳେ ପଢିବା ପାଇଁ କହୁଛନ୍ତି। ଅନଲାଇନରେ କ୍ଲାସ ହେଲା ପରେ ମାମା ମୋ ପାଖରେ ବସି ପୁଣି ଥରେ ପଢାଉଛନ୍ତି ଓ ପ୍ରଶ୍ନ କରୁଛନ୍ତି। ତେଣୁ ମତେ ସବୁବେଳେ ହିଁ ପଢିବାକୁ ପଡୁଛି।

**-ଅର୍ଚ୍ଚିତା ଅନିନ୍ଦିତା ମଲ୍ଲିକ,** *କ୍ଲାସ-୯, ଶ୍ରୀମଦ ଭଗବତ୍ ଗୀତା ବିଦ୍ୟା ମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର*

## ତୁମ ତୂଳୀରୁ






**ଅନମୋଲ ଅନିକେତ**
କ୍ଲାସ- ୨, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାକ୍ ଷ୍ଟିଲ୍, ବିଶାଖାପାଟଣା





**ଅନୁରାଗ ମିଶ୍ର**
କ୍ଲାସ- ୭, ବଂଶୀଧର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ନୀଳଗିରି, ବାଲେଶ୍ୱର





**ସତ୍ୟ ନାରାୟଣ ବାରିକ**
କ୍ଲାସ- ୯, ବି.ବି. ହାଇସ୍କୁଲ, ଢେଙ୍କାନାଳ

## କହିଲ ଦେଖି

କଟର କଟର କେଁ କଟର
ବରଷା ଆସିଲେ ବଢ଼େ ତା' ସ୍ୱର
ଜଳସ୍ଥଳ ଅଟଇ ତାହାର ଘର
କୀଟପତଙ୍ଗ ଖାଦ୍ୟ ତା'ର
କିଏ କହିବ ନାମ ତାହାର ।

ଉତ୍ତର - **ବେଙ୍ଗ**



ଜଳରେ ସେ ବାସ କରେ
ନୀର ବିନା ଜୀବନ ହାରେ
ନାଲୁଆ ଅଟଇ ଦେହ ତା'ର
ଖାଇଥାଉ ତରକାରି କରି
କିଏ କହିବ ନାମ ତାହାରି ।

ଉତ୍ତର - **ମାଛ**



ପ୍ରିୟ ଖାଦ୍ୟ ଅଟେ ବିଲୁଆର
ଚାଲି ଅଟଇ ଧୀରସ୍ଥିର
ଦଶଟି ଗୋଡ଼ ତା'ର
ଘର ତା'ର ବହୁତ ଲମ୍ବାର
କିଏ କହିବ ନାମ ତାହାର ।

ଉତ୍ତର - **କଙ୍କଡ଼ା**



**-ରୋହିତ କୁମାର ମଲ୍ଲିକ,** ଅଣ୍ଡରାଇ, ବୋଡ଼କ, ଭଦ୍ରକ

# ଅତନୁ, ଦୀପିକା ରିକର୍ଭ ସେମିରେ




ଅତନୁ ଦାସ ଓ ଦୀପିକା କୁମାରୀ।

**ଗୁଆଟାମାଲା ସିଟି, ୨୩।୪ (ପି.ଟି.)**

ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୧ ବ୍ୟକ୍ତିଗତ ରିକର୍ଭରେ ଭାରତର ଟପ୍ ତରନ୍ଦାଜୀ ଦମ୍ପତି ଅତନୁ ଦାସ ଓ ଦୀପିକା କୁମାରୀ ପୁରୁଷ ଓ ମହିଳା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅତନୁ ଓ ଦୀପିକା ପରେ ରିକର୍ଭ ମିକ୍ସଡ ପେଆର କ୍ୱାର୍ଟରଫାଇନାଲରେ ଶୁଟ୍ କରିବେ। ଏହି ଦୁଇଜଣ ଇତିମଧ୍ୟରେ ତିନୋଟି ଇଭେଣ୍ଟରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛନ୍ତି। ସ୍ଥାନୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଲସ୍ ଆର୍କସଠାରେ ଅତନୁ କାନାଡା ପ୍ରତିଦ୍ୱନ୍ଦ୍ୱୀ ଏରିକ୍ ପିଟର୍ସଙ୍କୁ ୬-୪ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଜର୍ମାନ ଆର୍ଚର ମିଚେଲି କ୍ରୋପେନ୍‌ଙ୍କୁ ହରାଇ ଦେଇଥିବା ତୃତୀୟ ସିଡ୍ ଦୀପିକା ସେମିଫାଇନାଲରେ ମେକ୍ସିକୋର ଆଲେଜାଣ୍ଡ୍ରା ଭାଲେନ୍‌ସିଆଙ୍କୁ ଭେଟିବେ। ଦୀପିକା ପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ଆମେରିକାର କେଲ୍ ସି ଲାର୍ଡଙ୍କୁ ୬-୦ରେ ଏବଂ ଲଣ୍ଡନ ଅଲିମ୍ପିକ୍ସ ରୌପ୍ୟ ବିଜେତା

**ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୧**

ମେକ୍ସିକୋର ଆଇଡା ରୋମାନଙ୍କୁ ୬-୫ (୧୦-୯)ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ତଥା ଭାରତର ଅଙ୍କିତା ଭକତ କ୍ୱାର୍ଟରଫାଇନାଲରେ ଆଲେଜାରନାଙ୍କଠାରୁ ୬-୨ରେ ହାରିଯାଇଥିଲେ।

# ଦିଲ୍ଲୀ ଦଳରେ ଯୋଗଦେଲେ ଅକ୍ଷର

**ଚେନ୍ନାଇ, ୨୩।୪ (ପି.ଟି.)**

କୋଭିଡ୍‌ରୁ ଆରୋଗ୍ୟ ଲାଭ କରିବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ପୁନର୍ବାର ଯୋଗଦାନ କରିଛନ୍ତି ଅଲ୍‌ରାଉଣ୍ଡର ଅକ୍ଷର ପଟେଲ। ୨୦ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ସେ ତାଙ୍କ ଟିମ୍‌ମେଟ୍‌ଙ୍କୁ ଭେଟିଛନ୍ତି। ଟେଷ୍ଟ ପଦାର୍ପଣ ପରେ ଏହା ତାଙ୍କ ଜୀବନର ଦ୍ୱିତୀୟ ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ଅକ୍ଷର କହିଛନ୍ତି। ଏହି ୨୭ ବର୍ଷୀୟ କ୍ରିକେଟର ମାର୍ଚ୍ଚ ୨୮ରେ ମୁମ୍ବାଇରେ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ହୋଟେଲରେ ପ୍ରବେଶ କରିଥିଲେ। ସେତେବେଳେ ତାଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ ଥିଲା। ମାତ୍ର ପରେ ଏପ୍ରିଲ ୩ରେ ହୋଇଥିବା ଟେଷ୍ଟରେ ତାଙ୍କର ପଜିଟିଭ ଆସିଥିଲା। ତାଙ୍କ ନିକଟରେ ସାମାନ୍ୟ ଲକ୍ଷଣ ପ୍ରକାଶ ପାଇବାରୁ ବିସିସିଆଇ ସ୍ୱୀକୃତିପ୍ରାପ୍ତ ଡାକ୍ତରୀ ବ୍ୟବସ୍ଥା ଅଧୀନରେ ଚିକିତ୍ସା ହେବାକୁ ପଡ଼ିଥିଲା। ଅକ୍ଷର ବୁଧବାର ପ୍ରଥମ ଥର ଟ୍ରେନିଂ ସେସନରେ ଯୋଗ ଦେଇଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂ ଅଭ୍ୟାସ କରିଥିଲେ। ହେଲେ ନିକଟରେ ସୁସ୍ଥ ହୋଇଥିବାରୁ ଅଧିକ ପରିଶ୍ରମ କରି ନ ଥିଲେ। ସୂଚନାଯୋଗ୍ୟ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓପନର ଦେବଦୂତ ପଡିକାଲଙ୍କ ପରେ କରୋନା ସଂକ୍ରମିତ ହେବାରେ ଅକ୍ଷର ଦ୍ୱିତୀୟ ଆଇପିଏଲ୍ ଖେଳାଳି। ଅକ୍ଷରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍‌ମେଟ୍ ଦକ୍ଷିଣ ଆଫ୍ରିକା ପେସ୍ ବୋଲର ଏନରିଚ୍ ନର୍ଜେଙ୍କୁ କିଛିଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିଥିଲା। କିନ୍ତୁ ପରେ କୋଭିଡ୍ ଟେଷ୍ଟ ରିପୋର୍ଟରେ ତ୍ରୁଟି ଥିବା ଦେଖାଯାଇଥିଲା। କୋଲକାତା ନାଇଟ ରାଇଡର୍ସ କ୍ୟାମ୍ପରେ ଯୋଗଦେବା ପରେ ନୀତିଶ ରାଣା ମଧ୍ୟ ଟେଷ୍ଟରେ ପଜିଟିଭ ଜଣାପଡ଼ିଥିଲେ। କିନ୍ତୁ ପରେ ତାଙ୍କ ଆରଟି ପିସିଆର୍ ଫଳାଫଳ ନେଗେଟିଭ ଆସିଥିଲା। ଅକ୍ଷରଙ୍କ ଅନୁପସ୍ଥିତିରେ କ୍ୟାପିଟାଲ୍ସ ତାଙ୍କ ସ୍ଥାନରେ ସାମୟିକ ଭାବେ ମୁମ୍ବାଇ ବାମହାତୀ ସ୍ପିନର ସାମ୍ସ ମୁଲାନୀଙ୍କୁ ଦଳରେ ନେଇଥିଲା। କ୍ୟାପିଟାଲ୍ସ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବ।




# ବିଜୟପଥକୁ ଫେରିଲା ପଞ୍ଜାବ

**ଚେନ୍ନାଇ, ୨୩।୪**

ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସ ଶେଷରେ ପ୍ରତ୍ୟାବର୍ତ୍ତନ କରିଛି। କ୍ରମାଗତ ୩ଟି ପରାଜୟ ପରେ ପଞ୍ଜାବ ୧୪ଟି ବଲ ବାକିଥାଇ ୯ ଉଇକେଟରେ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସଙ୍କୁ ହରାଇ ବିଜୟପଥକୁ ଫେରିଛି। ସ୍ଥାନୀୟ ଚେପକ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଲୋ-ସ୍କୋରିଂ ୧୭ତମ ମ୍ୟାଚରେ ଟସ୍ ଜିତି ପଞ୍ଜାବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୧୭.୪ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିସହ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ପଞ୍ଜାବ ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ୨୪ତମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରି ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩୨ ରନ ଛୋଟିଆ ଟାର୍ଗେଟର ପିଛା କରି ପଞ୍ଜାବ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଅଧିନାୟକ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲ ୪୫ ବଲ୍‌ରୁ ୫୩ ରନର ପାର୍ଟନରଶିପ୍ କରିଥିଲେ। ତେବେ ମୟଙ୍କ ୨୦ ବଲରୁ ୪ ଚୌକା ଓ ୧ ଛକା ସହ ୨୫ ରନକରି ଲେଗ୍ ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ରାହୁଲ ଓ କ୍ରିସ୍ ଗେଲ୍ ୬୫ ବଲରୁ ଅପରାଜିତ ୭୯ ରନ କରି ଦଳକୁ ଜିତାଇଥିଲେ। ରାହୁଲ ୫୨ ବଲ ଖେଳି ୩ ଚୌକା, ୩ ଛକା ସହ ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ଗେଲ୍ ୪୩ ରନ (୩୫ ବଲ, ୫ ଚୌକା, ୨ ଛକା) କରି ଅପରାଜିତ ରହିଥିଲେ।

## ରୋହିତଙ୍କ ୪୦ତମ ଆଇପିଏଲ୍ ଅର୍ଦ୍ଧଶତକ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୨୬ ରନରେ ଦୁଇ ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ଦଳର ସ୍କୋର ୭ ଥିବା ବେଳେ ଓପନର କ୍ୱିଣ୍ଟିନ ଡିକକ୍ ୩ ରନ କରି ଡାହାଣହାତୀ ଅଫ୍‌ସ୍ପିନର ଦୀପକ ହୁଡାଙ୍କ ବଲ୍‌ରେ ମିଡ୍‌ଅନ୍‌ରେ ମୋଇସେସ୍ ହେନେରିକ୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ଇଶାନ କିଷନ ମାତ୍ର ୬ ରନକରି ଉଇକେଟକିପର ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କ ଶିକାର ହୋଇଥିଲେ। ବିଷ୍ଣୋଇ ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛନ୍ତି। ଏହାପରେ ତୃତୀୟ ଉଇକେଟରେ ଅଧିନାୟକ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ୫୬ ବଲରୁ ୭୯ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ସୂର୍ଯ୍ୟକୁମାର ୨୭ ବଲରୁ ୩ ଚୌକା ଓ ୧ ଛକା ସହ ୩୩ ରନକରି ଶର୍ଟ ଥାର୍ଡ ମ୍ୟାନ୍‌ରେ କ୍ରିସ ଗେଲ୍‌ଙ୍କୁ କ୍ୟାଚ୍ ଦେଇ ବିଷ୍ଣୋଇଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ରୋହିତ ୫୨ ବଲରୁ ୫ ଚୌକା ଓ ୨ ଛକା ସହ ଦ୍ରୁତ ୬୩ ରନର ଶତକୀୟ ପାଳି ଖେଳି ଡିପ୍ ସ୍କୋୟାରରେ ଫାବିଆନ ଆଲେନଙ୍କୁ ସିଧା କ୍ୟାଚ୍ ଦେଇ ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ରୋହିତ ଏଥିସହ ତୃତୀୟ ଭାରତୀୟ ଓ ମୋଟ ଉପରେ ଚତୁର୍ଥ ଖେଳାଳି ଭାବେ ୪୦ତମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଶିଖର ଧାୱନ, ବିରାଟ କୋହଲି ଓ ଡେଭିଡ ୱାର୍ନର ୪୦ରୁ ଊର୍ଦ୍ଧ୍ୱ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ୱାର୍ନର ସର୍ବାଧିକ ୪୯ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ପାଣ୍ଡ୍ୟା ଭ୍ରାତୃଦ୍ୱୟ ପୁଣି ଥରେ ଫେଲ୍ ମାରିଛନ୍ତି। ହାର୍ଦ୍ଦିକ ୧ ଓ କୃନାଲ ୩ ରନକରି ପ୍ୟାଭିଲିୟନ ଫେରିଛନ୍ତି। କିରନ ପୋଲାର୍ଡ ୧୨ ବଲରୁ ୧ ଛକା ସହ ୧୬ ଓ ଜୟନ୍ତ ଯାଦବ ବିନା ସ୍କୋରରେ ଅପରାଜିତ ରହିଥିଲେ। ଅନ୍ତିମ ୫ ଓଭରରେ ମୁମ୍ବାଇ ୩୪ ରନରେ ୪ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ପଞ୍ଜାବ ତରଫରୁ ବୋଲିଂରେ ବିଷ୍ଣୋଇ ଓ ସାମି ୨ଟି ଲେଖାଏ, ହୁଡା ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପଞ୍ଜାବ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ମୁରୁଗାନ ଅଶ୍ୱିନଙ୍କ ସ୍ଥାନରେ ଲେଗ୍‌ସ୍ପିନର ରବି ବିଷ୍ଣୋଇଙ୍କୁ ସୁଯୋଗ ଦିଆଯାଇଥିଲା। ଅନ୍ୟପଟେ ମୁମ୍ବାଇ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ମୁମ୍ବାଇ ପାଇଁ ୧୦୦ତମ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୪ | ୦ | ୮ | +୧.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୪ | ୩ | ୧ | ୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୪୨୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | -୦.୦୩୨ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୪୨୮ |
| ସନ୍‌ରାଇଜର୍ସ | ୪ | ୧ | ୩ | ୨ | -୦.୨୨୮ |
| ନାଇଟ ରାଇଡର୍ସ | ୪ | ୧ | ୩ | ୨ | -୦.୭୦୦ |
| ରାଜସ୍ଥାନ ରୟାଲ୍ସ | ୪ | ୧ | ୩ | ୨ | -୧.୦୧୧ |

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୧/୬ (ରୋହିତ- ୬୩, ସୂର୍ଯ୍ୟକୁମାର- ୩୩, ପୋଲାର୍ଡ-୧୬*, ସାମି- ୨/୨୧, ବିଷ୍ଣୋଇ- ୨/୨୧, ହୁଡା- ୧/୧୫, ଅର୍ଶଦୀପ- ୧/୨୮)। ପଞ୍ଜାବ କିଙ୍ଗ୍ସ ୧୭.୪ ଓଭରରେ ୧୩୨/୧ (ରାହୁଲ- ୬୦*, ଗେଲ୍- ୪୩*, ଅଗ୍ରୱାଲ- ୨୫, ରାହୁଲ ଚହର- ୧/୧୯)।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ କୋଲକାତା




ନେଟ୍ସର ଅଭ୍ୟାସ ଅବସରରେ କୋଲ୍‌କାତାର ଦିନେଶ କାର୍ତ୍ତିକ ଓ ରାଜସ୍ଥାନର ଯଶସ୍ୱୀ ଜୟସ୍ୱାଲ।

**ମୁମ୍ବାଇ,୨୩।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ତମ ମ୍ୟାଚ୍‌ରେ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ଓ ସଞ୍ଜୁ ସାମ୍‌ସନଙ୍କ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ସମାନ ଭାବେ ଗୁରୁତ୍ୱ ବହନ କରୁଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ କୋଲକାତା ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

କାଗଜ କଲମରେ ବିଶ୍ୱକପ୍ ଇଂଲଣ୍ଡ ବିଜୟୀ ଇଂଲଣ୍ଡ ଅଧିନାୟକ ମୋର୍ଗାନଙ୍କ ନେତୃତ୍ୱରେ କୋଲକାତା ବେଶ୍ ଶକ୍ତିଶାଳୀ ମନେହେଉଛି। ଏକାଠି ହୋଇ ପ୍ରଦର୍ଶନ କରିବାରେ କୋଲକାତା ବିଫଳ ହୋଇଛି। କୋଲକାତା ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୩ଟି ପରାଜୟ ସହ ୨ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ରାଜସ୍ଥାନ ସମାନ ସଂଖ୍ୟକ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଥିଲେ ମଧ୍ୟ ରନ୍ ରେଟ୍ ଦୃଷ୍ଟିକୋଣରୁ ଅଷ୍ଟମ ତଥା ସର୍ବନିମ୍ନ ସ୍ଥାନରେ ରହିଛି। ରାଜସ୍ଥାନ ଏଥର ସବୁଠାରୁ ଅସ୍ଥିର ପ୍ରଦର୍ଶନ କରିଛି। ଏହି ମ୍ୟାଚ୍‌ରେ କୋଲକାତା କିଛି ଅଲଗା କରି ଦେଖାଇବାକୁ ପ୍ରୟାସ କରିବ। ଗତ ମ୍ୟାଚରେ ପ୍ୟାଟ୍ କୁମିନ୍ସ ଜବରଦସ୍ତ ବ୍ୟାଟିଂ କରି କୋଲକାତାକୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ ମଧ୍ୟ ଦଳ ୧୮ ରନରେ ପରାସ୍ତ ହୋଇଥିଲା। ତେବେ କୁମିନ୍ସ ଜଣେ ବ୍ୟାଟ୍ସମ୍ୟାନ ଭାବେ ଉଭା ହେବା କୋଲକାତା ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ଦ୍ରୁତ ବୋଲରମାନେ ମଧ୍ୟ ବିପୁଳ ସଂଖ୍ୟାରେ ରନ୍ ବ୍ୟୟ କରୁଛନ୍ତି। ପ୍ରଥମ ମ୍ୟାଚ୍‌ରେ ୧୦ ରନରେ ହାଇଦ୍ରାବାଦକୁ ହରାଇବା ପରେ କୋଲକାତା ତା'ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇଠାରୁ ୧୦ ରନରେ, ତୃତୀୟ ମୁକାବିଲାରେ ବାଙ୍ଗାଲୋରଠାରୁ ୩୮ ରନରେ ଓ ଚତୁର୍ଥ ମ୍ୟାଚ୍‌ରେ ଚେନ୍ନାଇଠାରୁ ୧୮ ରନରେ ପରାସ୍ତ ହୋଇଥିଲା। ଚେନ୍ନାଇର ଚେପକ ଷ୍ଟାଡିୟମରେ ସଂଘର୍ଷ କରୁଥିବା କୋଲକାତା ୱାଙ୍ଖଡେରେ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି।

ଗତ ମ୍ୟାଚ୍‌ରେ ଚେନ୍ନାଇ ଓପନର ଋତୁରାଜ ଗାଏକ୍ୱାଡ ୬୪ ଓ ଫାଫ୍ ଡୁପ୍ଲେସି ଅପରାଜିତ ୯୫ ରନ କରି କୋଲକାତା ବୋଲରଙ୍କୁ ନିରାଶ କରିଥିଲେ। ତେବେ ଜବାବରେ ୩୧ ରନରେ ୫ ଉଇକେଟ ହରାଇଥିଲା କୋଲକାତା ଓ ସମ୍ପୂର୍ଣ୍ଣ ଟପ୍ ଅର୍ଡର ବିପର୍ଯ୍ୟୟ ହୋଇଥିଲା। ଆନ୍ଦ୍ରେ ରସେଲ ଓ ଦୀନେଶ କାର୍ତ୍ତିକ ଦମ୍‌ଦାର ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। କୁମିନ୍ସଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଦଳ ୧୯.୧ ଓଭରରେ ୨୦୨ ରନ କରି ଅଲଆଉଟ ହେବା ସହ ୧୯ ରନ ପାଇଁ ବିଜୟ ଲକ୍ଷ୍ୟରୁ ଦୂରରେ ରହିଯାଇଥିଲେ। ୨୨ ବଲରୁ ୫୫ ରନକରି ରସେଲ ଫର୍ମକୁ ଫେରିବାର ସୂଚନା ଦେଇଛନ୍ତି ଓ ଏହା ଦଳ ପାଇଁ ଏକ ବଡ଼ ଉପଲବ୍ଧି ହେବାକୁ ଯାଉଛି। ରସେଲଙ୍କ ବ୍ୟାଟିଂ କ୍ରମରେ ଉନ୍ନତି ନେଇ ମୋର୍ଗାନ ଚିନ୍ତା କରୁଥିବେ।

ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ଗତ ମ୍ୟାଚ୍‌ରେ ବାଙ୍ଗାଲୋରଠାରୁ ୧୦ ଉଇକେଟରେ ପରାସ୍ତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ୪ ରନରେ ପଞ୍ଜାବଠାରୁ ପରାସ୍ତ ହୋଇଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ୩ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା। ଏହାପରେ ତୃତୀୟ ମ୍ୟାଚ୍‌ରେ ଚେନ୍ନାଇଠାରୁ ଦଳ ୪୫ ରନରେ ହାରିଥିଲା। ପଞ୍ଜାବ ବିପକ୍ଷରେ ସାମ୍‌ସନ ୧୧୯ ରନର ଦମ୍‌ଦାର ପାଳି ଖେଳିଥିଲେ ମଧ୍ୟ ପରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିପାରିନାହାନ୍ତି। ରାଜସ୍ଥାନର ଟପ୍ ଅର୍ଡର ଓ ମିଡ୍‌ଲ ଅର୍ଡର ମଧ୍ୟ ଫେଲ୍ ମାରିଛି। ଜୋଶ ବଟଲର, ମନନ ଭୋରା ଓ ଡେଭିଡ ମିଲରଙ୍କ ଭଳି ବ୍ୟାଟ୍ସମ୍ୟାନ ମଧ୍ୟ ଫେଲ ମାରିଛନ୍ତି। ବୋଲିଂକୁ ନେଇ ରାଜସ୍ଥାନ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। କ୍ରିସ୍ ମୋରିସ ଓ ମୁସ୍ତାଫିଜୁର ରହମାନ ରନ୍ ବ୍ୟୟକୁ ରୋକିବାରେ ବିଫଳ ହୋଇଛନ୍ତି। ଦଳରେ ବିଦେଶୀ ଖେଳାଳିଙ୍କ ପର୍ଯ୍ୟାପ୍ତ ବିକଳ୍ପ ନାହିଁ।

**ଆଜିର ମ୍ୟାଚ**

ନାଇଟ ରାଇଡର୍ସ
ବନାମ
ରାଜସ୍ଥାନ ରୟାଲ୍ସ



ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**‘ସମସ୍ତଙ୍କୁ ମାଗଣାରେ ଟିକା ଦିଆଯାଉ’**

ପୁରୀ ଅଫିସ: ସାର୍ବଜନୀନ ମାଗଣା ଟିକାକରଣ, ଟେଷ୍ଟିଂ ବୃଦ୍ଧି, କରୋନା ରୋଗୀଙ୍କ ପାଇଁ ଅଧିକ ସଂଖ୍ୟକ ହସ୍ପିଟାଲ ଓ ଯତ୍ନ ଗୃହ ଖୋଲାଯିବା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାକ୍ସବାଦୀ) ପୁରୀ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏହି ଅବସରରେ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ମନୋରଞ୍ଜନ ମହାରଣା ଏବଂ ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।






୨୩.୦୪.୨୦୨୧

| | |
|---|---|
| ୧,୧୮,୧୫୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ଶିକ୍ଷକଙ୍କ ମୃତ୍ୟୁ

ନିମାପଡ଼ା,୨୩।୪(ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡ଼ମାଛପୁର ପଞ୍ଚାୟତ ପଞ୍ଚଶକ୍ତି ଉଚ୍ଚ ବିଦ୍ୟାଳୟର କୈଳାସ ଚନ୍ଦ୍ର ସ୍ୱାଇଁ(୫୨)ଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ସ୍ୱାଇଁ କରୋନାରେ ଆକ୍ରାନ୍ତ ଥିବାବେଳେ ଲିଭରଜନିତ ସମସ୍ୟା ଥିବା ମଧ ଜଣାପଡ଼ିବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରେଙ୍ଗାଳ, ବଡ଼ମାଛପୁର ପଞ୍ଚାୟତାରେ ଶୋକରଛାୟା ଖେଳିଯାଇଛି। ସ୍ୱର୍ଗତ ସ୍ୱାଇଁ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିବା ସହ ଶାନ୍ତ, ସରଳ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ନିମାପଡ଼ା ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ଖେଳିଯାଇଛି।

### ରାଧାକାନ୍ତ ମଠର ନୂତନ ମଠାଧୀଶ

ପୁରୀ ଅଫିସ, ୨୩।୪: ପୁରୀ ରାଧାକାନ୍ତ ମଠର ୨୦ତମ ମଠାଧୀଶ ଭାବେ କୃଷ୍ଣଗୋପାଳ ଦାସଜୀ ମହାରାଜ ଶୁକ୍ରବାର ଗାଦିନସୀନ ହୋଇଛନ୍ତି। ଗତ ୧୭ତାରିଖରେ ମଠାଧୀଶ ଧାନଚନ୍ଦ୍ର ଦାସ ଗୋସ୍ୱାମୀଙ୍କ ପରଲୋକ ଘଟିଥିଲା। ମଠ ପରମ୍ପରା ଓ ରେଜିଷ୍ଟ୍ରେଟ୍ ଉଇଲନାମା ଅନୁଯାୟୀ ମଠାଧୀଶଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ନୂତନ ମଠାଧୀଶ ହେବେ। ତେଣୁ କୃଷ୍ଣ ଗୋପାଳ ଦାସଜୀ ମହାରାଜଙ୍କୁ ମଠାଧୀଶ କରାଯାଇଛି। ଏହି ଉତ୍ସବରେ ମାଧ୍ୱ ଗୌରେଶ୍ୱର ସଂଘ ସଭାପତି ସୁବଳ ଚରଣ ଦାସ ଏବଂ ଚତଃ ସମ୍ପ୍ରଦାୟ ସଭାପତି ରାମଚରଣ ଦାସଜୀଙ୍କ ସମେତ ବିଭିନ୍ନ ମଠର ମହନ୍ତ ଉପସ୍ଥିତ ଥିଲେ।

### ପୁରୀ ବେଳାଭୂମିରୁ ମୃତ ଡଲ୍‌ଫିନ୍ ଉଦ୍ଧାର

ପୁରୀ ଅଫିସ, ୨୩।୪: ପୁରୀ ଦିଗ୍‌ବାରେଣୀ ଖୁଣ୍ଟି ନିକଟ ବେଳାଭୂମିରୁ ଶୁକ୍ରବାର ୩ଫୁଟ ଲମ୍ବର ଏକ ମୃତ ଡଲ୍‌ଫିନ୍ ଉଦ୍ଧାର କରାଯାଇଛି। ଏହି ଡଲଫିନ ମୃତାବସ୍ଥାରେ ପାଣିରେ ଭାସି ଭାସି ଆସି କୂଳରେ ଲାଗିଥିଲା। ଏହାକୁ ଲାଇଫଗାର୍ଡମାନେ ଦେଖି ଉଦ୍ଧାର କରିଥିଲେ। ଲାଇଫଗାର୍ଡଙ୍କଠାରୁ ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ମୃତ ଡଲଫିନ୍‌କୁ ଜବତ କରିଛନ୍ତି। ଏହି ଡଲଫିନ୍‌ଟି ଇରାୱାଡ଼ି ପ୍ରଜାତିର ହୋଇଥିବାବେଳେ ସମୁଦ୍ରରେ ଟ୍ରଲର ମାଡ଼ରେ ଏହାର ମୃତ୍ୟୁ ଘଟିଥାଇପାରେ ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି।

# ପୁରୀ ଜିଲା ଜଗିବେ ୧୩ ପ୍ଲାଟୁନ୍ ଫୋର୍ସ

**ପୁରୀ ଅଫିସ,୨୩।୪:**


ପୁରୀ ସହରରେ ପୋଲିସ ଗାଡ଼ି ପଇଁତରା ମାରୁଛି ।

- ଶଟ୍‌ଡାଉନ୍ ପାଇଁ ପୋଲିସ ବ୍ୟବସ୍ଥା
- ପୁରୀ ସହର ୧୦ ଜୋନ୍‌ରେ ବିଭକ୍ତ

ପୁରୀ ଜିଲାର ସମସ୍ତ ସହରାଞ୍ଚଳରେ ଶନିବାର ଓ ରବିବାର ଶଟ୍‌ଡାଉନ୍ ଲାଗୁ ହୋଇଛି। ଏହି ଦୁଇଦିନ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ଏହି ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ପୋଲିସ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ, ଟେଲିକମ୍, ପେଟ୍ରୋଲପମ୍ପ, ଏଲ୍‌ପିଜି ଗ୍ୟାସ ଓ ମାଲ ପରିବହନ, କୃଷି ଓ ଉଦ୍ୟାନ କୃଷି ବିଭାଗ ସମେତ ଜରୁରିକାଳୀନ କ୍ଷେତ୍ରରେ କାର୍ଯ୍ୟରତ ଲୋକେ ଶଟଡାଉନ୍‌ରେ ନିଜ କର୍ମକ୍ଷେତ୍ରକୁ ଯାଇପାରିବେ। ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସପ୍ତାହନ୍ତ ଶଟଡାଉନ୍‌କୁ ପାଳନ କରି ଘରେ ରହିବେ। ଶଟ୍‌ଡାଉନ୍ ଯୋଗୁ ଦୁଇଦିନ ଶ୍ରୀମନ୍ଦିର ଦର୍ଶନ ବନ୍ଦ ରହିଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ନ ଆସିବା ପାଇଁ ଏସ୍‌ପି କନୱର ବିଶାଲ ସିଂ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପୁରୀ ପୌରାଞ୍ଚଳ, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍‌ଏସିରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି। ପୁରୀ ଟାଉନ୍‌କୁ ୧୦ଟି ଜୋନ୍‌ରେ ବିଭକ୍ତ କରାଯାଇ ପୋଲିସ ଫୋର୍ସ ମୁତୟନ କରାଯାଇଛି। କୋଭିଡ୍ ଏନ୍‌ଫୋର୍ସମେଣ୍ଟ ପୋଷ୍ଟରେ ମଧ ପୋଲିସଙ୍କୁ ଦାୟିତ୍ୱରେ ରଖାଯାଇଥିବା ବେଳେ ମୋବାଇଲ କୋଭିଡ୍ ଏନଫୋର୍ସମେଣ୍ଟ ଯାନ ସହରରେ ପଇଁତରା ମାରିବ। ୭ଟି ପିସିଆର୍ ଭ୍ୟାନ ପୁରୀ ସହରରେ ୨୪ଘଣ୍ଟିଆ ଦାୟିତ୍ୱରେ ରହିଛନ୍ତି। ପିପିଲି, କୋଣାର୍କ ଓ ନିମାପଡ଼ାରେ ମଧ ଅନୁରୂପ ଆୟୋଜନ କରାଯାଇଛି। ପୁରୀ ଜିଲା ପାଇଁ ୧୩ ପ୍ଲାଟୁନ୍ ଫୋର୍ସ, ୩ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର, ୩୦ ଜଣ ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କୁ ଦାୟିତ୍ୱରେ ରଖାଯାଇଛି। ଜିଲା ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କୌଣସି ବିଶୃଙ୍ଖଳା ଓ ଜରୁରିକାଳୀନ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବା ଲାଗି ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଇନଚାର୍ଜ ଭାବେ ରହିଛନ୍ତି। ରାତ୍ରି କର୍ଫ୍ୟୁ ଭଳି ଏହି ଶଟଡାଉନ୍‌କୁ ଲୋକେ ଶୃଙ୍ଖଳିତ ଭାବେ ମାନିବେ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି। ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଜରୁରିକାଳୀନ ସ୍ଥିତିରେ ଘରୁ ବାହାରୁଥିବା ବ୍ୟକ୍ତିଙ୍କୁ ପୋଲିସ ପ୍ରଶାସନ କୌଣସି ପ୍ରକାର ଦୁର୍ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବେ ରାତ୍ରି କର୍ଫ୍ୟୁ ବଳବତ୍ତର ଥିବାରୁ ଶୁକ୍ରବାର ରାତ୍ରି ୯ଟା ପରଠାରୁ ହିଁ କଟକଣା ଲାଗୁ ହୋଇଯିବ। ରାତ୍ରି କର୍ଫ୍ୟୁ ସରିବା ମାତ୍ରେ ଶନିବାର ଓ ରବିବାର ଶଟଡାଉନ୍ କଟକଣା ପାଳନ ହେବ ବୋଲି ଏସ୍‌ପି କହିଛନ୍ତି।


ସାହିଯାତର ତୃତୀୟ ଦିବସରେ ଶୁକ୍ରବାର ହରଚଣ୍ଡୀ ସାହିରୁ ଆସିଥିବା ପର୍ଶୁରାମ ବେଶଧାରୀ ଜଗନ୍ନାଥ ବଲ୍ଲଭ ପରିସରରେ ନୃତ୍ୟ କରୁଛନ୍ତି ।

## ବିଡିଓଙ୍କ ଉପସ୍ଥିତିରେ ଚାଉଳ ବଣ୍ଟନ

**ପିପିଲି,୨୩।୪(ସ୍ୱ.ପ୍ର)**

**ପିଡିଏସ୍ ଚାଉଳ ବିବାଦ ଘଟଣା**

ପିପିଲି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନ ବିବାଦ ଲାଗିରହିଥିବା ବେଳେ ଶୁକ୍ରବାର ବିଡିଓ ରଶ୍ମିତା ନାଥ ପଞ୍ଚାୟତର ପହଞ୍ଚି ନହଳାପଡା ସ୍କୁଲ ପ୍ରାଙ୍ଗଣରେ ଚାଉଳ ବଣ୍ଟନ କାର୍ଯ୍ୟ ଦେଖିଛନ୍ତି। ପଞ୍ଚାୟତର ବିଭିନ୍ନ ୱାର୍ଡରେ ଥିବା ୩୮୨ଜଣ ହିତାଧିକାରୀଙ୍କୁ ଏହି ସାମଗ୍ରୀ ବଣ୍ଟନ ପାଇଁ ପୂରା ପ୍ରଶାସନିକ ବ୍ୟବସ୍ଥା କରାଯାଇ ବିଡିଓ ନାଥଙ୍କ ଉପସ୍ଥିତିରେ ଚାଉଳ ବଣ୍ଟାଯାଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗତ ୨୦ତାରିଖରେ ଉପନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରାଯାଇ ଉକ୍ତ ପଞ୍ଚାୟତକୁ ପିଡିଏସ୍ ସାମଗ୍ରୀ ଆସିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ୨ ମହିଳା ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା।

## ଦୁର୍ନୀତି ତଦନ୍ତ ଦାବିରେ ଧାରଣା

**ବ୍ରହ୍ମଗିରି,୨୩।୪(ଡି.ଏନ୍.ଏ.):**


ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବୁଦ୍ଧିଜୀବୀମାନେ ଧାରଣା ଦେଇଛନ୍ତି ।

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି କରି ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଶୁକ୍ରବାରଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ପାଠାଗାର ଗୃହର ଛାତ ପଡ଼ିଥିଲା। ହେଲେ ମାତ୍ର ୨ ଘଣ୍ଟାପରେ ଏହି ନବ ନିର୍ମିତ ଗୃହର ଛାତ ଭୁଶୁଡ଼ି ପଡ଼ିଥିଲା। ଏହି କାର୍ଯ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିବା ଜଣାପଡ଼ିବା ସତ୍ତ୍ୱେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏପରିକି ଏହି ଘଟଣା ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ, ପକ୍କା ଗୃହ ନିର୍ମାଣ ପ୍ରଭୃତି ଉନ୍ନୟନମୂଳକ ଯୋଜନାରେ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଓ ବୁଦ୍ଧିଜୀବୀ ଜାଣିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଭୀମସେନଙ୍କ ନେତୃତ୍ୱରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ୧୪ଟି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଦର୍ଶାଇଛନ୍ତି।

## ‘ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟ ଶୀଘ୍ର ଶେଷ କର’

**ଗୋପ, ୨୩।୪(ଡି.ଏନ୍.ଏ.)**

ଦୀର୍ଘଦିନ ଧରି କାକଟପୁର ବ୍ଲକର ଗ୍ରାମାଞ୍ଚଳରେ ପଡ଼ିରହିଥିବା ଉନ୍ନୟନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଡିଓ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ କ୍ରୀଡ଼ାମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ବେହେରା ଯୋଗଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ତୁରନ୍ତ କାମ ସାରିବାକୁ କହିଛନ୍ତି।

ସୂଚନାନୁଯାୟୀ, କାକଟପୁର ନିର୍ବାଚନମଣ୍ଡଳୀର ୧୪ଟି ପଞ୍ଚାୟତ ଗୋପ ବ୍ଲକ ଅଧୀନରେ ରହିଛି। ଏହି ୧୪ଟି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ଆସିଥିବା ‘ଆମ ଗାଁ ଆମ ବିକାଶ ଯୋଜନା’ର ୧୩୨ଟି ପ୍ରକଳ୍ପରେ ଥିବା କୋଠଘର, ଏସ୍‌ଏଚ୍‌ଜି ଗୃହ, ଯୁବଗୋଷ୍ଠୀ କେନ୍ଦ୍ର ସହିତ ଆଉ କେତେକ କାର୍ଯ୍ୟର ୭୦ ଭାଗ ସରିଛି। ତେବେ ୩୦ ଭାଗ କାମ ବାକି ଅଛି। ସେହିପରି ୧୪ଟି ପଞ୍ଚାୟତ ଲାଗି ଆସିଥିବା ୧୧୨ଟି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ମଧ୍ୟରୁ ୫୮ଟି ଗୃହ ନିର୍ମାଣ ସରିଥିବାବେଳେ ଆଉ କେତେକର କାମ ଜମିଜମାକୁ ନେଇ ହୋଇନାହିଁ। ଏହି ସବୁ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବା ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଆଉ କେତେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ମନ୍ତ୍ରୀ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ପ୍ରଶାସନ ଜନସାଧାରଣଙ୍କ ସହ ଆଲୋଚନା କରି ସରକାରୀ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ ଓ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ: ୫ ପଜିଟିଭ ଚିହ୍ନଟ

**କଣାସ,୨୩।୪(ସ୍ୱ.ପ୍ର)**

କଣାସ ବ୍ଲକରେ ଶୁକ୍ରବାର ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୫ଦିନ ମଧ୍ୟରେ ମୋଟ ବ୍ଲକରେ ୩୬ଜଣ କରୋନା ସଂକ୍ରମିତ ହୋଇଛନ୍ତି। କରୋନାର ପ୍ରଥମ ଲହର ବେଳେ ୬୪୨ଜଣ ପଜିଟିଭ ବାହାରିଥିବା ବେଳେ ୭ଜଣ ମୃତ୍ୟୁବରଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ସଂକ୍ରମଣକୁ ରୋକିବା ପାଇଁ କେତେକ ନିୟମ ପ୍ରଣୟନ କରିଥିଲେ ମଧ କେତେକ ଅମାନିଆ ମାନୁ ନ ଥିବାରୁ ସଂକ୍ରମିତ ସଂଖ୍ୟା ବଢ଼ୁଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## କଣାସ ଥାନାରେ ଏସ୍‌ପିଙ୍କ ସମୀକ୍ଷା


ଏସ୍.ପିଙ୍କ କଣାସ ଥାନା ପରିଦର୍ଶନ।

**କଣାସ,୨୩।୪(ସ୍ୱ.ପ୍ର.)**

ପୁରୀ ଏସ୍‌ପି ଡ. କନୱର ଭିଶାଲ ସିଂ ଶୁକ୍ରବାର ଅପରାହ୍ନରେ ଅଚାନକ କଣାସ ଥାନା ପରିଦର୍ଶନ କରିଛନ୍ତି। କଣାସ ଅଞ୍ଚଳରେ କରୋନା ସ୍ଥିତି ଓ ଲୋକଙ୍କ ସୁରକ୍ଷା ଦୃଷ୍ଟିକୁ ନେଇ ଥାନାଧିକାରୀ ତପନ ରାଉତଙ୍କ ସହ ଆଲୋଚନା କରିଥିଲେ। ସ୍ଥିତି ଏବେ ସଙ୍ଗିନ ହେଉଥିବାରୁ ଜନସଚେତନତା କରିବା ସହିତ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଆଇଆଇସି ରାଉତ, ଏଏସ୍‌ଆଇ ଏସ୍.କେ. ଗୁମାନସିଂହ ଯୋଗଦେଇଥିଲେ। ରାସ୍ତାରେ ଆସିବା ସମୟରେ ଅନେକ ବ୍ୟକ୍ତି ମାସ୍କ ପିନ୍ଧି ନ ଥିବା ଏବଂ ସାମାଜିକ ଦୂରତା ରଖି ନ ଥିବା ଦେଖି ଚେକିଂ ଜୋରଦାର କରିବାକୁ ତହସିଲଦାର ଏବଂ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଜେଟିପି ଗଙ୍ଗାଧର ପ୍ରଧାନ ନିଲମ୍ବିତ

**ପୁରୀ ଅଫିସ, ୨୩।୪:**

- ଶ୍ରୀମନ୍ଦିରରେ ରକ୍ତଛିଟା ପଡ଼ିବା ଘଟଣା
- ମନୋଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଶ୍ରୀମନ୍ଦିର ପରିସରରେ ରକ୍ତଛିଟା ପଡ଼ିବା ଓ ଏଥିଯୋଗୁ ମହାପ୍ରଭୁଙ୍କ ନୀତି ବିଳମ୍ବ ହେବା ଘଟଣାରେ ଦୁଇ ଅଭିଯୁକ୍ତ ଜେଟିପି (ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ) ଗଙ୍ଗାଧର ପ୍ରଧାନ ଏବଂ ମନୋଜ ପାଣିଗ୍ରାହୀଙ୍କ ବିରୋଧରେ ଶୁକ୍ରବାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସ୍ (ସିସିଏ)- ୧୯୬୨ର ରୁଲ୍ ୧୨, ସବ୍‌ରୁଲ୍ (୧), (କ) ଅନୁସାରେ ଗଙ୍ଗାଧରଙ୍କୁ ନିଲମ୍ବନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଭୟ ଗଙ୍ଗାଧର ଓ ମନୋଜଙ୍କ ବିରୋଧରେ ସିସିଏ-୧୯୬୨ର ରୁଲ୍ ୧୫ ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୧୮ତାରିଖରେ ଶ୍ରୀମନ୍ଦିରର ଧୁକୁଡ଼ି ଦ୍ୱାର ନିକଟରେ ଗଙ୍ଗାଧର ଓ ମନୋଜ ଡ୍ୟୁଟି କରୁଥିଲେ। ତେବେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଗଙ୍ଗାଧର ଉତ୍କ୍ଷିପ୍ତ ହୋଇ ଏକ କାଠଫାଳିଆରେ ମନୋଜଙ୍କୁ ଆକ୍ରମଣ କରିଥିଲେ। ଫଳରେ ମନୋଜଙ୍କ ମୁଣ୍ଡଫାଟି ରକ୍ତ ଝରିଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ସ୍ୱପ୍ନରଞ୍ଜନ ମହାପାତ୍ର ଏହାର ତଦନ୍ତ କରିଥିଲେ। ସମ୍ପୃକ୍ତ ଦୁଇ ଜେଟିପି, ଶ୍ରୀମନ୍ଦିର କମାଣ୍ଡରଙ୍କ ସମେତ ଘଟଣାସ୍ଥଳରେ ଉପସ୍ଥିତ ସେବାୟତ ଓ ଅନ୍ୟ ସୁରକ୍ଷା କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତ ପରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା।

## ଦୈନିକ ପଜିଟିଭ୍ ସଂଖ୍ୟା ୩ଶହ ଟପିଲା

**ପୁରୀ ଅଫିସ,୨୩।୪:**

ପୁରୀ ଜିଲାରେ କୋଭିଡ୍ ସଂକ୍ରମଣର ଦୈନିକ ସଂଖ୍ୟା ଗୁରୁବାର ୩ଶହ ଅତିକ୍ରମ କରିଛି। ଜିଲାରେ ୩୦୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବ୍ରହ୍ମଗିରିରୁ ୨୩, ନିମାପଡ଼ାରୁ ୨୧, ଗୋପରୁ ୧୮, ଡେଲାଙ୍ଗରୁ ୧୫, ସତ୍ୟବାଦୀରୁ ୧୦, କାକଟପୁରରୁ ୯, ପିପିଲିରୁ ୮, ଅସ୍ତରଙ୍ଗରୁ ୭, ନିମାପଡ଼ା ଏନ୍‌ଏସିରୁ ୭, କଣାସରୁ ୫ ଏବଂ କୃଷ୍ଣପ୍ରସାଦରୁ ଜଣେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ପୁରୀ ପୌରାଞ୍ଚଳରୁ ୧୪୨ ଓ ପୁରୀ ସଦରରୁ ୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୁଧବାର ପୁରୀ ପୌରାଞ୍ଚଳରେ ସଂକ୍ରମଣ ସଂଖ୍ୟା ୧୪୫ ରହିଥିଲା। ଅନ୍ୟପକ୍ଷରେ ପୁରୀ ସଦର ଓ ବ୍ରହ୍ମଗିରିରେ ସଂକ୍ରମଣର ମାତ୍ରା ବଢ଼ିଛି। ଅର୍ଥାତ୍ ଗ୍ରାମାଞ୍ଚଳରେ ସଂକ୍ରମଣ ଧୀରେ ଧୀରେ ବଢ଼ୁଥିବା ସୂଚନା ମିଳୁଛି। ପ୍ରଶାସନ ପକ୍ଷରୁ ପୁରୀ ଟାଉନ୍ ଓ ଏନ୍‌ଏସିଗୁଡ଼ିକରେ ଯେଉଁଭଳି ଭାବେ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରାଯାଉଛି, ଗ୍ରାମାଞ୍ଚଳରେ ସେଭଳି ହେଉ ନ ଥିବା ଅଭିଯୋଗ ଆସୁଛି। ପ୍ରଶାସନର ଏଭଳି ଆଭିମୁଖ୍ୟ ଯୋଗୁ ଗ୍ରାମାଞ୍ଚଳଗୁଡ଼ିକରେ ସ୍ଥିତି ସଙ୍ଗିନ ହେବାର ଆଶଙ୍କା ସୃଷ୍ଟି କରିଛି।

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**




ପ୍ରଭୁ ପ୍ରସାଦ ଦାସ
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ତିନି ଜେଜେ, ତିନି ମା', ଅଜା, ଆଇ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ।
ଧ-୬୯୪୯୯

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
8895029591

## ଜିଲାର ସର୍ବଶ୍ରେଷ୍ଠ ପାର୍କ ପୁରସ୍କାର ପାଇବ ଅଚ୍ୟୁତପୁର

**ଗୋପ,୨୩।୪(ଡି.ଏନ୍.ଏ.)**


ଅଚ୍ୟୁତପୁର ପଞ୍ଚାୟତରେ ନିର୍ମାଣାଧୀନ ପାର୍କ ।

ଗୋପ ବ୍ଲକର ଅଚ୍ୟୁତପୁର ପଞ୍ଚାୟତରେ ନିର୍ମାଣ ଚାଲିଥିବା ପାର୍କ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି। ଏହା ଅତି ସୁନ୍ଦର ଓ ଆକର୍ଷଣୀୟ ହୋଇଥିବାରୁ ପୁରୀ ଜିଲାର ପ୍ରଥମ ପୁରସ୍କାର ଅଚ୍ୟୁତପୁର ପଞ୍ଚାୟତକୁ ମିଳିବ ବୋଲି ଜିଲାପାଳ ସମର୍ଥ ବର୍ମା ଘୋଷଣା କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏହା ଜଣାପଡ଼ିବା ପରେ ସରପଞ୍ଚ ଭକ୍ତବଲ୍ଲଭ ଦାଶଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗୋପ ବ୍ଲକର ସମସ୍ତ ପଞ୍ଚାୟତରେ ପାର୍କ କରିବା ପାଇଁ ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗ ଚିଠି ନମ୍ବର ୧୮୮୯୯, ତା୧୧।୧୦।୨୦୧୮ରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି କାର୍ଯ୍ୟ ଗୋପ ବ୍ଲକର କୌଣସି ପଞ୍ଚାୟତରେ କରାଯାଇ ନ ଥିଲା। ଜିଲାପାଳ ବର୍ମା ପ୍ରତ୍ୟେକ ପଞ୍ଚାୟତରେ ପାର୍କ, ଖେଳପଡ଼ିଆ ସହ ଲାଇବ୍ରେରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ସୁଦ୍ଧା ପ୍ରାୟତଃ ଅନ୍ୟ ପଞ୍ଚାୟତଗୁଡ଼ିକରେ ଏହି କାର୍ଯ୍ୟ ଶେଷ ହୋଇ ନ ଥିବା ସମୟରେ ଅଚ୍ୟୁତପୁର ପଞ୍ଚାୟତରେ ଯୁଦ୍ଧକାଳୀନ ଭିତ୍ତିରେ ସରପଞ୍ଚ ଦାଶ ପାର୍କ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ଏହି ପାର୍କ ଲାଗି ସରପଞ୍ଚ ଦାଶ କୋଲକାତାର ମୁର୍ଶିଦାବାଦରୁ ଘାସ ଆଣି ଥିବାବେଳେ, ରଙ୍ଗ, ଆର୍ଟ ସହିତ ଆଉ କେତେକ ଜିନିଷ ରାଜ୍ୟ ବାହାରୁ ଆଣିଥିବା କହିଛନ୍ତି। ଏପରିକି ପାର୍କରେ ସାଧାରଣ ଲୋକ ବସିବା ଲାଗି ଚେୟାର, ଆକ୍ୱାରିୟମ, ପୋଖରୀ, ସହିତ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷ ଲାଗିଥିବା କହିଛନ୍ତି। ଏହି କଥା ଜିଲାପାଳ ଜାଣିବା ପରେ ଖୁସିବ୍ୟକ୍ତ କରିବା ସହ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରିଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଚନ୍ଦ୍ରମଣି ସୁବୁଦ୍ଧି
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧
ବୋଉ... ପ୍ରତି ମହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି। ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମେ କେବେହେଲେ ଭୁଲିପାରିବୁ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୫୯୧

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



୰ସ୍ନେହଲତା ଷଡ଼ଙ୍ଗୀ
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା)
ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି। ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ। ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ। ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ। ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ।
ଧ-୨୦୪୮୬

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସିକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର୍, ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore, Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କୋଭିଡ୍ କଟକଣା କଡ଼ାକଡ଼ି**

**ସାକ୍ଷୀଗୋପାଳ, (ସ୍ୱ.ପ୍ର):** ସତ୍ୟବାଦୀରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ସଂକ୍ରମଣ ରୋକିବା ପାଇଁ ସତ୍ୟବାଦୀ ଥାନା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ମାସ୍କ ଚେକିଂ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ କୋଭିଡ୍ ଗାଇଡ୍‌ଲାଇନ ମାନିବାକୁ ନିର୍ଦ୍ଦେଶ ଥିଲେ ମଧ କେତେକ ସ୍ଥାନରେ ଏହାର ଉଲ୍ଲଂଘନ ହେଉଛି। ବିଡିଓ କ୍ଷୀରୋଦ କୁମାର ବେହେରା, ତହସିଲଦାର ମନୋଜ କୁମାର ନାୟକ, ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ପ୍ରମୁଖ ପ୍ରତିଦିନ ସାକ୍ଷୀଗୋପାଳ ବଜାର ସମେତ ବିଭିନ୍ନ ଗ୍ରାମରେ ଗାଇଡ୍‌ଲାଇନ ପାଳନ ନେଇ ଅନୁଧାନ କରିବା ସହ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧମରେ ସଚେତନ କରାଉଛନ୍ତି। ସତ୍ୟବାଦୀ ଅଞ୍ଚଳରେ ରାତ୍ରକାଳୀନ କର୍ଫ୍ୟୁକୁ ଆହୁରି କଡ଼ାକଡ଼ି ପାଳନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡରୁ ୪.୫ କେଜି ଗଞ୍ଜେଇ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨୩।୪:** ଖୋର୍ଦ୍ଧାରେ ନିଶା କାରବାର ବଢ଼ି ଚାଲିଛି। ବ୍ରାଉନସୁଗାର କାରବାର ପରେ ଏବେ ସହରରେ ଗଞ୍ଜେଇ କାରବାର ବୃଦ୍ଧି ପାଇଛି। ଗୁରୁବାର ଖୋର୍ଦ୍ଧା ନୂଆବସ୍‌ଷ୍ଟାଣ୍ଡରୁ ଟାଉନ ପୋଲିସ ୪କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳର ଅଶୋକ ମଲ୍ଲିକ, ପରମେଶ୍ୱର ନାୟକ ଓ ପ୍ରଫୁଲ ଦିଗାଲ। ସୂଚନା ମୁତାବକ, ଅଭିଯୁକ୍ତମାନେ ଗୁରୁବାର ନୂଆବସଷ୍ଟାଣ୍ଡରେ ସ୍କୁଲ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ବସ୍‌କୁ ଅପେକ୍ଷା କରିଥିଲେ। ଖବରପାଇ ପୋଲିସ ପହଞ୍ଚିବାରୁ ଅଭିଯୁକ୍ତମାନେ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ମାଡି ବସିଥିଲା। ତେବେ ଏଠାରୁ ଗଞ୍ଜେଇ ପୁରୀ, ନୟାଗଡ଼ ଏବଂ କନ୍ଧମାଳକୁ ଚାଲାଣ ହେଉଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୨୩।୪(ଡି.ଏନ୍.ଏ.):** ଚନ୍ଦ୍ରଭାଗା ମେରାଇନ ଥାନା ଅନ୍ତର୍ଗତ ଖାଲକଟାପାଟଣା ଗ୍ରାମର କାଜୁ ଜଙ୍ଗଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କୋଣାର୍କ ଥାନା ଅଧୀନ ଅରକୁଦ ଗ୍ରାମର ବିଷ୍ଣୁଚରଣ ସ୍ୱାଇଁ(୫୦)। ପୋଲିସ ଏକ ମାମଲା (ନଂ.୨/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଘରୋଇ କଳହ ଯୋଗୁ ଗତ ୧୭ତାରିଖ ଶନିବାରଠାରୁ ବିଷ୍ଣୁଚରଣ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ବିଷ୍ଣୁଚରଣ ନିଖୋଜ ଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଜଙ୍ଗଲକୁ କାଜୁ ଆଣିବା ପାଇଁ ଗ୍ରାମବାସୀ ଯାଇଥିବାବେଳେ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବିଷ୍ଣୁଚରଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଗେଣ୍ଡୁଫୁଲ ଚାଷ ସଂକ୍ରାନ୍ତ କର୍ମଶାଳା

**ବ୍ରହ୍ମଗିରି,୨୩।୪(ଡି.ଏନ୍.ଏ.):** ବ୍ୟବସାୟିକ ଗେଣ୍ଡୁଫୁଲ ଚାଷର ବିକାଶ ନିମନ୍ତେ ଶୁକ୍ରବାର ବ୍ରହ୍ମଗିରି ବ୍ଲକ ବରଝଙ୍ଗା ଗ୍ରାମରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ପୁରୀର ସିଦ୍ଧ ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ କନସଲଟାନ୍ସି ଆୟୋଜନ କରିଥିଲେ। କେନ୍ଦ୍ରୀୟ ଉଦ୍ୟାନ କୃଷି ଗବେଷଣା କେନ୍ଦ୍ରର ଅଧକ୍ଷ ବୈଜ୍ଞାନିକ ଶ୍ରୀନିବାସ ପେଟିକସ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଗେଣ୍ଡୁ ଫୁଲ ଚାଷର ବିକାଶ ନିମନ୍ତେ ଶ୍ରୀନିବାସ ପେଟିକସ ଚାଷୀଙ୍କୁ ଚାଷର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ସତ୍ୟନାରାୟଣ ନାୟକ, ମାନସ ବେହେରା, ଲୋକନାଥ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ୪୬ଜଣ ଫୁଲ ଚାଷୀ ଯୋଗଦେଇଥିଲେ।

### ଛତୁଆ ମିଶ୍ରଣ ଦିବସ



**କୃଷ୍ଣପ୍ରସାଦ,୨୩।୪(ଡ.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ,ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ସହ ୫ଟି ପର୍ଯ୍ୟାୟରେ ହାତ ଧୋଇବା, ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ମୋରଡ଼ାସ୍ଥିତ ମା' ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କରୋନା କଟକଣା ମଧରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ଲକ୍ଷ୍ମୀପ୍ରୀୟା ମିସ୍ତ୍ରୀ ମିଶ୍ରଣ କରିଥିଲେ।

# ରାସ୍ତାରେ ୧୦ କଲେଜର ଛାତ୍ରୀଛାତ୍ର

- ଯୁକ୍ତ ୨ ପରୀକ୍ଷା ଅନ୍‌ଲାଇନ ହେଉ, ନଚେତ ବାତିଲ
- ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଛାତ୍ରମାନେ ଧାରଣାରେ ବସିଛନ୍ତି।

**ଖୋର୍ଦ୍ଧା ଅଫିସ,୨୩।୪**

କରୋନା ମହାମାରୀ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପାଠପଢ଼ା ବନ୍ଦ ରହିଛି। ଅନ୍‌ଲାଇନ ମାଧ୍ୟମରେ ପାଠପଢ଼ା ଜାରି ରହିଛି। ଏଥିସହ ସରକାର ମାଟ୍ରିକ ପରୀକ୍ଷାକୁ ବାତିଲ କରିଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ହେବାକୁ ଥିବା ଯୁକ୍ତ ଦୁଇ ପରୀକ୍ଷା ବାତିଲ କିମ୍ବା ଅନ୍‌ଲାଇନ ମାଧ୍ୟମରେ ପରୀକ୍ଷା ଦାବିରେ ଶୁକ୍ରବାର ଶତାଧିକ ଛାତ୍ରୀଛାତ୍ର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦୀର୍ଘ ସମୟ ଧରି ରାସ୍ତାରେ ବସି ରହିଥିଲେ। ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରୀକ୍ଷା ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନେବାକୁ ଦାବି କରିଛନ୍ତି। ଯଦି ଅନ୍‌ଲାଇନରେ ପରୀକ୍ଷା କରାଯିବ, ତେବେ ସମସ୍ତ ଅପହଞ୍ଚ ଅଞ୍ଚଳରେ ପ୍ରଥମେ ଅନ୍‌ଲାଇନ ବ୍ୟବସ୍ଥା କରାଯାଉ। ନଚେତ୍ ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଦାବିରେ ଉଲ୍ଲେଖ ରହିଛି। ଦାବି ଉପରେ ସରକାରଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ, କେରଙ୍ଗ, କାଇପଦର, ଅରଗୁଳ, ହଳଦିଆ, ଜଟଣୀ, କଂଟିଆ, ନିରାକାରପୁର ଆଦି ୧୦ଟି କଲେଜର ଛାତ୍ରୀଛାତ୍ର ଏକତ୍ରିତ ହୋଇ ଦାବି ଜଣାଇଥିଲେ।

ରାଜ୍ୟର ସମସ୍ତ ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ବେଳେ ସରକାର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ କାହିଁକି ଅଣଦେଖା କରୁଛନ୍ତି। କଲେଜ ପରୀକ୍ଷାକୁ ବାତିଲ କର କିମ୍ବା ଅନଲାଇନରେ ପରୀକ୍ଷା କର। ଏନେଇ ତୁରନ୍ତ ନିଷ୍ପତ୍ତି ନିଆଯାଉ। ଅନ୍ୟ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସରକାର ଚିନ୍ତା କରୁଛନ୍ତି, ଆମକୁ କାହିଁକି ମରଣମୁହଁକୁ ଠେଲି ଦିଆଯାଉଛି ବୋଲି କେତେଜଣ ଛାତ୍ର କହିଛନ୍ତି। ଅନ୍ୟପଟେ କେତେଜଣ ଶିକ୍ଷାବିତ୍‌ଙ୍କ କହିବା ଅନୁଯାୟୀ, ଯୁକ୍ତ ୨ ପରୀକ୍ଷା ପିଲାଙ୍କ ଭବିଷ୍ୟତ ଉପରେ ନିର୍ଭର କରେ। ଉଚ୍ଚ ଶିକ୍ଷା ହାସଲ ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ପିଲାଙ୍କ ଭବିଷ୍ୟତ କ୍ୟାରିୟର ଦୃଷ୍ଟିରୁ ସରକାର ଯଥୋଚିତ ନିଷ୍ପତ୍ତି ନେବା ଆବାଶ୍ୟକ। ପରୀକ୍ଷା ବାତିଲ କରିବା ଠିକ୍ ହେବ ନାହିଁ। ଏଥିଲାଗି ଶିକ୍ଷାବିତ୍‌ଙ୍କ ସହ ଆଲୋଚନା କରି ପରବର୍ତ୍ତି ନିଷ୍ପତ୍ତି ନେବା ଆବଶ୍ୟକ ବୋଲି କହିଛନ୍ତି।

## ଭିଜନ ଡକ୍ୟୁମେଣ୍ଟରେ ୩୨ ବିଦ୍ୟାଳୟ

**ଖୋର୍ଦ୍ଧା ଅଫିସ,୨୩।୪**

### ଉପଲବ୍ଧ ହେବ ଅତ୍ୟାଧୁନିକ ସୁବିଧା



ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଉଛି।

ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଭିଡିଓ କନଫରେନ୍ସରେ ଖୋର୍ଦ୍ଧା ଜିଲାର ହାଇସ୍କୁଲ ଟ୍ରାନ୍ସଫର୍ମେଶନ(ବିଦ୍ୟାଳୟ ରୂପାନ୍ତର) କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଭିଜନ ଡକ୍ୟୁମେଣ୍ଟ ଶୁକ୍ରବାର ଉନ୍ମୋଚନ କରିଛନ୍ତି। ଅତ୍ୟାଧୁନିକ ଭିତ୍ତିଭୂମି ସହିତ ବିଦ୍ୟାଳୟ ପରିବେଶର ସାମଗ୍ରିକ ବିକାଶ ଲକ୍ଷ୍ୟରେ ପ୍ରଥମ ପର୍ଯ୍ୟାୟର ଜିଲାର ୩୨ଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ଅବସରରେ ୫-ଟି ସଚିବ ପାଣ୍ଡିଆନ ଖୋର୍ଦ୍ଧା ଜିଲାପାଳ ସନତ ମହାନ୍ତି, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ରଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ସମସ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ୩୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ସରପଞ୍ଚ, ପୂର୍ବତନ ଛାତ୍ରୀଛାତ୍ର, ଏସ୍‌ଏମ୍‌ସି ସଦସ୍ୟ ଏବଂ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଥିଲେ। ହାଇସ୍କୁଲ ଟ୍ରାନ୍ସଫର୍ମେଶନ ପଦକ୍ଷେପର ଏକ ଅଂଶ ଭାବେ ବିଦ୍ୟାଳୟଗୁଡିକ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରି, ବିଜ୍ଞାନ ଲାଇବ୍ରେରି, କ୍ରୀଡ଼ା ତଥା କ୍ରୀଡ଼ା ଉପକରଣ, ବିଶୁଦ୍ଧ ପାନୀୟଜଳ ସମେତ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଶିକ୍ଷାର ବିକାଶ ଦିଗରେ ସହାୟକ ହେବ ବୋଲି ଅଂଶୀଦାରମାନେ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ଜିଲାର ସମସ୍ତ ଅଂଶୀଦାର ସ୍ୱତନ୍ତ୍ର ସ୍ଲୋଗାନ ବିଦ୍ୟାଳୟ ରୂପାନ୍ତର-ଆମ ସ୍ୱପ୍ନ ପୂରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୫-ଟି ସଚିବ ପ୍ରଯତ୍ନ, ପ୍ରକ୍ରିୟା ପରିବର୍ତ୍ତନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିପାରିବ ବୋଲି କହିଥିଲେ। ମେଡିକାଲ, ଇଞ୍ଜିନିୟରିଂରେ ୧୫ପ୍ରତିଶତ ସ୍ଥାନ ସଂରକ୍ଷଣକୁ ନେଇ ସରକାରଙ୍କ ଉଦ୍ୟମକୁ ଏସ୍‌ଏମ୍‌ସି ସଦସ୍ୟମାନେ ପ୍ରଶଂସା କରିଥିଲେ। ଭଲପାଠ ପଢି ରାଜ୍ୟର ଗୌରବ ହାସଲ କରିବେ ବୋଲି ଛାତ୍ରୀଛାତ୍ରମାନେ କହିଥିଲେ।

## କୋଭିଡ୍ ଟେଷ୍ଟ ପାଇଁ ଲୋକେ ହଟହଟା

**ଜଟଣୀ,୨୩।୪(ଡ.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଟଣୀ ପୌରାଞ୍ଚଳ ବାସୀଙ୍କ ପାଇଁ ସ୍ଥାନୀୟ ଟାଉନ୍ ହଲ(ସ୍ରଷ୍ଟା) ପରିସରରେ କିଛି ମାସ ପୂର୍ବେ ଏକ କୋଭିଡ୍ ଟେଷ୍ଟ କେନ୍ଦ୍ର ଖୋଲାଯାଇଥିଲା। ଏବେ ଦୈନିକ ଶତାଧିକ ଲୋକେ ଏଠାକୁ କୋଭିଡ୍ ଟେଷ୍ଟ ପାଇଁ ଆସୁଥିବା ବେଳେ ଅନେକ ଟେଷ୍ଟ କରି ନ ପାରି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ପ୍ରତ୍ୟେକ ଦିନ ସ୍ଥାନୀୟ ଅସ୍ଥାୟୀ ଟେଷ୍ଟ କେନ୍ଦ୍ରକୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପାଇଁ ୧୦୦ଟି କିଟ୍ ଆସୁଛି । ସେଥିରୁ ୨୦ଟି ଆଣ୍ଟିଜେନ୍ ଏବଂ ୩୦ଟି ଆରଟି-ପିସିଆର କିଟ୍ ଯାହା ଦ୍ୱାରା କେବଳ ୫୦ଜଣଙ୍କ ଟେଷ୍ଟ କରାଯାଉଛି। ଅନ୍ୟପଟେ ଅନେକ ଗୁରୁତର ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟଙ୍କ ଟେଷ୍ଟ ହୋଇ ନ ପାରିବାରୁ ହଇରାଣ ହେଉଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଧିକ ଟେଷ୍ଟ କିଟ୍ ଯୋଗାଇଦେବା ପାଇଁ ଜଟଣୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆଶ୍ରୟର କର୍ମକର୍ତ୍ତା ଦିପକ କୁମାର ପଟ୍ଟନାୟକ ଏବଂ ସୂଚନା ଅଧିକାର କର୍ମୀ ପ୍ରଶାନ୍ତ ମହାପାତ୍ର ଦାବି କିରଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

## ୮ ଅଞ୍ଚଳ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଖୋର୍ଦ୍ଧା ଅଫିସ,୨୩।୪:** ଖୋର୍ଦ୍ଧା ଉପଖଣ୍ଡରେ ୨୩୮ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ୩୪ଜଣ ସୁସ୍ଥ ହୋଇଛନ୍ତି। ୨୦୪ଜଣ ସକ୍ରିୟ ରହିଛନ୍ତି। ୧୯୪ ହୋମ ଆଇସୋଲେଶନ ଏବଂ ୧୦ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଖୋର୍ଦ୍ଧା ଉପଖଣ୍ଡର ୮ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ଶୁକ୍ରବାରଠାରୁ ୨୯ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ କଣ୍ଟେନମେଣ୍ଟ ବଳବତ୍ତର ରହିବ। ଖୋର୍ଦ୍ଧା ବ୍ଲକ ତୋଟାପଡା ପଞ୍ଚାୟତର ପଲା, କେରଙ୍ଗ ପଞ୍ଚାୟତର କେରଙ୍ଗ, ଚିଲିକା ବ୍ଲକ ବଉଳବନ୍ଧ ପଞ୍ଚାୟତର ବଉଳବନ୍ଧ, ସିଂଘେଶ୍ୱର ପଞ୍ଚାୟତର ଦୁଆଲୋ ଓ ଲମ୍ବୋଦରପୁର, ବୋଲଗଡ଼ ବ୍ଲକ ବୋଲଗଡ଼ ପଞ୍ଚାୟତର ତୃତୀୟପଡା ଓ ଅରକ୍ଷାପଲ୍ଲୀ, ଖୋର୍ଦ୍ଧା ପୌରାଞ୍ଚଳର ୧୧ନଂ. ୱାର୍ଡ ମଙ୍ଗଳାନଗରର ୫ଟି ପରିବାର ରହୁଥିବା ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସଂକ୍ରମଣ ନିୟନ୍ତ୍ରଣ, ଜନସ୍ୱାର୍ଥ ଓ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।

# ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୮୮ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୨୩।୪**

ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ ଦେଇ)ରେ କରୋନା ଉପରମୁହାଁ ହେବାରେ ଲାଗିଛି। ଶୁକ୍ରବାର ୨୪ଘଣ୍ଟାରେ ୮୮ଜଣ୍ସଂକ୍ରମିତ ହୋଇଥିବା ବେଳେ ଜିଲାରେ ମୋଟ ୧୪୦୦୪ଜଣ ସଂକ୍ରମିତ ହୋଇଛନ୍ତି। ସେଥିରୁ ୧୩୫୮୨ଜଣ ସୁସ୍ଥ ହୋଇଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୬୫ଜଣ ହୋମ୍ ଆଇସୋଲେଶନରେ ଚିକିତ୍ସିତ ହୋଇଛନ୍ତି। ଶୁକ୍ରବାର ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକରେ ୬ଜଣ ଚହ୍ନଟ ହୋଇଥିବା ବେଳେ ବାଲିପାଟଣା ୪, ଭୁବନେଶ୍ୱର ବ୍ଲକ ୬, ଜଟଣୀ(ବ୍ଲକ/ସହର) ୭, ଖୋର୍ଦ୍ଧା(ବ୍ଲକ/ସହର)୧୮, ବେଗୁନିଆ ୮, ବୋଲଗଡ଼ ୩, ଟାଙ୍ଗୀ ଓ ଚିଲିକା ବ୍ଲକର ୧୦ଜଣ ଲେଖାଏ ରହିଥିବା ବେଳେ ବାଣପୁର ୬, ଅନ୍ୟ ଜିଲାରୁ ୮ ଏବଂ ବିଏମସିରୁ ଆସି ଏଠାରେ ସଂକ୍ରମିତ ୨ଜଣ ରହିଛନ୍ତି।



### ୧,୪୨,୬୫୮ ଟିକା ନେଲେଣି

ଖୋର୍ଦ୍ଧା ଜିଲାରେ ଟିକାକରଣ ଚାଲିଛି। ଶୁକ୍ରବାର ୨୦କେନ୍ଦ୍ରରେ ୩୮୧୨ଜଣଙ୍କୁ ଟିକା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍‌ଦେଇ)ରେ ୧ଲକ୍ଷ ୪୨ ହଜାର ୬୫୮ଜଣ ଟିକା ନେଇଛନ୍ତି। ଜିଲାର ୧୦ଟି ବ୍ଲକ କେନ୍ଦ୍ରରେ ୮୯୧ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆରଟି-ପିସିଆର ୩୬୫ ଓ ଆଣ୍ଟିଜେନ ୫୨୬ ରହିଛି। ଜିଲାରେ ମୋଟ୍ ୩ଲକ୍ଷ ୫ହଜାର ୫୦୪ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ଆରଟି-ପିସିଆର ୭୮୦୩, ଟ୍ରୁନାଟ ୬୧୬ ଏବଂ ଆଣ୍ଟିଜେନ ଟେଷ୍ଟ ୨ଲକ୍ଷ ୨୬ହଜାର ୮୫ ରହିଛି।

### ୩,୪୦,୭୮୦ ଟଙ୍କା ଜରିମାନା ଆଦାୟ

କରୋନା ନିୟନ୍ତ୍ରଣ ଲାଗି ସରକାର ମାସ୍କ ପରିଧାନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଛି। ଖୋର୍ଦ୍ଧା ଜିଲା(ବିଏମସିକୁ ବାଦ ଦେଇ) ସମସ୍ତ ତହସିଲ, ପୌରାଞ୍ଚଳ ଓ ଏନ୍‌ଏସି ଅଞ୍ଚଳରେ ୩ଲକ୍ଷ ୪୦ହଜାର ୭୮୦ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲିଅନ୍ତା ତହସିଲରୁ ୧୬୫୦, ବାଲିପାଟଣାରୁ ୭୧୦୦, ଭୁବନେଶ୍ୱର ତହସିଲରୁ ୪୯୯୦୦, ଜଟଣୀରୁ୨୨୬୦୦, ଖୋର୍ଦ୍ଧାରୁ ୧୯୭୯୦, ବେଗୁନିଆରୁ ୫୫୭୦୦, ବୋଲଗଡ଼ରୁ୨୪୪୮୦, ଟାଙ୍ଗୀରୁ ୧୭୭୫୦, ଚିଲିକାରୁ ୧୪୭୫୦, ବାଣପୁରରୁ ୩୪୮୧୦, ଜଟଣୀ ମ୍ୟୁନସିପାଲଟିରୁ ୧୫୯୦୦, ଖୋର୍ଦ୍ଧା ମ୍ୟୁନିସିପାଲଟିରୁ ୨୦୭୫୦, ବାଲୁଗାଁ ଏନ୍‌ଏସିରୁ୨୩୯୦୦, ବାଣପୁର ଏନ୍‌ଏସିର୩୧୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ବାହାନା ଚଳିବନି, ଘରେ ରୁହ

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର କଟକ, ଭୁବନେଶ୍ୱର ସମେତ ୨୦ଟି ସହରାଞ୍ଚଳରେ ଶନିବାର ନାଇଟ କର୍ଫ୍ୟୁ ଲାଗୁ କରିଥିବା ବେଳେ ରାଜ୍ୟର ସମସ୍ତ ସହରାଞ୍ଚଳରେ ଶନି ଓ ରବିବାର ଶଟଡାଉନ ଘୋଷଣା କରିଛନ୍ତି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏସ୍‌ପି ରାଜକିଶୋର ଦୋରା କହିଛନ୍ତି ଯେ, ଦୁଇ ଦିନିଆ ଶଟ୍‌ଡାଉନ ଲାଗି ପୋଲିସ ପ୍ରସ୍ତୁତ ରହିଛି। ସେବାଭୁକ୍ତ କର୍ମଚାରୀ ପାସ୍ ଦେଖାଇ ଯାତାୟାତ କରି ପାରିବେ। ବିନା କାରଣରେ କୌଣସି ବ୍ୟକ୍ତି ବୁଲୁଥିବା ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ଛକ ସ୍ଥାନକୁ ବ୍ଲକିଂ କରାଯିବା ସହ ଚେକିଂ କଡ଼ାକଡ଼ି କରାଯିବ। କୌଣସି ବାହନା ଚଳିବ ନାହିଁ। କୌଣସି ଜରୁରୀ ନ ଥିଲେ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି।

### ୮ କୋଭିଡ୍ ଯୋଦ୍ଧାଙ୍କୁ ୩.୩୦କୋଟି

କୋଭିଡ୍‌ରେ ଡ୍ୟୁଟି କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ୬ ଜଣ କୋଭିଡ୍ ଯୋଦ୍ଧା ଏବଂ ୨ଜଣ ଖବରଦାତାଙ୍କୁ ସରକାର ୩କୋଟି ୩୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେଥିରୁ ୬ କୋଭିଡ୍ ଯୋଦ୍ଧାଙ୍କ ମଧ୍ୟରୁ ୪ଜଣ ପୋଲିସ କର୍ମଚାରୀ, ଜଣେ ସରପଞ୍ଚ ଏବଂ ବାଲୁଗାଁ ଏନ୍‌ଏସିର ଡ୍ରାଇଭର ରହିଛନ୍ତି। କୋଭିଡ୍ ଯୋଦ୍ଧା ଜଣ ପିଛା ୫୦ଲକ୍ଷ ଟଙ୍କା ଦିଆଯାଇଛି। ସେହିପରି ୨ ଖବରଦାତାଙ୍କୁ ଜଣକ ପିଛା ୧୫ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବବୁଲ



@ ଅଭିନାଶ



@ ସଞ୍ଜିତ୍



@ ଅଜୟ



@ ସାଗର



@ ଜଗନ୍ନାଥ

## 'କୋଭିଡ୍ କଟକଣା ଉପରେ ଗୁରୁତ୍ୱ'



ବୈଠକରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ଓ ଅନ୍ୟମାନେ।

**ଜଟଣୀ,୨୩।୪(ଡ.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ କରୋନା ନିୟନ୍ତ୍ରଣ ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି, ୱାର୍ଡସ୍ତରରେ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ଜାଗ୍ରତ କରିବା, ଜନଗହଳି ପରିଲକ୍ଷିତ ହେଲେ ପୋଲିସ ସହାୟତାରେ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ କଠୋର ପଦକ୍ଷେପ ନେବା, ବାହାର ଅଞ୍ଚଳରୁ ଆସିଥିବା ଲୋକଙ୍କ ଉପରେ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ନଜର ରଖିବା ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦିକେହି ସଂକ୍ରମିତ ଥିବା ସୂଚନା ମିଳେ ତେବେ ସେମାନଙ୍କୁ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରେ ରଖିବା ପାଇଁ କହିଥିଲେ। ବିଡିଓ ସରୋଜ କୁମାର ରାଉତ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ପଞ୍ଚାୟତସ୍ତରୀୟ ଟିଏମ୍‌ସିକୁ ପ୍ରସ୍ତୁତ ରଖାଯାଇଥିବା ଓ ବ୍ଲକ କ୍ଲଷ୍ଟର ସ୍ତରୀୟ ଟିଏମ୍‌ସି ଖୋଲାଯାଇଥିବା କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆର୍‌ଆର୍‌ଟି ଟିମ୍ ସଂକ୍ରମିତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରିବା ସହିତ ଯେଉଁ ସଂକ୍ରମିତ ବ୍ୟକ୍ତି ନିଜ ଘରେ ସଙ୍ଗରୋଧରେ ରହିଛନ୍ତି ପ୍ରତ୍ୟେକ ଦିନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ନିମନ୍ତେ ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ସପ୍ତାହାନ୍ତ ଶଟ୍‌ଡାଉନ୍ ପରିପ୍ରେକ୍ଷୀରେ ଜଟଣୀ ସହରରେ ଏନ୍‌ଫୋର୍ସମେଣ୍ଟ କଡାକଡି କରିବା ପାଇଁ ଜଟଣୀ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ତହସିଲଦାର ତପନ କୁମାର ମହାପାତ୍ର, ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ, ସିଡିପିଓ ବନ୍ଦନା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।